

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୦୦ ଭୁବନେଶ୍ୱର ବୁଧବାର, ଡ଼ିସେମ୍ବର ୧୮.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.100 Bhubaneswar, Wednesday, December 18, 2024


## ସଂସଦରେ ଆଗତ ହେଲା 'ୱାନ୍ ନେସନ୍ ୱାନ୍ ଇଲେକ୍ସନ୍' ବିଲ୍



ନୂଆଦିଲ୍ଲୀ, ୧୭/୧୨: ଆଜି ସଂସଦରେ ଆଗତ ହୋଇଛି ବହୁ ଚର୍ଚ୍ଚିତ 'ୱାନ୍ ନେସନ୍ ୱାନ୍ ଇଲେକ୍ସନ୍' ବିଲ୍। ପ୍ରବଳ ହଙ୍ଗାମା ମଧ୍ୟରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଆଜି ଏହି ବିଧେୟକକୁ ଲୋକସଭାରେ ଆଗତ କରିଛନ୍ତି। ବିଲ୍ ଆଗତ ହେବା ପରେ ଏହାକୁ ନେଇ ଲୋକସଭାରେ ଆରମ୍ଭ ହୋଇଛି ପ୍ରବଳ ହଟ୍ଟଗୋଳ। ବିପକ୍ଷ ନେତା ଏହାକୁ ତୀବ୍ର ବିରୋଧ କରିଛନ୍ତି। ଚର୍ଚ୍ଚା ଆରମ୍ଭରୁ କଂଗ୍ରେସ ଏହାକୁ ବିରୋଧ କରିଥିବା ବେଳେ କଂଗ୍ରେସ ନେତା ମନିଷ ତିୱାରୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ବିଲ୍ ସମ୍ବିଧାନର ମୂଳ ଢାଞ୍ଚା ଉପରେ କୁଠାରଘାତ । ସମାଜବାଦୀ ସାଂସଦ ଧର୍ମେନ୍ଦ୍ର ଯାଦବ ବି ଏହି ବିଲ୍‌କୁ ବିରୋଧ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ କହିଛନ୍ତି, ଏହି ବିଧେୟକ ଏକ ଅଲଟ୍ରା ଭାଇରସ ହୋଇଥିବା ବେଳେ ଏହା ସମ୍ବିଧାନର ମୂଳ ଢାଞ୍ଚାକୁ ଭାଙ୍ଗିବାକୁ ଉଦ୍ଦିଷ୍ଟ । କିଛି ଦିନ ତଳେ ଏକକ ନିର୍ବାଚନ ବିଲ୍‌କୁ ମିଳିଥିଲା କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ । ଆଜି ବିଲ୍ ଆଗତ ହୋଇଥିବା ବେଳେ ପରେ ଏହା ଜଏଣ୍ଟ ପାର୍ଲାମେଣ୍ଟାରି କମିଟିକୁ ପଠାଯାଇପାରେ । ଜେପିସିରେ ଥିବା ସବୁ ରାଜନୀତିକ ଦଳର ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ବିଧେୟକ ପାରିତ ହେବା ନିମନ୍ତେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହୋଇଥିବାରୁ ବିଜେପି ନିଜ ଦଳର ସମସ୍ତ ସାଂସଦଙ୍କୁ ଆଜି ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ ଜାରି କରିଛି। ଚୂଡ଼ାନ୍ତ ବିଲ ପୁଣି ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି। ବୁଦ୍ଧିଜୀବୀ, ବିଶେଷଜ୍ଞ, ସାମାଜିକ ସଂସ୍ଥାର ସଦସ୍ୟ ଓ ସମସ୍ତ ରାଜ୍ୟର ବିଧାନସଭା ବାଚସ୍ପତିମାନେ ମଧ୍ୟ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପରେ ନିଜର ମତ ରଖିବେ। ଅତିରିକ୍ତ ଭାବେ ବିଲ୍‌କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସାଧାରଣ ଲୋକଙ୍କ ମତ ମଧ୍ୟ ନେବେ। ସରକାର ସମସ୍ତଙ୍କୁ ସାମିଲ କରି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## କୁଲଡ଼ିହା ଜଙ୍ଗଲରେ ବାଘୁଣୀ ଯମୁନା



ଭୁବନେଶ୍ୱର, ୧୭/୧୨ :ଶିମିଳିପାଳ ଅଭୟାରଣ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ମହାରାଷ୍ଟ୍ରର ତଡବା ଜଙ୍ଗଲରୁ ଆସିଥିଲେ ବାଘୁଣୀ ଜିନତ୍ ଓ ଯମୁନା। ହେଲେ ସମାନେ ଏବେ ଶିମିଳିପାଳ ଅଭୟାରଣ୍ୟରେ ନାହାଁନ୍ତି। ଜିନତ୍ ଝାରଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିବା ବେଳେ ଯମୁନା କୁଲଡିହା ଅଭୟାରଣ୍ୟକୁ ପଳାଇଛି। ସେମାନେ ଖୁବ୍‌ଶୀଘ୍ର ଫେରିବେ ବୋଲି ଦମ୍ଭୋକ୍ତି ଦେଖାଇଛି ବନ ବିଭାଗ। ତଥାପି ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ମହାରାଷ୍ଟ୍ରର ତଡବା ଜଙ୍ଗଲରୁ ଆସିଥିଲା ଜିନତ। ତା'ର ବୟସ୍ ୨ ବର୍ଷରୁ ଅଧିକ ହେବ। ଜିନତ କିଛି ଦିନ କ୍ୱାରେଣ୍ଟିନ୍‌ରେ ରହିବା ପରେ ଶିମିଳିପାଳର କୋର ଏରିଆକୁ ଯାଇଥିଲା। କିଛି ଦିନ ଶିମିଳିପାଳ ଅଭାୟରଣ୍ୟରେ ଘୁରି ବୁଲିଥିଲା। ଶିକାର କରି ଖାଇଥିଲା। ପରବର୍ତ୍ତୀ ସମୟରେ ନିଜ ପାଇଁ ସ୍ୱତନ୍ତ୍ର ଅଞ୍ଚଳ ତିଆରି କରିବାକୁ ଜିନତ୍ ଶିମିଳିପାଳ ଅଭୟାରଣ୍ୟ ଛାଡ଼ିଥିଲା। ସିଏ ଏକ ଜାତୀୟ ରାଜପଥ ଅତିକ୍ରମ କରି ଝାରଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିଲା। ଏବେ ସେ ସେଠାରେ ଘୁରି ବୁଲୁଛି। ଶିକାର କରି ଖାଇଛି। ଉପବାସରେ ନଥିବ। ବାଘୁଣୀର ପ୍ରକୃତି ହେଉଛି, ଥରେ ପେଟ ପୂରା ଖାଇଲେ ସପ୍ତାହେ ପର୍ଯ୍ୟନ୍ତ ଭୋକ ଲାଗେନାହିଁ। ବର୍ତ୍ତମାନ ତା' ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବନ୍ୟପାଣି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି। ଠିକ୍ ସେମିତି ଯମୁନାର ବୟସ ବହୁତ କମ୍। ତା'ର ବୟସ୍ ୨ ବର୍ଷରୁ କମ୍ ହେବ। ସିଏ ମଧ୍ୟ ତଡବା ଜଙ୍ଗଲରୁ ଆସିଛି। ତଡ଼ବା ଜଙ୍ଗଲରେ ବହୁତ ଖୋଲା ଜାଗା ରହିଛି। ଶିମିଳିପାଳକୁ ଆସିବା ପରେ ସିଏ ନିଜ ପାଇଁ ଅଞ୍ଚଳ ତିଆରି କରୁଛି। ତେଣୁ ଯମୁନା କୁଲଡିହା ପଳାଇ ଯାଇଛନ୍ତି। ସେମାନେ ପୁଣି ଫେରି ଆସିବେ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଏଥିରେ କିଛି ଅସୁବିଧା ନାହିଁ ବୋଲି ବନ୍ୟପାଣି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି।

# ସାଇବର ସଚେତନତାମୂଳକ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୧୨: ସମ୍ପ୍ରତି ସାଇବର ଅପରାଧ ଚିନ୍ତାଜନକ ପାଲଟିଥିବା ବେଳେ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀଙ୍କ ଦ୍ୱାରା ରଚିତ ସଚେତନତା ପୁସ୍ତକ 'ସାଇବର ଅପରାଧ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ବିଧାନସଭାର ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ପୁସ୍ତକକୁ ଗତ ୧୧ ତାରିଖରେ ଉନ୍ମୋଚନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପୂର୍ବତନ ବିଧାୟିକା କୁସୁମ ଟେଟେ, 'ସାଇବର ଅପରାଧ' ପୁସ୍ତକ ଲେଖକ ତଥା 'ସମ୍ବାଦ' ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ଶୁଭକାନ୍ତ ପଢ଼ିହାରୀ, ଇଂରାଜୀ ଅନୁବାଦ କରିଥିବା ଶିକ୍ଷକ ରାକେଶ ରୋସନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ଅପରାଧ କ'ଣ, କେମିତି ସାଇବର ଅପରାଧୀମାନେ ଟଙ୍କା ଠକେଇ କରନ୍ତି, ଅନଲାଇନ୍ ଠକେଇ, କ୍ୟୁଆର କୋଡ୍ ସ୍କାନ୍ ଠକେଇ, ପାର୍ସଲ ନାଁରେ ଠକେଇ(ଡିଜିଟାଲ୍ ଆରେଷ୍ଟ), କୌନ ବନେଗା କରୋଡପତି ଭଳି ଅପରାଧୀଙ୍କ ଜାଲ୍ ଲଟେରି ସ୍କାମ୍ ଜରିଆରେ ଠକେଇ ପ୍ରସଙ୍ଗରେ ଏଥିରେ ବର୍ଣ୍ଣନା କରାଯାଇଛି। ସାଇବର ଅପରାଧ କ'ଣ, କେମିତି ସାଇବର ଅପରାଧୀମାନେ ଟଙ୍କା ଠକେଇ



କରନ୍ତି, ଅନଲାଇନ୍ ଠକେଇ, କ୍ୟୁଆର କୋଡ୍ ସ୍କାନ୍ ଠକେଇ, ପାର୍ସଲ ନାଁରେ ଠକେଇ(ଡିଜିଟାଲ୍ ଆରେଷ୍ଟ), କୌନ ବନେଗା କରୋଡପତି ଭଳି ଅପରାଧୀଙ୍କ ଜାଲ୍ ଲଟେରି ସ୍କାମ୍ ଜରିଆରେ ଠକେଇ, ମୋବାଇଲ ଓ ଇଣ୍ଟରନେଟ୍ ରିଚାର୍ଜ ନାଁରେ ଠକେଇ, ୱାର୍କ ଫ୍ରମ ହୋମ୍ ନାଁରେ ପ୍ରମୁଖ ଠକେଇ, ଠକାମିର ଶିକାର ହେଲା ପରେ କେଉଁ ପଦକ୍ଷେପ ଗ୍ରହଣ କରିବେ, ଠକେଇରୁ ରକ୍ଷା ପାଇବା ପାଇଁ କେଉଁ ଉପାୟ ଓ କୌଶଳ ଅବଲମ୍ବନ କରିବେ ସେ ନେଇ ଏହି ପୁସ୍ତିକାରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିବା ଲେଖକ ଶୁଭକାନ୍ତ ପଢ଼ିହାରୀ ସୂଚନା ଦେଇଛନ୍ତି। ବିଶେଷ କରି ହାଇସ୍କୁଲ, କଲେଜ ଛାତ୍ରଛାତ୍ରୀ, ଯୁବପିଢ଼ି, ମହିଳା ଓ ସ୍ମାର୍ଟ ଫୋନ୍ ଚଳାଉଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ପୁସ୍ତିକା ବେଶ୍ ଉପାଦେୟ ହୋଇପାରିବ ବୋଲି ସେ କହିଛନ୍ତି। ଓଡ଼ିଆରେ ବିସ୍ତୃତ ଭାବେ ସାଇବର ଅପରାଧ ସଚେତନତା ସମ୍ପର୍କିତ ପୁସ୍ତକ ପ୍ରକାଶ ପାଇବା ପ୍ରଥମ ବୋଲି ସେ ସୂଚନା ଦେଇଛନ୍ତି। ଶାନ୍ତିସେନା ପବ୍ଲିକେସନ୍ ପକ୍ଷରୁ ଏହି ପୁସ୍ତକ ପ୍ରକାଶ ପାଇଛି।

## ରଥକାଠ ଅନୁକୂଳ ପାଇଁ ନୟାଗଡ ଗଲା ଆଜ୍ଞାମାଳ

ପୁରୀ, ୧୭/୧୨: ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟ ପର୍ବ। ଆସନ୍ତା ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ ଆଣିବାକୁ ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ। ଶ୍ରୀମନ୍ଦିର ପ୍ରଶାସନର ୩ ଜଣିଆ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ନୟାଗଡ଼ରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି। ପରମ୍ପରା ଅନୁସାରେ ଗଣିଆ ବନାଞ୍ଚଳର ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ହୋମ ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଠାକୁରାଣୀଙ୍କୁ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ ସହ ଲାଗି ଖଣ୍ଡୁଆ, ନଡ଼ିଆ ଆଦି ସମର୍ପଣ କରାଯିବା ପରେ ଗଛକଟା ପ୍ରକ୍ରିୟା ଆରମ୍ଭ ହୋଇଥାଏ। ବିଧିଅନୁଯାୟୀ ଶ୍ରୀପଞ୍ଚମୀ ପୂର୍ବରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ପୁରୀକୁ ଦୁଇ ଟ୍ରକ ରରଥକାଠ ପଠାଯାଇଥାଏ । ପୁରୀ ରଥଯାତ୍ରା ପାଇଁ ନୟାଗଡ଼ ବନଖଣ୍ଡକୁ ଚଳିତ ବର୍ଷ ୮୧୪ ଖଣ୍ଡକାଠ ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

## ଭୁବନେଶ୍ୱର ନୁହେଁ; ଦିଲ୍ଲୀରେ ହାଜର ହେବେ ବିଷ୍ଣୁପଦ ସେଠୀ

ଭୁବନେଶ୍ୱର, ୧୭/୧୨: ଦିଲ୍ଲୀରେ ହାଜର ହୋଇପାରନ୍ତି IAS ବିଷ୍ଣୁପଦ ସେଠୀ। ଦିଲ୍ଲୀରେ ହାଜର ହେବା ନେଇ CBIକୁ ବିଷ୍ଣୁପଦ ଚିଠି ଲେଖିଥିବା ସୂଚନା ମିଳିଛି। ଦିଲ୍ଲୀରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ସହ ସମସ୍ତ ତଥ୍ୟ ରଖିବେ ବୋଲି ବିଷ୍ଣୁପଦ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଭୁବନେଶ୍ୱରରେ ହାଜର ନ ହେବା ପାଇଁ ସେ ଚିଠି ଲେଖିଥିବା ଜଣାପଡ଼ିଛି। ବ୍ରିଜ ଆଣ୍ଡ ରୁଫ କମ୍ପାନୀ ଜିଜିଏମ୍ ଙ୍କ ସହ ୧୫ ଲକ୍ଷ ଟଙ୍କା କାରବାର ମାମଲାରେ ବିଷ୍ଣୁପଦ ସେଠୀଙ୍କୁ ସମନ କରିଛି ସିବିଆଇ। ୧୦ ତାରିଖରେ ସମନ ଜାରି ହୋଇଥିବାବଏଳେ ୧୧ ତାରିଖରେ ହାଜର ପାଇଁ କୁହାଯାଇଥିଲା। ଏହା ମଧ୍ୟରେ ବିଷ୍ଣୁପଦଙ୍କ ତିନି ଡ୍ରାଇଭରଙ୍କୁ ସିବିଆଇ ଜେରା କରି ସାରିଛି।ଏହି ୩ଜଣ ଡ୍ରାଇଭରଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ଲାଂଚ ଟଙ୍କା ନେଣଦେଣ ହେଉଥିବା ସିବିଆଇ ସନ୍ଦେହ କରିଛି। ଗତ ୭ତାରିଖରେ ଜୟଦେବ ବିହାର ଅଂଚଳରୁ ଏକ କାରରୁ ସିବିଆଇ ଅଫିସରମାନେ ୧୦ଲକ୍ଷ ଟଙ୍କା ନଗଦ ଲାଂଚ ଟଙ୍କା ଜବତ କରିବା ସହ ୩ଜଣଙ୍କୁ ଗିରଫ କରିବା ପରେ ଏହି ଟେଣ୍ଡର ଫିକ୍ସିଂର ନୂଆ ଦିଗ ପଦାକୁ ଆସିଛି। କେନ୍ଦ୍ରୀୟ ପିଏସୟୁ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ଜେନେରାଲ ମ୍ୟାନେଜର ଚଂଚଳ ମୁଖାର୍ଜୀଙ୍କ ସମେତ ଆଦିତ୍ୟଦେବ ଇନଫ୍ରାଷ୍ଟକର ପ୍ରାଃ ଲିଃର ଦେବଦତ୍ତ ମହାପାତ୍ର ଓ ପେଣ୍ଟା ଏ ଷ୍ଟୁଡ଼ିଓ ପ୍ରାଇଭେଟ୍ ଲିଃର ସନ୍ତୋଷ ମହାରଣାଙ୍କୁ ସିବିଆଇ ଗିରଫ କରିବା ପରେ ବିଷ୍ଣୁପଦଙ୍କ ସମ୍ପୃକ୍ତିର ପୁଳାପୁଳା ପ୍ରମାଣ ପାଇଛି ସିବିଆଇ। କେନ୍ଦ୍ରୀୟ ପିଏସୟୁଠୁ 'ସବଲେଟ୍'ରେ ଏହି ଦୁଇ ବିଲଡର ସଂସ୍ଥା କିଭଳି କାର୍ଯ୍ୟ ପାଇବେ ସେନେଇ ସୁଚିନ୍ତିତ ରଣନୀତିରେ କାର୍ଯ୍ୟ କରାଯାଇଥିବାର ଅଭିଯୋଗ ହେଉଛି। ଯେଉଁଥିପାଇଁ ଗତ ଅକ୍ଟୋବର ୧୯ତାରିଖରେ ବିଷ୍ଣୁପଦ ନିଜେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ଭାବେ ୪ଟି କେନ୍ଦ୍ରୀୟ ପିଏସୟୁ ବ୍ରିଜ୍ ଆଣ୍ଡ ରୁଫ୍, ୱାପକୋସ, ଏନବିସିସି ଓ ସିଇଏଲ ସଂସ୍ଥାର ମୁଖ୍ୟଙ୍କୁ ଚିଠି ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଆବାସିକ ଆଶ୍ରମ ସ୍କୁଲର ଉନ୍ନତିକରଣ କାର୍ଯ୍ୟ କରିବା ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ୪ଟି ସଂସ୍ଥାକୁ ମୋଟ ୩୬୧କୋଟି ଟଙ୍କାର କାର୍ଯ୍ୟ କରିବା ନିମନ୍ତେ ପ୍ଲାନ୍ ଓ ଡିଜାଇନ୍ ପ୍ରସ୍ତୁତ କରି ବିଭାଗରେ ଦାଖଲ ନିମନ୍ତେ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ନିଜସ୍ୱ ସଂସ୍ଥା ଯାହାର କି ଇଞ୍ଜିନିୟର୍ସ ଟିମ୍ ସହ ଆବଶ୍ୟକ ଜ୍ଞାନକୌଶଳ ଓ ଭିତ୍ତିଭୂମି ରହିଛି ସେମାନଙ୍କୁ ଏଡ଼ାଇ ଯାଇ ଏହି ନିର୍ଦ୍ଦିଷ୍ଟ କେନ୍ଦ୍ରୀୟ ପିଏସୟୁ କାର୍ଯ୍ୟ କରିବା ନିମନ୍ତେ କାହିଁକି ବିଷ୍ଣୁପଦ ବାଛିଥିଲେ।

# ମାଡି ବସିଲେଣି ୫୦୦ ଏକର

ଭୁବନେଶ୍ୱର, ୧୭/୧୨: ରାଜଧାନୀରେ ୫୦୦ ଏକର ସରକାରୀ ଜମିକୁ ମାଫିଆମାନେ ମାଡି ବସିଲେଣି । ସଚିବାଳୟର ଆଖପାଖରୁ ଆରମ୍ଭକରି ସହରତଳି ଅଞ୍ଚଳ ପର୍ଯ୍ୟନ୍ତ ଯେଉଁଠି ସରକାରୀ ଜାଗା ଦେଖୁଛନ୍ତି ତାକୁ ଜବରଦସ୍ତ ମାଡି ବସୁଛନ୍ତି । ସରକାରୀ ଜମି ଉଦ୍ଧାର ପାଇଁ ସରକାରଙ୍କର ଏକାଧିକ ଏନଫୋର୍ସମେଣ୍ଟ ସଂସ୍ଥା ଥିଲେ ମଧ୍ୟ ମୂଲ୍ୟବାନ ଜମିଗୁଡିକୁ ଉଦ୍ଧାର କରାଯାଉ ନାହିଁ । ରାଜଧାନୀ ସହର ସମେତ ଏହାର ଆଖପାଖରେ ସାଧାରଣ ପ୍ରଶାସନ ବିଭାଗର ପାଖପାଖି ୨୫ହଜାର ଏକର ଜମି ରହିଛି । ହେଲେ ଏହି ଜମିରୁ ୫୦୦ ଏକର ମୂଲ୍ୟବାନ ଜମିକୁ ମାଫିଅମାନେ ଜବରଦଖଲ କରିସାରିଲେଣି । ଆଗକୁ ଆହୁରି ଜମି ଦଖଲ ଲାଗି ଯୋଜନା ଚାଲିଥିବା ସୂଚନା ମିଳିଛି । କେବଳ ବାପୁଜୀନଗରରେ ଜବରଦଖଲ ହୋଇଛି ୫ଏକର ଜମି । ଅଶୋକନଗରରେ ୭ଏକରରୁ ଜମିକୁ ବି ମାଫିଅମାନେ ଦଖଲ କରିନେଇଛନ୍ତି । ସାରା ଭୁବନେ୍‌?ବରରେ ସମାନ ଅବସ୍ଥା । ଗୌତମନଗର, ଚନ୍ଦ୍ରଶେଖରପୁର, କପିଳପ୍ରସାଦ, ସୂର୍ଯ୍ୟନଗର, ଶହୀଦନଗର, ବମିଖାଲ ଆଦି ଅଞ୍ଚଳରେ ମୂଲ୍ୟବାନ ଜମି ଜବରଦଖଲ ହୋଇଛି । ସରକାର ବି ଜମି ଉଦ୍ଧାର ପାଇଁ ୧୦ହଜାରରୁ ଅଧିକ ମାମଲା ଲଢୁଛନ୍ତି । ତେବେ ଯେଉଁସବୁ ସ୍ଥାନରେ ବିଡିଏ, ହାଉସିଂବୋର୍ଡ, ଖଦିବୋର୍ଡ ଭଳି ସଂସ୍ଥାର ଜମିଗୁଡିକ ଜବଦରଖଲ ହେଉଛି ତାହାକୁ ମୁକୁଳାଇବାପାଇଁ



ସରକାର ଯେଭଳି ପଦକ୍ଷେପ ନେବାକଥା ତାହା ନେଉନାହାନ୍ତି । ଫଳରେ ଏହିସବୁ ସଂସ୍ଥା ଯାହା ଅଳ୍ପକିଛି ଜମି ରାଜଧାନୀରେ ରହିଛି ତାହାକୁ ବି ଆଉ କିଛିଦିନ ମଧ୍ୟରେ ଜବରଦଖଲକାରୀମାନେ ଅଧିଗ୍ରହଣ କରିନେବେ । ସରକାରୀ ଜମିକୁ ମୁକୁଳାଇବାପାଇଁ ବିଡିଏ, ବିଏମ୍‌ସି ଓ ସାଧାରଣ ପ୍ରଶାସନ ନିକଟରେ ଏନଫୋର୍ସଟିମ୍ ରହିଛନ୍ତି । ଏମାନେ ଯେଉଁ ମୂହୂର୍ତ୍ତରେ ଚାହିଁବେ କମିଶନରେଟ ପୁଲିସ୍ ସେମାନଙ୍କୁ ଆବଶ୍ୟକ ସୁରକ୍ଷାବଳ ଯୋଗାଇଦେବ । ହେଲେ ଏହି ତିନି ସଂସ୍ଥାର ଏନଫୋର୍ସମେଣ୍ଟ ଟିମ୍ ମଝିରେ ମଝିରେ ଛୋଟ ମୋଟ ଉଚ୍ଛେଦ କରି ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି । ସରକାରଙ୍କର କୋହଲ ପଣ ଦେଖି ଏବେ ମାଫିଅମାନେ ସରକାରୀ ଜମିକୁ ଜବରଦଖଲ କରିବା ସହିତ ତୁରନ୍ତ ତାହାକୁ ପ୍ଲଟ କରି ବିକି ଦେଉଛନ୍ତି । ସବୁଠାରୁ ବଡ କଥା ହେଲା ମାଫିଆମାନେ ସରକାରୀ ଜମିକୁ ଜବରଦଖଲ କରିବା ପରେ ତତ୍କାଳ ଦୁଇ ସରକାରୀ ସଂସ୍ଥା ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ସେଠାରୁ ପାଣି ଓ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେଉଛନ୍ତି । ପରେ ଏହାକୁ ବସ୍ତିର ମାନ୍ୟତା ମିଳିଯାଉଛି । ଯାହା ଫଳରେ ବିନା କାଗଜପତ୍ରରେ ମାଫିଆମାନେ ସରକାରୀ ଜମିକୁ କୋଟି କୋଟି ଟଙ୍କାରେ ବିକ୍ରି ମାଲେମାଲ ହେଉଥିବାବେଳେ ସରକାର କିନ୍ତୁ ରାଜକୋଷରୁ ଅର୍ଥ ଶ୍ରାଦ୍ଧ କରି ୧୦ହଜାରରୁ ଅଧିକ ମାମଲା ଲଢୁଛନ୍ତି ।

# ରାଜ୍ୟର ୩ କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟକାର୍ଡ

**ଭୁବନେଶ୍ୱର, ୧୭/୧୨(ନିପ୍ର):**
ଭୁବନେଶ୍ୱର, ୧୬/୧୨: ଓଡ଼ିଶାରେ ଏକ ସୁଦୃଢ଼ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏ ଦିଗରେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ରାଜ୍ୟରେ ପିଏଚ୍‌ସି ଓ ସିଏଚ୍‌ସିରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ରହିଛି । ତେଣୁ ସେଠାରେ କୁଶଳୀ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରିବା ଜରୁରି । ଫଳରେ ରାଜ୍ୟବାସୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ରବିବାର 'ଭିଜନ୍ ଓଡ଼ିଶା ହେଲ୍‌ଥ କନ୍‌କ୍ଲେଭ୍'ରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଇନ୍‌ସ୍ୟୁରାନ୍ସ ନୁହେଁ, ଆସ୍ୟୁରାନ୍ସ ମୋଡ୍‌ରେ ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ସେବା ମିଳିବ । ରାଜ୍ୟର ୩ କୋଟି ଲୋକଙ୍କୁ ସରକାର ସ୍ୱାସ୍ଥ୍ୟକାର୍ଡ




ଦେବେ । ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଖର୍ଚ୍ଚ ଆରମ୍ଭ ହୋଇଯାଇଛି । ଆଗକୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ । ପୂର୍ବରୁ ଏହି ସ୍ୱାସ୍ଥ୍ୟକାର୍ଡରେ ମାତ୍ର ୯୫୬ ହସ୍ପିଟାଲରେ ଚିକିତ୍ସା ହେଉଥିଲା, ମାତ୍ର ଏବେ ସମଗ୍ର ଦେଶରେ ୨୭ ହଜାର ହସ୍ପିଟାଲରେ ଚିକିତ୍ସା ପାଇପାରିବେ । ଆଗାମୀ ୫ ବର୍ଷରେ ଆହୁରି ୨୪୦୦ ମେଡିକାଲ ସିଟ୍ ବୃଦ୍ଧି କରାଯିବ । ଏହାଛଡ଼ା ସମ୍ବଲପୁରରେ ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଯୋଜନା ଚାଲିଛି । ସେହିପରି କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ ବ୍ୟବସ୍ଥା କରାଯିବ । ମେଡିକାଲ ଯନ୍ତ୍ରାଂଶଠୁ ଆରମ୍ଭ କରି ସବୁ ଜିନିଷ ଏବେ ବାହାରୁ ଆମଦାନୀ ହେଉଛି । ଆଗକୁ ଆଉ ବାହାରୁ ଆମଦାନୀ ନକରି ଏମ୍‌ଏସ୍‌ଏମ୍‌ଇ ବିଭାଗ ସହଯୋଗରେ ରାଜ୍ୟରେ ମେଡିକାଲ ଯନ୍ତ୍ରାଂଶ ତିଆରି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ଯେ ଖୁବ୍‌ଶୀଘ୍ର ସରକାରୀ ହସ୍ପିଟାଲରେ ଆରମ୍ଭ ହେବ ପେସେଣ୍ଟ ଟ୍ରାକିଂ ଓ ବାୟୋମେଟ୍ରିକ ସିଷ୍ଟମ । ପ୍ରାଇଭେଟ୍ ହସ୍ପିଟାଲ ଭଳି ସରକାରୀ ହସ୍ପିଟାଲରେ ମଧ୍ୟ ସବୁ ରୋଗୀଙ୍କ ବିସ୍ତୃତ ତଥ୍ୟ ରହିବ । ପିଏଚ୍‌ସିରୁ ସିଏଚ୍‌ସି ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହେଲେ ନ୍ୟାସନାଲ ହେଲ୍‌ଥ ଡିଜିଟାଲ ମିଶନ ଆଧାରରେ ଡିଜିଟାଲ ତଥ୍ୟ ରଖାଯିବ । ପ୍ରଧାନମନ୍ତ୍ରୀ ସର୍ବ ସ୍ୱାସ୍ଥ୍ୟ ଯୋଜନାରେ ଆଗାମୀ ଦୁଇ ବର୍ଷରେ ସବୁ ପଞ୍ଚାୟତରେ ହେଲ୍‌ଥ ୱେଲ୍‌ନେସ୍ ସେଣ୍ଟର ଖୋଲିବ । ସେଠାରେ ତିନି ଜଣ ପାରା ମେଡିକାଲ ଷ୍ଟାଫ୍, ଜଣେ ଯୋଗ ଶିକ୍ଷକ ଓ ଜିଏନ୍‌ଏମ୍, ଏଏନ୍‌ଏମ୍ ରହିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ଡାକ୍ତର ଅଶୋକ ଆଚାର୍ଯ୍ୟ, ଅର୍ଗସ ନ୍ୟୁଜ୍ ସମ୍ପାଦକ ସଞ୍ଜୟ ଜେନା, ସାମ୍ବାଦିକ ପ୍ରସନ୍ନ ମହାନ୍ତି ଓ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଣ୍ଟ

ଭୁବନେଶ୍ୱର ,୧୭/୧୨: ଆଜି ଭୁବନେଶ୍ୱର ମହାନଗର ନିଗମ ଏବଂ ଅଏଲ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଅଏଲ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୭୫ କୋଟି ଟଙ୍କା ବ୍ୟୟରେ ୨୦୦ ଟିପିଡି (ଟନ୍ ପର୍ ଡେ) ବିଶିଷ୍ଟ କମ୍ପ୍ରେସଡେ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି । ସେଥିପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ବି ଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସାନିଟେସନ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅଏଲ୍ ଇଣ୍ଡିଆର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ରଞ୍ଜିତ ରଥ, ଡାଇରେକ୍ଟର ଅପରେସନ ଶ୍ରୀ ତ୍ରୈଲୋକ୍ୟ ବୋରଗୋହିଁ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବିଜନେସ୍ ଡେଭଲପମେଣ୍ଟ) ଶ୍ରୀ ରଞ୍ଜନ ଗୋସ୍ୱାମୀ ପ୍ରମୁଖଙ୍କ ସହ ବି ଏମ୍ ସି ଓ ଅଏଲ ଇଣ୍ଡିଆର ପ୍ରମୁଖ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ବର୍ଜ୍ୟରୁ ପ୍ରସ୍ତୁତ ହେବ ବାୟୋଗ୍ୟାସ୍ । ଆଉ ସେହି ବାୟୋ ଗ୍ୟାସକୁ ସିଏଏନ୍ ଜି ଗ୍ୟାସକୁ ରୂପାନ୍ତରିତ ହେବ। କେବଳ ସେତିକି ନୁହେଁ, ଏଥିରୁ ପ୍ରସ୍ତୁତ ଖତ ଅର୍ଗାନିକ ଫାର୍ମିଂକୁ ବେଶ ଉତ୍ସାହିତ କରିବ । ଅଏଲ ଇଣ୍ଡିଆ ପକ୍ଷରୁ ପ୍ରଥମଥର ପାଇଁ ଏପରି ପଦେକ୍ଷେପ ନେଇଥିବାରୁ ମାନ୍ୟବର ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆହୁରି ୬ରୁ ୮ଟି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଅନୁରୋଧ ଜଣାଇଅଛନ୍ତି । ଏହା ଦ୍ୱାରା ଭୁବନେଶ୍ୱର ମହାଗନର ନିଗମ ଆଉ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବା ସହ ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମକୁ ସ୍ୱଚ୍ଛ, ସବୁଜ ଓ



ସୁନ୍ଦର ରଖିବାରେ ବେଶ ସହାୟକ ହୋଇପାରି । ତେବେ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଅତି କମରେ ଦୁଇ ବର୍ଷ ଲାଗିବ ବୋଲି ଅଏଲ ଇଣ୍ଡିଆ ପକ୍ଷରୁ କୁହାଯାଇଛି । ମାତ୍ର ଯୁଦ୍ଧ କାଳୀନ ଭିତ୍ତିରେ ଅର୍ଥାତ ୨ ବର୍ଷ ପୂର୍ବରୁ କାମ ସାରିବାକୁ ଉପସ୍ଥିତ ଅଏଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ମାନ୍ୟବର ମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ, ଏଥିପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ସହଯୋଗର ହାତ ବଢାଇଥିବାରୁ ତାଙ୍କୁ ମଧ ଧନ୍ୟବାଦ ଦେଇଥିଲେ । ବର୍ଜ୍ୟ ପରିଚାଳନାରେ ବି ଏମ୍ ସି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଆଉ ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟକାରୀ ହେଲେ ବି ଏମ୍ ସି ଆଉ ପାଦେ ଆଗକୁ ଯିବ । ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ଆଗେଇ ଆସିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ । ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଅପରିଚାଳିତ ବର୍ଜ୍ୟର ପ୍ରକ୍ରିୟାକରଣ ହୋଇପାରିବ ଏବଂ ଚରମ ଉପାଦେୟତା ନାଗରିକମାନଙ୍କ ନିକଟରେ ପହଞ୍ଚିବ । ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସହ ଲୋକମାନଙ୍କର ଜୀବନ ଧାରଣ ମାନ ବୃଦ୍ଧି ହେବ ବୋଲି ସେ କହିଛନ୍ତି । ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିବା ସହ ୮ ଏକର ଜମି ଯୋଗାଇ ଦେବାକୁ ରାଜି ହୋଇଛନ୍ତି । ଜମି ମଧ ଚିହ୍ନଟ ହୋଇସାରିଛି । ଅପରପକ୍ଷେ ଅଏଲ ଇଣ୍ଡିଆ ପକ୍ଷରୁ ୧୭୫ କୋଟି ଟଙ୍କା ବ୍ୟୟରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବ । ଅଏଲ୍ ଇଣ୍ଡିଆର ଅଭିଜ୍ଞତା ଥିବାରୁ, ଏଠାରୁ ଉତ୍ପାଦିତ ବାୟୋ ଗ୍ୟାସ୍ ଓ ସିଏନ୍ ଜି ବିକ୍ରି ଦାୟିତ୍ୱ ଅଏଲ ଇଣ୍ଡିଆ ନେବ। ଖାଲି ସେତିକି ନୁହେଁ, ଏହା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଭୁବନେଶ୍ୱର ପରିବେଶ ଅନୁକୂଳ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ହୋଇ ରହିବ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷାପାଢୀ କହିଛନ୍ତି । ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ନିଜର ଆଗ୍ରହ ପ୍ରକାଶ କରିଥିବାରୁ ସେଥିପାଇଁ ତାଙ୍କୁ ବଧେଇ ଜଣାଇଛନ୍ତି ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ । ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ସମସ୍ତ ପ୍ରକାର ସହାୟତା ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଯୋଗାଇ ଦିଆଯିବ । ଆଗାମୀ ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାମ ଶେଷ କରିବାକୁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏଥିପାଇଁ ଅଏଲ ଇଣ୍ଡିଆ ଲିମିଟେଡ୍ ଆର୍ଥିକ ସହାୟତା, ବୈଷୟିକ ଜ୍ଞାନ କୌଶଳ, ଉତ୍ପାଦିତ ସାମଗ୍ରୀର ବିକ୍ରି ଏବଂ ରିସ୍କ ମ୍ୟାନେଜମେଣ୍ଟ ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦେବାରେ ବିଶେଷ ଅଭିଜ୍ଞତା ରହିଛି । ତେବେ ଯେତେ ଶୀଘ୍ର ସମ୍ଭବଃ ସେତେଶୀଘ୍ର କାମ ସାରିବାକୁ ପରାମର୍ଶ ଦେଇଛନ୍ତି ବିଏମ୍ ସି କମିଶନର ଶ୍ରୀ ରାଜେଶ ପ୍ରଭାକରପାଟିଲ । ସଂପ୍ରତି ଭୁବନେଶ୍ୱରରୁ ଦୈନିକ ୩୮୦ ଟନ୍ ଓଦା ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି । ଏଥିରୁ ୧୨୦ ଟନ୍ ବୈଜ୍ଞାନିକ ପଦ୍ଧତିରେ ୩୭ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ପ୍ରକ୍ରିୟାକରଣ କରାଯାଉଛି । ସେଥିରୁ 'ମୋ ଖତ' ଭାବରେ, ଅବଶିଷ୍ଟ ୨୬୦ ଟନ୍ ପାରମ୍ପାରିକ ଭାବରେ ୱିଣ୍ଡୋ କମ୍ପୋଷ୍ଟିଂ ସେଣ୍ଟରରେ ପ୍ରକ୍ରିୟାକରଣ କରାଯାଉଛି । ଏହି ବର୍ଜ୍ୟକୁ ପ୍ରକ୍ରିୟାକରଣ କରି ସେଥିରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ ହେଉଥିବାରୁ ଏହି ପ୍ରକଳ୍ପ ପରିବେଶ ଅନୁକୂଳ । ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ସହ ଭୁବନେଶ୍ୱର ମହାନଗର ନିଗମ ଅଂଚଳ ନାଗରିକଙ୍କ ଜୀବନ ଧାରଣମାନ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବ ।ଏଥିରୁ ଉତ୍ପାଦିତ ଜୈବସାର, ଅର୍ଗାନିକ ଫାର୍ମିଂକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ପ୍ଲାଣ୍ଟ ପାଇଁ ବି ଏମ୍ ସି ଆବଶ୍ୟକ ଜୈବ ବିଘଟନ ଯୋଗ୍ୟ ବର୍ଜ୍ୟ ଯୋଗାଇ ଦେବ । ଏହି ପ୍ରକଳ୍ପକୁ ସଫଳତାର ସହ ଚାଲୁ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଓ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବାରୁ ସେ ରାଜ୍ୟ ସରକାରଙ୍କୁ ଖାସ୍ କରି ବିଭାଗୀୟ ମନ୍ତ୍ରୀ ମହୋଦୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## 'ବାଲିମେଳା ଜଳଭଣ୍ଡାରରେ ସୌର ଶକ୍ତିରୁ ଉତ୍ପନ୍ନ ହେବ ବିଦ୍ୟୁତ'



ଭୁବନେଶ୍ୱର ,୧୭/୧୨: ବାଲିମେଳା ଜଳଭଣ୍ଡାର ଭିତରେ ତିଆରି ହେବ ଫ୍ଲୋଟିଙ୍ଗ ପାୱାର ପ୍ରୋଜେକ୍ଟ। ଜଳଭଣ୍ଡାରେ ସୌର ଶକ୍ତିରୁ ଉତ୍ପନ୍ନ ହେବ ବିଦ୍ୟୁତ। ମାଲକାନଗିରି ଜିଲ୍ଲା ବାସୀଙ୍କୁ କମ୍ ଶୁଳ୍କରେ ମିଳିବ ବିଦ୍ୟୁତ ସେବା। ଆଜି ଏହି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମାଲକାନଗିରି ଗସ୍ତରେ ଯାଇଛନ୍ତି। ସେ ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ ବୁଲି ଦେଖିଲେ। ପରେ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ ନେଇ ଆୟୋଜିତ ହୋଇଥିବା ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ବୈଠକ ପରେ ଶ୍ରୀ ସିଂଦେଓ କହିଛନ୍ତି, ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପର ନବୀକରଣ କରାଯିବ। ଏଠାରୁ ଆହୁରି ଅଧିକ ୬୦୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କରାଯିବ। ଏଥିପାଇଁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ଲାଗିବ। ଜଙ୍ଗଲ ବିଭାଗର ଅନୁମତି ମିଳିଲେ ୨୦୩୧ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ ପରିଦର୍ଶନ ପରେ ମାଲକାନଗିରି ଫେରିଆସିଥିଲେ। ଏଠାରେ କୃଷି ବିଭାଗ ତରଫରୁ ହୋଇଥିବା ସମୀକ୍ଷା ବୈଠକରେ ଯୋଗଦେବା ପରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ଉଦଘାଟନ କରିଥିଲେ। ଆଜିଠାରୁ ଆରମ୍ଭ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବରେ ସେ ମୁଖ୍ୟଅତିଥି ଭାବେ ଯୋଗଦେବେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ନରସିଂହ ଚରଣ ପଣ୍ଡା ବାଗଦେବୀ ସମ୍ମାନ-୨୦୨୪ ପାଇଁ ମନୋନୀତ



କୋରାପୁଟ (ନି.ପ୍ର)/ ତା. ୧୭/୧୨/୨୦୨୪: କେଶବ-ସୁଭଦ୍ରା ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ସମ୍ମାନଜନକ ବାଗଦେବୀ ସମ୍ମାନ-୨୦୨୪ ପାଇଁ ମନୋନୀତ କରାଯାଇଛି। ଏହି ସମ୍ମାନ ସଂସ୍କୃତର ସଂରକ୍ଷଣ ଏବଂ ପ୍ରସାର ରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଏହାର ଜ୍ଞାନକୁ ବିଦେଶରେ ବିସ୍ତାର କରିବା ପାଇଁ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଉଛି । ପ୍ରଫେସର ପଣ୍ଡାଙ୍କ ଚମତ୍କାର କ୍ୟାରିୟରରେ ଦୀର୍ଘ ଦଶନ୍ଧି ଧରି ଚାଲିଛି ଶିକ୍ଷାଦାନ ଓ ଗବେଷଣା। ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟରତ ଅଛନ୍ତି । ସେ ବର୍ତ୍ତମାନ ଭାଷା ବିଦ୍ୟାଳୟର ଡିନ୍, ସଂସ୍କୃତ ବିଭାଗରେ ପ୍ରଫେସର ଏବଂ କାର୍ଯ୍ୟକାରୀ ରେଜିଷ୍ଟ୍ରାର ଭାବରେ କାର୍ଯ୍ୟ କରୁଛନ୍ତି । ସେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳପତି ଏବଂ କାର୍ଯ୍ୟକାରୀ ଫାଇନାନ୍ସ ଅଫିସର ଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ କାର୍ଯ୍ୟ କରିଛନ୍ତି । ପ୍ରଫେସର ପଣ୍ଡାଙ୍କ ଶିକ୍ଷାଗତ ଯାତ୍ରାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଉଲ୍ଲେଖନୀୟ କାର୍ଯ୍ୟକାଳ ରହିଛି, ଯାହା ତାଙ୍କୁ ବ୍ୟାପକ ଭାବେ ପ୍ରଶଂସିତ କରିଥିଲା । ଥାଇଲାଣ୍ଡ ଏବଂ ମରିସସରେ ପ୍ରଫେସର ଭାବରେ ଚାରି ବର୍ଷର ସେବା ସହିତ ବିଦେଶରେ ତାଙ୍କର ଅବଦାନ ମଧ ସମାନ ଭାବରେ ପ୍ରଶଂସନୀୟ, ଯେଉଁଠାରେ ସେ ସଂସ୍କୃତ ବୃତ୍ତିରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ । ସଂସ୍କୃତ ପ୍ରତି ତାଙ୍କର ସମର୍ପଣ ପାଇଁ ଏହି ବିଦ୍ୱାନ ଙ୍କୁ ସମ୍ମାନଜନକ ସଂସ୍କୃତ ମହାମହପାଧାୟ ପୁରସ୍କାର ସମେତ ଅନେକ ପ୍ରଶଂସା ମିଳିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ତାଙ୍କ ଜୀବନ ଓ କାର୍ଯ୍ୟ ବିଦ୍ୟାର୍ଥୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛି। ଆସନ୍ତା ଜାନୁଆରି ୧୯ ତାରିଖରେ ପୁରୀ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏକ ସମାରୋହରେ ପ୍ରଫେସର ପଣ୍ଡାଙ୍କୁ ବାଗଦେବୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯିବ ।

# ୩୮ ତମ ରାଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ ଉଦଯାପିତ

ଜଗତସିଂହପୁର ୧୭/୧୨( ନି.ପ୍ର): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଚାନ୍ଦପୁର ଠାରେ ରାଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ ମହୋତ୍ସବ ଆଧାତ୍ମିକ ଭାବାବେଗରେ ସମ୍ପନ୍ନ ହୋଇଛି। ଉଦଯାପନୀ ଉତ୍ସବରେ ନିଗମ କଳ୍ପତରୁ ଆଶ୍ରମର ପିଠାଧୀଶ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଭାବେ ଉପବିଷ୍ଟ ହୋଇ ବିଶ୍ୱର ଶ୍ରେଷ୍ଠ ଧର୍ମଗ୍ରନ୍ଥ ଗୀତା ବିଶ୍ୱବ୍ୟାପୀ ମାନବ ସଭ୍ୟତା ପାଇଁ ମାହୋଷଧି ସଦୃଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ ।ଜାତି,ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଲୀଳାମୟ ଶ୍ରୀକୃଷ୍ଣଙ୍କ ଶରଣାଗତ ହୋଇ ତାଙ୍କରି ନିର୍ଦ୍ଦେଶିତ ପଥର ପଥିକ ହେଲେ ମାନବ ଜୀବନ କୃତାର୍ଥ ଲାଭ କରିବ ବୋଲି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଦିଗଦର୍ଶନ ଦେଇଥିଲେ। ଏଥିରେ ଭୁବନେଶ୍ୱର ସ୍ଥିତ ୧୦୮ ହନୁମାନ ମନ୍ଦିର ତଥା କିସ ମନ୍ଦିର ଟ୍ରଷ୍ଟର ଅଧକ୍ଷ ବାବା ରାମନାରାୟଣ ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗୀତା ନିଶୃତ ବାଣୀ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିପାରିବ ବୋଲି ପ୍ରକାଶ କରିଥିଲେ। ଏଣୁ ପ୍ରତ୍ୟେକ ବ୍ୟକ୍ତି ଗୀତା ପଠନ ସହ ଉପଦେଶକୁ ମାନି ଚଳିବା ପାଇଁ ସେ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦିବ୍ୟ ଜୀବନ ସଂଘର ରାଜ୍ୟ କର୍ମକର୍ତ୍ତା। ସ୍ୱାମୀ ସିବଚିଦାନନ୍ଦ ସରସ୍ୱତୀ



ଯୋଗଦେଇ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ ସଂମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଶେଷ କରି ଛାତ୍ରୀଛାତ୍ରମାନେ ଗୀତା ପଠନ ପ୍ରତି ଅନୁରକ୍ତ ହେବାକୁ ପରାମର୍ଶ ରଖିଥିଲେ ।ଆୟୋଜିତ ଉତ୍ସବରେ ରାଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ କମିଟିର ସଭାପତି ବିଜୟ କୁମାର ସ୍ୱାଇଁ ଅଧକ୍ଷତା କରି ବିଶ୍ୱର କଲ୍ୟାଣ ନିମନ୍ତେ ଗୀତାଯଜ୍ଞର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବରନ୍ୟ ଅତିଥି ଭାବେ ପ୍ରଫେସର ଶରତ କୁମାର ରାଉତରାୟ, ଶ୍ରୀମଦ୍ ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ, ଶିକ୍ଷାବିତ ପ୍ରଦୀପ୍ତ କିଶୋର ଆଚାର୍ଯ୍ୟ, ରମାରଞ୍ଜନ୍ ସ୍ୱାଇଁ, ସୁରେଶ ଚନ୍ଦ୍ର ରାଉତ, ନିକୁଞ୍ଜ କିଶୋର ଦାଶ, ସଦାଶିବ ବିଶ୍ୱାଳ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ଆଇନଜୀବି ଏମ ଏନ ହର୍ଷବର୍ଦ୍ଧନ, ବାବାଜୀ ଚରଣ ସାହୁ, ଶିକ୍ଷକ ନେତା କୁଶ ମଲ୍ଲିକ, ଉମେଶ ଚନ୍ଦ୍ର ନାୟକ, ଅମୂଲ୍ୟ ସ୍ୱାଇଁ, ନିର୍ମଲେନ୍ଦୁ ଶୋମ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ଓ ନୃତ୍ୟଗୁରୁ ମହେଶ କୁମାର ଯୋଗଦେଇ ଗୀତାର ତାତ୍ୱିକ ଜ୍ଞାନ ଓ ଏହାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କମିଟିର ଉପସଭାପତି ଇଂ ବାବାଜୀ ଚରଣ ଜେନା ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରଫେସର ଦେବେନ୍ଦ୍ରନାଥ ବାରିକ ଅତିଥି ପରିଚୟ ପ୍ରଦାନ କରି ଥିଲେ ।ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଶ୍ରୀକୃଷ୍ଣ ବେଶଧାରି ପ୍ରତିଯୋଗୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶେଷରେ ଅଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଆଶିଷ କୁମାର ସ୍ୱାଇଁ, କବିସୂର୍ଯ୍ୟ ସ୍ୱାଇଁ, ଅଭୟ କୁମାର ସ୍ୱାଇଁଙ୍କ ସମେତ କମିଟିର ସମସ୍ତ ସଦସ୍ୟ କାର୍ଯକ୍ରମ ପରିଚାଳନାର ସହଯୋଗ କରିଥିଲେ।

# ବରୀ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର , ତା ୧୭.୧୨.୨୦୨୪ ରିଖ- ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।ଆଜି ମୋଟ ୧୦୭ ଟି



ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୫୪ ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା। ୬୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଳ୍, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପ ଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥି , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବରୀ ତହସିଲଦାର, ବରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ରାଜଧାନୀରେ ଅଙ୍ଗନବାଡ଼ି କର୍ମୀଙ୍କ ଗର୍ଜନ



ଭୁବନେଶ୍ୱର,୧୭/୧୨: ଭୁବନେଶ୍ୱର ଲୋୟର ପିଏମଜିରେ ଅଙ୍ଗନବାଡ଼ି କର୍ମୀଙ୍କ ବିଶାଳ ଗଣଧାରଣା । ଅଲ ଓଡିଶା ହଜାର ହଜାର ଅଙ୍ଗନବାଡି କର୍ମଚାରୀ ଆନ୍ଦୋଳନ ପାଇଁ ଏକାଠି ହୋଇଛନ୍ତି । ତେବେ ୮ ଦଫା ଦାବି ନେଇ ଏକାଠି ହୋଇଛନ୍ତି । ତେବେ ଅନ୍ୟାୟ ଭାବେ ବହିସ୍କୃତ ୫ ଅଙ୍ଗନବାଡି କର୍ମୀଙ୍କୁ ପୁନଃ ନିଯୁକ୍ତି । ମାସିକ ପାରିଶ୍ରମିକ ସହ ଇନ୍କ୍ରିମେଣ୍ଟ ଦାବି । ପଦୋନ୍ନତି ରେ ବୟସ ସୀମା ବାଦ । କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି । ଗ୍ରାଚ୍ୟୁଇଟି ପେନସନ ଓ ଅବସରକାଳୀନ ସହାୟତା ରାଶି ବୃଦ୍ଧି । ଚାକିରୀ ସମୟରେ ମୃତ୍ୟୁ ହେଲେ କର୍ମୀ ଓ ସହାୟିକାଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦାବି । ୫ ଲକ୍ଷ ଟଙ୍କାର ବୀମା ଦାବି । ପୋଷଣ ଟ୍ରାକର ପାଇଁ ଦିଆଯାଇଥିବା ମୋବାଇଲ ପୁନଃ କାର୍ଯ୍ୟକ୍ଷମ କରେଇବାକୁ ଦାବି । ପ୍ରିସ୍କୁଲ ଶିଶୁଙ୍କୁ ୟୁନିଫର୍ମ ରେ ମୂଲ୍ୟ ବୃଦ୍ଧି ଦାବି ।

# ମହିଳା ହିଂସା ଦଣ୍ଡବିଧାନ ହାର ନୈରାଶ୍ୟଜନକ: ମୁଖ୍ୟମନ୍ତ୍ରୀ

କଟକ,୧୭/୧୨: ମହିଳା ହିଂସା ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି। ଦୁର୍ଭାଗ୍ୟବଶତଃ ମହିଳା ହିଂସାରେ ଦଣ୍ଡବିଧାନ ହାର ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥିତି ଥିଲା ନୈରାଶ୍ୟଜନକ। ଏହାର ପ୍ରମୁଖ କାରଣ ହେଉଛି ବୃତ୍ତିଗତ ଢଙ୍ଗରେ ଅନୁସନ୍ଧାନ ନହେବା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ରହିବା। ଏହି ଦଣ୍ଡବିଧାନ ହାରକୁ ଜାତୀୟସ୍ତରକୁ ନେବାକୁ ପଡ଼ିବ। ସରକାର ନିଜ ସ୍ତରରେ ଅଧିକ ମହିଳା କୋର୍ଟ ପ୍ରତିଷ୍ଠା କରୁଛନ୍ତି। ଚାରିଟି ଜିଲ୍ଲାରେ ମହିଳା କୋର୍ଟ ସ୍ଥାପନ ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି ବୋଲି ଓଡ଼ିଶା ପୁଲିସର ୬୯ତମ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ୧୩ ତାରିଖରୁ ଆୟୋଜିତ ବୃତ୍ତିଗତ ପ୍ରତିଯୋଗିତାର ସୋମବାର ଉଦ୍ ?ଯାପନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଗାମୀ ଦିନରେ ପୁଲିସର ବ୍ୟବହାର ପାଇଁ ଗାଡ଼ିସଂଖ୍ୟା ବୃଦ୍ଧି କରାଯିବ। ପୁଲିସ ବାହିନୀକୁ ଆହୁରି ସଶକ୍ତ କରାଯିବ। ଗୃହ ବିଭାଗରେ ଆହୁରି ୧୦ ହଜାର ପଦବି ଖୁବ୍‌ଶୀଘ୍ର ପୂରଣ କରାଯିବ। ଥାନାଗୁଡ଼ିକୁ ୯ ହଜାର ବାଇକ୍ ଯୋଗାଇବାକୁ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଥାନାକୁ ୬ଟି ଲେଖାଏଁ ବାଇକ୍ ଦିଆଯିବ। ନିକଟରେ ବିଧାନସଭାରେ ପାରିତ ହୋଇଥିବା ଅତିରିକ୍ତ ବଜେଟ୍‌ରେ ଏଥିପାଇଁ ୩୫ କୋଟି ଟଙ୍କାର ବିଶେଷ ବ୍ୟବସ୍ଥା କରାଯାଇଛି। ପୁଲିସ ବାହିନୀକୁ ସହଯୋଗ କରିବା ପାଇଁ ଗୃହରକ୍ଷୀ ପଦବି ପୂରଣ କରାଯିବ। ଗଲା ସରକାର ତାକୁ ବନ୍ଦ କରିଥିଲେ। ଆମ ସରକାର ଏହି ଅଙ୍କୁଶକୁ ହଟାଇବା ସହିତ ଖାଲିଥିବା ୨୪୦୦ରୁ ଅଧିକ ଏବଂ ଆବଶ୍ୟକତା ଅନୁଯାୟୀ ୨୫ଶହରୁ ଅଧିକ ନୂଆ ପଦବି ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ମୋଟ ୫ ହଜାର ପଦବି ପୂରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଆଜିକାଲି ଦେଶରେ ଅନେକ



ଲୋକ ସାଇବର୍ ଅପରାଧର ଶିକାର ହେଉଛନ୍ତି। ସାଇବର ଠକେଇ, ଡିଜିଟାଲ୍ ଆରେଷ୍ଟ, ଇନ୍‌ଭେଷ୍ଟମେଣ୍ଟ ଠକେଇ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ପୁଲିସ ବିଭାଗର ସାଇବର୍ ସେଲ୍‌କୁ ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ। ଯେଉଁ ଜିଲ୍ଲାରେ ସାଇବର୍ ଥାନା ନାହିଁ, ସେଠାରେ ଥାନା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଭୁବନେଶ୍ୱରରେ ସାଇବର୍ ଅପରାଧର ତଦନ୍ତ ପାଇଁ ରାଜ୍ୟସ୍ତରୀୟ ଏକ ସାଇବର୍ ଅପରାଧ ଶାଖା ସୃଷ୍ଟି କରାଯିବ। ଯାହାର ଦାୟିତ୍ୱରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦ୍‌ଯାପନୀ ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରି ଡିଜିପି ଯୋଗେଶ ବାହାଦୂର ଖୁରାନିଆ ପୁଲିସର ଅନୁସନ୍ଧାନ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପୁଲିସର ବୃତ୍ତିଗତ ଦକ୍ଷତା, ଫରେନ୍ ?ସିକ ତଦନ୍ତ ଏବଂ ସାଇବର ଅପରାଧ କ୍ଷେତ୍ରରେ ଅଧିକ ବୈଷୟିକ ଦକ୍ଷତା ହାସଲର ଆବଶ୍ୟକତା ରହିଛି ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୪ଟି ପୁଲିସ ଜିଲ୍ଲାରୁ ୩୧୩ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏଥିରେ ୪୧ ଇନ୍‌ସପେକ୍ଟର, ୪୪ ଏସ୍ ?ଆଇ, ୬୩ ଏଏସ୍‌ଆଇ, ୧୪୨ କନେଷ୍ଟବଲ ଓ ୩୭ ଟି ପୁଲିସ କୁକୁର (କେ-୯ ସ୍କ୍ୱାଡ୍) ସାମିଲ ହୋଇଥିଲେ। ଦଳଗତ ପ୍ରଦର୍ଶନ କ୍ଷେତ୍ରରେ କ୍ରାଇମବ୍ରାଞ୍ଚ ଏହି ପ୍ରତିଯୋଗିତାରେ ଚାମ୍ପିଅନ୍? ହୋଇ ୨୫ହଜାର ଟଙ୍କା ଓ ଫଳକ ପାଇଥିବା ବେଳେ କନ୍ଧମାଳକୁ ରନର୍ସ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି କେନ୍ଦୁଝର ତୃତୀୟ ସ୍ଥାନରେ ରହିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ପୁରୀ ଜିଲ୍ଲାର ତିନୋଟି ଥାନା ଅସ୍ତରଙ୍ଗ, ବଳଙ୍ଗା ଓ ଡେଲାଙ୍ଗର ନବୀକରଣ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୬ ରୁ ୧୯ ସିଂସାରି -- ଧୋଡ୍ରା ରାସ୍ତା ବନ୍ଦ
# ଭାରତ ମାଳା ଓଭରବ୍ରିଜ ନିର୍ମାଣ



ନବରଙ୍ଗପୁର,୧୭/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ସିଂସାରି ଠାରୁ ଧୋଡ୍ରା ମଧ୍ୟରେ ଭି ଏସ୍ ପଦର ଗ୍ରାମ ନିକଟରେ ଭାରତମାଳା ପ୍ରକଳ୍ପ ରାସ୍ତାର ଭି ୟୁ ପି(ଓଭର୍ ବ୍ରିଜ)ନିର୍ମାଣ କରାଯିବ। ଏଥିପାଇଁ ସଂସାରୀ ଠାରୁ ଧୋଡ୍ରା ରାସ୍ତା ଦେଇ ଯାନବାହାନ ଚଳାଚଳ ୪ଦିନ ପାଇଁ ବନ୍ଦ ରହିବ। ଭାରତମାଳା ରାସ୍ତା କାର୍ଯ୍ୟ କରୁଥିବା ୟୁ ଏମ୍ ଏସ୍ ଏଲ୍ କମ୍ପାନୀ ପକ୍ଷରୁ ଏଥିପାଇଁ ଡାବୁଗାଁ ଥାନା, ଉମରକୋଟ ତହସିଲ,ଉମରକୋଟ ଥାନା କୁ ପୂର୍ବ ସୂଚନା ପ୍ରଦାନ କରାଯାଇଛି। ଚଳିତ ମାସ ୧୬ ରୁ ୧୯ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଓଭରବ୍ରିଜ ନିର୍ମାଣ ହେବାକୁ ଥିବାବେଳେ ଏହି ୪ ଦିନ ଅଂଚଳବାସୀଙ୍କ ସହଯୋଗ କାମନା କରାଯାଇଛି। ନିର୍ମାଣ କାର୍ଯ୍ୟ ସମୟରେ ରାସ୍ତା ଉପରେ ଯାତାୟତ କରୁଥିବା ଲୋକଙ୍କ ପାଇଁ ବିପଦ ଥିବାରୁ ୩୦ ମିଟର ଦୂରରେ କମ୍ପାନୀ ପକ୍ଷରୁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ଯେଉଁ ରାସ୍ତାରେ ଭାରିଯାନ ବ୍ୟତୀତ ଛୋଟ ଗାଡି ଯିବା ଆସିବା କରି ପାରିବ ବୋଲି କରାଯାଇଛି। ନିର୍ମାଣ କାର୍ଯ୍ୟ ସକାଳ ୧୦ ଟା ରୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଚାଲିବ। ସୁଚନା ଯୋଗ୍ୟ, ରାୟପୁର ଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଭାରତ ମାଳା ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ଅନ୍ତିମ ପର୍ଯ୍ୟାୟରେ ରହିଛି। ରାସ୍ତା ନିର୍ମାଣ ହେଲେ ନବରଙ୍ଗପୁର ଜିଲ୍ଲା ବାସୀ ରାୟପୁର ଓ ବିଶାଖାପାଟଣା କୁ କମ୍ ସମୟରେ ଯିବା ଆସିବା କରିବା ସହ ବାଣିଜ୍ୟ କାରବାର ବଢିବ।

# ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା ୧୭/୧୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି. ଉକ୍ତ ଲୋକ ଅଦାଲତରେ ମୋଟ ୫୨୮୪ ଟି ମାମଲା ମଧ୍ୟରୁ ୨୨୬୧ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୪କୋଟି ୫୩ଲକ୍ଷ ୫୦ହଜାର ୬୫୮ ଟଙ୍କା ଅଦାୟ ପାଇଁ ମୀମାଂସା ହୋଇଥିବା ଜଣାପଡିଛି. ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୨୪୫୫ ଗୋଟି ମାମଲା ମଧ୍ୟରୁ ୨୯୦ ଟି ଅଦାଲତରେ ଅପୋଷ ବିଚାର ହୋଇ ୧ କୋଟି ୭୯ ଲକ୍ଷ ୩୮ ହଜାର ୮୩ଟଙ୍କା, ସେହିପରି ବକେୟା ଥ?ିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୨୮୨୯ ଗୋଟି ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବୁଲ କେସ ୧୪ ଟି ମଧ୍ୟରୁ ୦୧ ଗୋଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୦୧ ଟି ମାମଲା ମଧ୍ୟରୁ ୩୩ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୯୫ଟି ରୁ ୧୯ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୨୫୮ ଟି ରୁ ୧୩ ଟି, ବୈବାହିକ ସମ୍ବନ୍ଧୀୟ ୪୮ଟି ମାମଲା ମଧ୍ୟରୁ ୧୦ ଟି, ରାଜସ୍ୱ ମାମଲା ୧୫୨୬ ଟି ମଧ୍ୟରୁ ୧୩୮୯ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୯୯ ଟି ମଧ୍ୟରୁ ୬୩ ଟି, ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୪୪୩ ଟିକୁ ମିଶାଇ ମୋଟ ୧୯୭୧ ଟି ମାମଲାର ଫଇସଲା କରାଯାଇଛି. ଜିଲ୍ଲା ଆଇନ ସେବା ପ୍ରାଧ?ିକରଣର ସଚିବ ଶ୍ରୀମତୀ ପୁନମ ଜେନା ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ ପାତ୍ର, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ ଜଜ ସୁଦାମ ଚରଣ ଦାଶ, ସିନିୟର ସିଭିଲ ଜଜ ନିରଞ୍ଜନ ପାତ୍ର, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ କୈଳାଶ ସାହୁ, ରେଜିଷ୍ଟ୍ରାର ନୀହାର ରଞ୍ଜନ ସାହୁ, ଏସ.ଡି.ଜେ.ଏମ. ସୁଭାସିନୀ ବେହେରା, ଜେ.ଏମ.ଏଫ.ସି. ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶ୍ରୀପଣ୍ଡା ମହାପାତ୍ର , ଦୀପାଳି ଦାସ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥ?ିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥ?ିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବି ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ସୁନୀଲ କୁମାର ଜେନା, ରାଜକିଶୋର ବାରିକ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନ ଜୀବି ଏବଂ ବିଭିନ୍ନ ରାଷ୍ଟ୍ରାୟତ ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନାର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଳିତ




କେନ୍ଦ୍ରାପଡା(୧୭/୧୨) ଜିଲ୍ଲା ପ୍ରଶାସନ ଏବଂ ନେହେରୁ ଯୁବ କେନ୍ଦ୍ର ତଥା ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଓ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ଶ୍ରୀମତୀ ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ଓ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଡି ପି ଓ ଏନ ଏସ ଏସ ପଦ୍ମଜା କବି ଶତପଥୀ ପ୍ରମୁଖ ଯୋଗଦାନ କରି ଯୁବଶକ୍ତିର ପ୍ରଶଂସା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଯୁବକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରାୟତଃ ୧୦ଟି ମହାବିଦ୍ୟାଳୟରୁ ଅନ୍ୟୁନ ୩୦୦ ଛାତ୍ର ଛାତ୍ରୀଙ୍କୁ ନେଇ ହିନ୍ଦୀ, ଇଂରାଜୀ ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଫଟୋ ୱାର୍କସପ, ଦଳଗତ ତଥା ଏକକ ଲୋକନୃତ୍ୟ, ଦଳଗତ ତଥା ଏକକ ଲୋକସଙ୍ଗୀତ, କବିତା ଓ ଗଳ୍ପ ଲିଖନ, ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଥିଲା ଓ ଅପରାହ୍ଣ ଉଦଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏନ ଏସ ଏସ ଡି ପି ଓ ତଥା ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଓ ନେହେରୁ ଯୁବ କେନ୍ଦ୍ରର କର୍ମୀ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଅଧ୍ୟାପକ, ଅଧ୍ୟାପିକା, ଜିଲ୍ଲା କର୍ଯ୍ୟାଳୟର କର୍ମଚାରୀବୃନ୍ଦ ଓ ସ୍ୱଚ୍ଛାସେବୀ ପ୍ରଭାତ ବେହେରା, ଅଭିଷେକ ସାହୁ, ଶୁଭଶ୍ରୀ କର୍ଣ୍ଣ, ସିପ୍ରା ବିଶ୍ୱାଳ, ପୂଜାରାଣୀ, ସିତୁ ନନ୍ଦୀ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀମଦ୍ ଭଗବଦ୍ ଗୀତା ମହାତ୍ମ୍ୟ, ଜୀବନ ସମ୍ବିଧାନ-ଗୀତା ଜୟନ୍ତୀ ପାଳିତ



ଜଳେଶ୍ୱର,୧୭/୧୨(ନି.ପ୍ର): ଜଳେଶ୍ୱର ମ୍ୟୁନସିପାଲିଟି ସ୍ଥିତ ନୂଆ ବଜାର ଶିବ ମନ୍ଦିରର ପ୍ରାଙ୍ଗଣରେ ୧୭ ତମ ପବିତ୍ର ଶ୍ରୀମଦ୍ ଭାଗବତ ଗୀତା ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।ପାରମ୍ପାରିକ ଭାବରେ ଗୀତା ଭକ୍ତି ଘଟ ଉତ୍ତୋଳନ ପରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଶ୍ରୀ ଗୀତା ଯଜ୍ଞାଦି କାର୍ଯ୍ୟ ଆୟୋଜିତ ହୋଇଥିଲା ।ପଣ୍ଡିତ ରମଣୀ ରଞ୍ଜନ ପାଠୀ, ପଣ୍ଡିତ ଗୌରୀ ଶଙ୍କର ପାଠୀ, ପତିତପାବନ ପଣ୍ଡା, ଈଶ୍ୱର କର,ଚନ୍ଦ୍ର ମୋହନ ପଣ୍ଡା,ତଥା ସଞ୍ଜୟ ପାଠୀ ଇତ୍ୟାଦି ବ୍ରାହ୍ମଣମାନଙ୍କ ମନ୍ତ୍ର ପାଠରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।୧୦୮ ଜଣ ବ୍ରତ ଧାରଣ କରିଥିବା ଭକ୍ତମାନଙ୍କ ଗୀତା ପଠନ ରେ ଯଜ୍ଞ ସ୍ଥଳ ଗୁଞ୍ଜରିତ ହୋଇଥିଲା ।ସମୂହ ସଂକଳ୍ପ ରେ ସଂସ୍କୃତି ସମ୍ପନ୍ନ ତଥା ସଂସ୍କାରୀ ବ୍ୟକ୍ତିତ୍ୱ ଡ଼ଃ ବିବେକାନନ୍ଦ ସାହୁ ବ୍ରତ ଧାରଣ କରିଥିଲେ। ଆୟୋଜିତ ଉଦ୍ ବୋଧନୀ ସଭାରେ ଭାଗବତ ଦାସ,ମହେଶ୍ୱର ଦାଶ,ହରିଶ ମହାପାତ୍ର, ରମାକାନ୍ତ ଭଞ୍ଜ, ପ୍ରଫୁଲ୍ଲ କୁମାର ପାଠୀ ଜୟନ୍ତ ଦେ ପ୍ରଭାକର ସେଠୀ ତଥା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼, ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଗୀତା ମାହାତ୍ମ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ ।ସମଗ୍ର କାର୍ଯ୍ୟ କ୍ରମ କୁ ନୂଆ ବଜାର ରାଧାଷ୍ଟକ ଯୁବ ଗୋଷ୍ଠୀ ପକ୍ଷରୁ ପରିଚାଳନା କରାଯାଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଜଳେଶ୍ୱର କୁ ଅଣଦେଖା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର,୧୭/୧୨ (ନି.ପ୍ର): ଉତ୍ତର ବାଲେଶ୍ୱର ଅଞ୍ଚଳ,ଶିକ୍ଷା କ୍ଷେତ୍ରରେ ସର୍ବଦା ଅଗରେ ର ରହିଆସିଛି।କିନ୍ତୁ ସର୍ବଭାରତୀୟ ସ୍ତରର, ବିଭିନ୍ନ ଇଂରାଜୀ ମିଡିୟମ ପରୀକ୍ଷା ଓ ସ୍ପର୍ଦ୍ଧା ରେ ଏହି ଅଞ୍ଚଳର ଶିକ୍ଷାର୍ଥୀ ଆଶାତୀତ ସଫଳତା ହାସଲ କରି ପାରୁ ନାହାଁନ୍ତି।କାରଣ ଭୋଗରାଇ,ବାଲିଆପାଳ, ବସ୍ତା ଓ ଜଳେଶ୍ୱର କୁ ନେଇ ୧୦ ଲକ୍ଷ ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିତ ଅଞ୍ଚଳରେ କେନ୍ଦ୍ରିୟ ବିଦ୍ୟାଳୟ ନାହିଁ।ନିକଟରେ ଘୋଷଣା ହୋଇଥିବା ୮ଟି କେନ୍ଦ୍ରିୟ ବିଦ୍ୟାଳୟ ମଧ୍ୟରେ,ଜଳେଶ୍ୱର, ସ୍ଥାନ ପାଇଁ ନଥିବା ରୁ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ଅପେକ୍ଷା କୃତ କମ୍ ଭିତ୍ତିଭୂମି ଥିବା ଅଞ୍ଚଳରେ କେନ୍ଦ୍ରିୟ ବିଦ୍ୟାଳୟ ପ୍ରତିଷ୍ଠା ହେଉଥିବା ରୁ ନିର୍ବାଚିତ ଜନ ପ୍ରତିନିଧି ଙ୍କୁ ସାଧାରଣ ରେ ଆଲୋଚନା କରାଯାଉଛି। ଅଞ୍ଚଳରେ ଘରୋଇ ଶିକ୍ଷା କେନ୍ଦ୍ର କୁ ପ୍ରୋତ୍ସାହନ ଦିଆଯାଉଥିଲା ବେଳେ ଆଦୀବାସୀ,ଗରୀବ ଶ୍ରେଣୀର,ମେଧାବୀ, ଶିକ୍ଷାର୍ଥୀ ମାନେ, ଗୁଣାତ୍ମକ ମାନର ଇଂରାଜୀ ଶିକ୍ଷା ଓ ଉଚ୍ଚ ଶିକ୍ଷା ଲାଭ ରୁ ବଞ୍ଚିତ ହେଉଛନ୍ତି। ଜଳେଶ୍ୱର ରେ ହଜାର ହଜାର କେନ୍ଦ୍ରୀୟ ଓ ରାଜ୍ୟ କର୍ମଚାରୀ ଅବସ୍ଥାନ କରୁଥିବା ବେଳେ,କେନ୍ଦ୍ର ବିଦ୍ୟାଳୟ ସ୍ଥାପନ ଲାଗି, ଦଳ ମତ ନିର୍ବିଶେଷରେ ସହମତି ପ୍ରକାଶ ପାଇ ଆସୁଛି। ଏହା ସହିତ ବାଲେଶ୍ୱର ସାଂସଦ,କେନ୍ଦ୍ର ଶିକ୍ଷା ମନ୍ତ୍ରୀ,ରେଳ ମନ୍ତ୍ରୀ, ପ୍ରଧାନ ମନ୍ତ୍ରୀ ଙ୍କୁ ଦାବି ପତ୍ର ମଧ୍ୟ ପ୍ରଦାନ ହୋଇଥିଲା ।ତେଣୁ ଆଶା ଦେଇ ଥିବା ନେତୃତ୍ୱ ଙ୍କ ଉପରେ ଜଳେଶ୍ୱର ପ୍ରତି ଅବହେଳା ର ଅଭିଯୋଗ ମଧ୍ୟ ହେଉଛି ।ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ଆମ୍ବେଦକର ସମତା ମଞ୍ଚର, ସଭାପତି ଆଶୋକ ଜେନା ଙ୍କ ଆହ୍ୱାନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ।ଶନିବାର ପୂର୍ବାହ୍ନ,ଭଞ୍ଜ ଭବନ ରେ ଆୟୋଜିତ ପ୍ରେସ ମିଟ ରେ କେନ୍ଦ୍ରୀୟ ବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟିର ସଭାପତି,ଦିଲ୍ଲୀପ ଗିରି ସଂଯୋଜନା କରି ପୁନର୍ବିଚାର ପାଇଁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ଅଦ୍ଧକ୍ଷ ଜିତାରାମ ଦେ,ପ୍ରଧାପକ ଶ୍ୟାମା ଚରଣ ଦାସ, ସମାଜସେବୀ ଶିଶିର ହୁଇ,ସିତାଂଶୁ ସେନାପତି, ପ୍ରାକ୍ତନ ଅଦ୍ଧକ୍ଷ ରମାକାନ୍ତ ଭଞ୍ଜ, ରବୀନ୍ଦ୍ର ବାରିକ,ସୁଧିର ଓଝା,କାଳୀ ଚରଣ ପୁଷ୍ଟି, ଅଜିତ କୁମାର ଦାସ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ରବୀନ୍ଦ୍ର ସେନାପତି, ସୁକୁମାର ରଣା, ଦୁର୍ଗା ଶଙ୍କର ଗିରି, ପ୍ରମୁଖ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ମତାମତ ରଖିଥିଲେ। କାର୍ଯ୍ୟ ହାସଲ ଅଥବା ଆନ୍ଦୋଳନ ର, ଚେତାବନୀ ଦେଇ, ନିରୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ଦିବସ ପାଳିତ

ନବରଙ୍ଗପୁର୧୭/୧୨(ନି.ପ୍ର): ନବରଙ୍ଗପୁର ଜିଲ୍ଲା ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି କ୍ଷ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଏ ଡି ଏମ୍ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ବୃଦ୍ଧି କରାଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ହିତେଶ କୁମାର ବର୍ମା ଛାତ୍ରଛାତ୍ରୀ, ଅଭିଭାବକ,ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥି ସହିତ ଉକ୍ତ ଦିନରେ ପୁରାତନ ଛାତ୍ରମାନଙ୍କ ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଥିଲା। ବିଦ୍ୟାଳୟ ର ମୁଖ୍ୟ ଅଧ୍ୟାପିକା ଶ୍ରୀମତୀ ସାଗରିକା ପାଢୀ ପୁରାତନ ଛତ୍ରମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭି ଏମ ସି ସଦସ୍ୟ ବିନୋଦ ବିହାରୀ ବେହେରା,ସୁରେଶ ପଟ୍ଟନାୟକ ଏବଂ ସୁକୁମାର ସୁନା । ପି ଟି ଏ ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଓ ସଂପାଦକ ବାଙ୍କ ବିହାରୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

## "ସଡ଼କ ସୁରକ୍ଷା ଜୀବନ ରକ୍ଷା' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର ୧୭/୧୨(ନି.ପ୍ର): : ସିଟିଜେନ୍?ସ ହ୍ୟୁମାନ୍ ରାଇଟ୍?ସ୍ କ୍ଲିନିକ୍ ଓଡ଼ିଶାର ବାଲେଶ୍ୱର ଶାଖା ତରଫରୁ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ବାଲେଶ୍ୱର ପୋଲିସ୍ ଲାଇନ ଛକ ସ୍ଥିତ ଶାଖାର ମୁଖ୍ୟ ଆଇନଜୀବି ପ୍ରତାପ କେଶରୀ ଦାସଙ୍କ ଆବାହକତ୍ୱରେ ଏକ "ସଡ଼କ ସୁରକ୍ଷା ଜୀବନ ରକ୍ଷା'" ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ?ଘାଟନ କରିବା ସହିତ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଜନସାଧାରଣଙ୍କ ନିମନ୍ତେ ବାର୍ତ୍ତା ରଖିଥିଲେ। ସଂଗଠନର ରାଜ୍ୟ ସଭାପତି ଗୋପବନ୍ଧୁ ମଲ୍ଲିକ, ପ୍ରାକ୍ତନ ଓଡ଼ିଶା ପୋଲିସ୍ ଅତିରିକ୍ତ ମହାନିର୍ଦ୍ଦେଶକ, ପ୍ରଫେସର ରଶ୍ମି ରାଉଳ, ପ୍ରଫେସର ଜୟକୃଷ୍ଣ ମହନ୍ତ, ଶିଳ୍ପଦ୍ୟୋଗୀ ନୃସିଂହ ଚରଣ ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇ ଗାଡ଼ିଚାଳକ ମାନଙ୍କ ପାଇଁ ନିଜର ସଚେତନତା ବାର୍ତ୍ତା ଦେବା ସହିତ ବର୍ତ୍ତମାନର ସନ୍ତୁଳିତ ପରିବେଶ ପ୍ରତି ସଜାଗ ହେବା ପାଇଁ ଜନସାଧାରଣଙ୍କ ପ୍ରତି ଅନୁରୋଧର ବାର୍ତ୍ତା ରଖିଥିଲେ । ଏହି ପରିପ୍ରେକ୍ଷୀରେ ସଂଗଠନର ସମସ୍ତ ସଦସ୍ୟ ଓ ଶତାଧିକ ଛାତ୍ରଛାତ୍ରୀ ମାନଙ୍କର ଏକ ବିରାଟ ଶୋଭାଯାତ୍ରା ପୋଲିସ୍ ଲାଇନ୍ ଛକସ୍ଥିତ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳ ଠାରୁ ବାହାରି ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ ଫାଣ୍ଡି ଛକ ପର୍ଯ୍ୟନ୍ତ 'ସଡ଼କ ସୁରକ୍ଷା ଜୀବନ ରକ୍ଷା'ର ବିଭିନ୍ନ ସ୍ଲୋଗାନ୍ ଦେଇ ଲୋକମାନଙ୍କୁ ସଚେତନ କରାଇବା ସହିତ ବିନା ହେଲ୍?ମେଟ୍?ରେ ଗାଡ଼ି ଚଳାଇଆସୁଥିବା ଚାଳକମାନଙ୍କୁ ଗୋଲାପ ଫୁଲ୍ ଦେଇ ଦୁର୍ଘଟଣା ଓ ଜୀବନ ପ୍ରତି ବିପଦ ଥିବା ବିଷୟରେ ସଚେତନ କରାଇଥିଲେ ଓ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଂଗଠନର ଯୁବ ବିଭାଗ ସମ୍ପାଦକ ବିଶ୍ୱକେଶନ ବେହେରା, ରାଜ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ସେକ୍ରେଟାରୀ, ଶେଖ ମୁକ୍ତାରଉଦ୍ଦିନ, ଉପଦେଷ୍ଟା ସାଧୁଚରଣ ମଲ୍ଲିକ, ପ୍ରଫେସର ପ୍ରଫୁଲ୍ଲ କୁମାର ସେଠୀ, କମ୍ଭୁ ମଲ୍ଲିକ, ପ୍ରମୋଦ କୁମାର ପଟ୍ଟାୟତ, ଇଞ୍ଜିନିୟର ବିଜୟ କୁମାର ସେଠୀଙ୍କ ସମେତ କର୍ମକର୍ତ୍ତା ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ପରିଚାଳନା ହୋଇଯାଇଛି ।

## କନ୍ଧମାଳ ଜିଲ୍ଲାରେ ଖ୍ରୀଷ୍ଟାମାସ ପର୍ବ ପାଳନ ନିମନ୍ତେ ମିଳିତ ବୈଠକ ଅନୁଷ୍ଠିତ







ଫୁଲବାଣୀ ତା ୧୭ /୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ କନ୍ଧମାଳ ଜିଲ୍ଲାରେ ଶାନ୍ତି ଓ ସଦ୍?ଭାବନାର ସହିତ ଡିସେମ୍ବର ୨୫ ବଡ଼ଦିନ ଓ ୨୦୨୫ ନବବର୍ଷକୁ ପାଳନ କରିବା ନିମନ୍ତେ ଆଜି ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ୍?ଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବଡ଼ ଦିନ ଓ ନବ ବର୍ଷ ୨୦୨୫କୁ ଜିଲ୍ଲାବାସୀ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବାକୁ ଅଧ୍ୟକ୍ଷ ମହୋଦୟ ସମସ୍ତଙ୍କୁ ନିବେଦନ କରିବା ସହିତ ବଡ଼ଦିନ ଓ ନବବର୍ଷ ଅବସରରେ କନ୍ଧମାଳ ବାସୀଙ୍କ ଉଧେଶ୍ୟରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ସୋସିଆ ଆଲ୍ ମିଡିଆରେ ଭାଇରାଲ୍ ହେଉଥ?ିବା ଫେକ୍ ମେସେଜ୍ ବା ଖବର ଉପରେ ନଜର ରଖି ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାର ସମସ୍ତ ପୋଲିସ୍ ଥାନା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଚର୍ଚ୍ଚର ମୁଖ୍ୟ, ଥାନା ଅଧିକାରୀ, ତହସିଲଦାର ଓ ବିଡିଓ ମାନ ମାନଙ୍କୁ ନେଇ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରୀଶ ବିସି ଜିଲ୍ଲାରେ ଆଇନ ପରିସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ସମସ୍ତ ଆଇ.ଆଇ.ସି ଓ ଏସ୍.ଡି.ପି.ଓ. ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ଗ୍ରୁପ୍?ରେ ସେଭଳି କିଛି ଖବର ଆସିଲେ ପୋଲିସ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବିସି କହିବା ସହିତ ଆନନ୍ଦର ସହିତ ବଡ଼ଦିନ ଓ ନବବର୍ଷ ପାଳନ ନିମନ୍ତେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସଭାପତି, ଖ୍ରୀଷ୍ଟିୟାନ୍ ଜନକଲ୍ୟା ଜନକଲ୍ୟାଣ ସମିତି, କନ୍ଧମାଳ ଶ୍ରୀ ସୁରଞ୍ଜନ ନାୟକ କନ୍ଧମାଳ ଏକ ଶାନ୍ତି ପ୍ରିୟ ଜିଲ୍ଲା । ଏହାର ଅଧିବାସୀମାନେ ଭାଇଚାରାରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ସହାନୁଭୁତି ପ୍ରଦାନ କରିଥାନ୍ତି। କେବଳ ପର୍ବ ପାଳନ ସମୟରେ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ନିବେଦନ ରଖିଥିଲେ। ସେହି ଜନକଲ୍ୟାଣ ସମିତିର ଉପ-ସଭାପତି ମୋଜେସ୍ ଦିଗାଲ ନିଶା ଦ୍ରବ୍ୟ ବିକ୍ରି ଉପରେ କଟକଣା ଲାଗୁ କରିବାକୁ ନିବେଦନ କରିଥିଲେ । ବିଭିନ୍ନ ସମ୍ପ୍ରଦାୟରୁ ଆସିଥିବା ମୁଖ୍ୟମାନେ କହିଥିଲେ । ଯେ, ହିନ୍ଦୁ ଭାଇମାନେ ଦୁର୍ଗାପୂଜା କଲେ ଆମ୍ଭେମାନେ ସେମାନଙ୍କୁ ସହଯୋଗ କରୁ ଏବଂ ସେମାନେ ମଧ୍ୟ ମଧ୍ୟ ଆମ୍ଭମାନଙ୍କୁ ବର୍ଷକୁ ଥରେ ଆସୁଥିବା ଖ୍ରୀଷ୍ଟାମାସ ବା ବଡଦିନ ଭଳି ପର୍ବରେ ସହଯୋଗ କରି ଆସୁଛନ୍ତି । ଜିଲ୍ଲାରେ ପୂର୍ବର ପରିସ୍ଥିତି ବର୍ତ୍ତମାନ ଆଉ ନାହିଁ। ଆମ୍ଭେମାନେ ଶାନ୍ତି ପ୍ରେମର ରାଜା ପ୍ରଭୁ ଯୀଶୁଙ୍କର ପର୍ବ ଆନନ୍ଦର ସହ ଆମେ ସମସ୍ତେ ମିଳିମିଶି ପାଳନ କରିବା । ସେହିପରି ଅନ୍ୟ ସମ୍ପ୍ରଦାୟର ମୁଖ୍ୟମାନେ କହିଥି ହିଥିଲେ ଯେ, ବିଜୁଳି କାଟ୍ ସମୟରେ ବହୁତ ଅସୁବିଧା ହୁଏ। ଏଥିପ୍ରତି ନଜର ଦେବାକୁ ସେମାନେ ଅନୁରୋଧ କରିଥିଲେ। ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ନିଶା ଦ୍ରବ୍ୟ କାରବାରକୁ ନିଷେଧ କଲେ ଭଲ ହୁଅନ୍ତା ବୋଲି କହିଥିଲେ । ବଡ଼ଦିନକୁ ଖ୍ରୀଷ୍ଟିଆନ ଭାଇଭଉଣୀ ମାନେ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ହିନ୍ଦୁ ସମ୍ପ୍ରଦାୟର ମୁଖ୍ୟମାନେ ପ୍ରତିସ୍ରୁତି ଦେଇଥିଲେ। ଜିଲ୍ଲା ପରିଷଦ ଭବନ ରେ ଅନୁଷ୍ଠିତ ହୋଇଥିବା ଶାନ୍ତି ସଦଭାବନା ବୈଠକକୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ ପରିଚାଳନା କରିଥିବାବେଳେ ଉପ-ଜିଲ୍ଲାପାଳ ଖଣ୍ଡମାଳ ଶ୍ରୀ ଚିତ୍ତ ରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ସଂସ୍ଥା, ଫୁଲବାଣୀ ଦେବଜାନୀ ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂ ୟାଁ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରା, ସମସ୍ତ ସରକାରୀ ପଦାଧିକାରୀ, ବିଭିନ୍ନ ସମ୍ପ୍ରଦାୟର ଜିଲ୍ଲା ବ୍ଲକ ମୁଖ୍ୟ, ଜନ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ।ସ୍ଥିତ ଥିଲେ।

## ବାଂଲାଦେଶୀ ବାବା କବଳରେ ଗ୍ରାମର ଗୋଚର ଜମି

କେନ୍ଦ୍ରାପଡ଼ା (୧୭/୧୨)ମାର୍ଶାଘାଇ ବ୍ଲକ୍ ଛରାଇ ପଞ୍ଚାୟତର ପେଣ୍ଠ ାଲିକୁଦା ଗ୍ରାମରେ ାଙ୍ଗଲାଦେଶରୁ ଆସି କବଜା କରି ରଖିଛନ୍ତି (୫ଏକର )ସରକାରୀ ଅନାବାଦୀ ଗୋଚର ଜମି ବୋଲି ଗ୍ରାମର କିଛି ଗ୍ରାମବାସୀ ମାର୍ଶାଘାଇ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଦୀର୍ଘ ୨୫ ବର୍ଷହେବ ବାସଗୃହ ସମେତ ଆଶ୍ରମ ନିର୍ମାଣ କରି ପ୍ରାଧାନ୍ୟ ବିସ୍ତାର କରିଛନ୍ତି ବାଂଲାଦେଶୀ ହଳଦିଆ ବାବା ଓ ତାଙ୍କ ସହଯୋଗୀ ବୋଲି ଅଭିଯୋଗରେ ଲେଖା ଅଛି। ବଙ୍ଗଳା ଦେଶରେ ବାଂଲାଦେଶୀ ହିନ୍ଦୁଙ୍କ ଉପରେ ଆତଙ୍କ ରାଜ ଚଳାଇ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆସି ଲୁଟିବାକୁ ବସିଛନ୍ତି ଏହି ବାଂଲାଦେଶୀ ବାବା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ଘଟଣା ଜାଣିବା ପରେ ଆକ୍ସନ ନିଆଯିବ କହିଲେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର । ଅଭିଯୋଗ ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ବଛରାଇ ପଂଚାୟତ ପେଣ୍ଠ ବାଲିକୁଦା ଗ୍ରାମରେ ଆତଙ୍କ ରାଜ ସୃଷ୍ଟି କରୁଛନ୍ତି ବାଙ୍ଗଲାଦେଶୀ ହଳଦିଆ ବାବା ଓ ତାଙ୍କ ସହଯୋଗୀ । ଏହି ଗ୍ରାମ ଅଧୀନରେ ଥିବା ୫ଏକର ଅନାବାଦୀ ଗୋଚର ଜମିକୁ ଜବରଦଖଲ କରି ନିର୍ମାଣ କରିଛନ୍ତି ଆଶ୍ରମ । ସୂଚନା ଅନୁସାରେ ଏହି ଆଶ୍ରମରେ ବିଭିନ୍ନ ଅନୈତିକ କାର୍ଯ୍ୟ ହେଉଥିବା ସଂଗୀନ ଅଭିଯୋଗ ଆସିବା ପରେ ବାବା ଆଶ୍ରମ ଛାଡି କଲିକତା ମେଦିନୀପୁର ଚାଲି ଯାଇଛନ୍ତି । ତେବେ ଆଶ୍ରମରେ କିଛି ଅସାମାଜିକ ଚେଲା ମାନେ ସବୁ ଦିନ ପ୍ରଚୁର ମଦ୍ୟପାନ ସହ ଗଞ୍ଜେଇ ମାଡ କରି ଚଳାଇଛନ୍ତି ଆତଙ୍କ ରାଜ । ବାବାଙ୍କ ବିଷୟରେ ସାମ୍ବାଦିକ ପ୍ରଶ୍ନ ପଚାରିବାରୁ ବଙ୍ଗାଳୀ ଭାଷାରେ ବେତଣ୍ଡା ଯୁକ୍ତି କରିବା ସହ ନିଶାରେ ସତ୍ୟାସତ୍ୟ ବଖାଣିଛନ୍ତି ବାବା ବୋଲି ଆଲୋଚନା ହେଉଛି। ଏହି ଆଶ୍ରମ ୫ଏକର ଗୋଚର ଜମିରେ ନିର୍ମାଣ ହୋଇଛି । ତେବେ ମାର୍ଶାଘାଇ ବ୍ଲକରେ ଅନେକ ଅସହାୟ ଗରିବ ଭୂମିହୀନ ପରିବାରଙ୍କୁ ଜିଲ୍ଲା ପ୍ରଶାସନ ଜାଗା ଦେଇ ପାରୁନଥିବା ବେଳେ ବାଙ୍ଗଲାଦେଶୀ ଭଣ୍ଡ ବାବା ଓ ତାଙ୍କ ସହଯୋଗୀ ମାନେ କେମିତି ଜବର ଦଖଲ କରି ରହୁଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନ । ବାବା ଖୁଲମ ଖୁଲା ପ୍ରଶାସନକୁ ଚାଲେଞ୍ଜ କରି ଆମର କେହି କିଛି କରିପାରିବେ ନାହିଁ ବୋଲି ଚେତାବନୀ ଦେଉଛନ୍ତି । ଅନ୍ୟ ପକ୍ଷରେ ହଳଦିଆ ବାବା ନିଜର ଦୁଇଟି ଆଧାରକାର୍ଡ କରି ସରକାରୀ ସହାୟତା ହାତେଇ ଥିବା ପ୍ରକାଶ କରିଛନ୍ତି ହଳଦିଆ ବାବାଙ୍କ ସମର୍ଥକ ରବୀନ୍ଦ୍ର । ଅନାବାଦୀ ଗୋଚର ଜମି ଜବର ଦଖଲକୁ ନେଇ ଅସନ୍ତୋଷ ଉଗ୍ର ରୂପ ନେଇଥିବା ବେଳେ ଏହି ଖବର ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶ ପାଇଛି । ଯାହାକୁ ନେଇ ସ୍ଥାନୀୟ ଲୋକେ ହଳଦିଆ ବାବାଙ୍କ ଆଶ୍ରମ ଆଗରେ ପ୍ରତିବାଦ କରିବା ସହ ଜବର ଦଖଲ ଉଚ୍ଛେଦ ପାଇଁ ଦାବୀ କରିଛନ୍ତି । ଏସମ୍ପର୍କରେ କେନ୍ଦ୍ରାପଡ଼ା ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମାହାପାତ୍ର କହିଛନ୍ତି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ସଂ ପା ଦ କୀ ୟ

# ଉଲ୍‌କା ମାତ୍ର !

ଅଧିକ ମହତ୍ତ୍ୱ ଦିଆଗଲେ ପନ୍ନୁନ୍? ନିଜକୁ ଏକ ତାରକା ମଣିପାରେ, କିନ୍ତୁ ପ୍ରକୃତରେ ସେ ଏକ ଉଲ୍?କା ମାତ୍ର, ଯାହା ନିମିଷକ ଲାଗି ଆଲୋକ ଦେଖାଇ ଅବଲୀଳା କ୍ରମେ ଭସ୍ମୀଭୂତ ହୋଇଯିବା ନିଧାର୍ଯ୍ୟ !ଅଧିକ ମହତ୍ତ୍ୱ ଦିଆଗଲେ ପନ୍ନୁନ୍? ନିଜକୁ ଏକ ତାରକା ମଣିପାରେ, କିନ୍ତୁ ପ୍ରକୃତରେ ସେ ଏକ ଉଲ୍?କା ମାତ୍ର, ଯାହା ନିମିଷକ ଲାଗି ଆଲୋକ ଦେଖାଇ ଅବଲୀଳା କ୍ରମେ ଭସ୍ମୀଭୂତ ହୋଇଯିବା ନିଧାର୍ଯ୍ୟ ! ଗତ କାଲି ଠାରୁ ଭୁବେ?ନଶ୍ୱରରେ ଆରମ୍ଭ ହୋଇଥିବା ପୁଲିସ ମହାନିର୍ଦ୍ଦେଶକମାନଙ୍କ ତିନିଦିନିଆ ଜାତୀୟ ସମ୍ମିଳନୀ (ଡି.ଜି.ପି କନ୍?ଫରେନ୍?ସ) ଏବଂ ତହିଁରେ ଉଭୟ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଯୋଗଦାନ ରାଜଧାନୀ ସହରରେ ଏକ ଉଦ୍ଦୀପନାମୂଳକ ବାତାବରଣ ସୃଷ୍ଟି କରିଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାରୁ ଖଲିସ୍ତାନୀ ଆତଙ୍କବାଦୀ ଗୁରପତଓ୍ୱନ୍ତ ସିଂହ ପନ୍ନୁନ୍? ଦ୍ୱାରା ଜାରି ଏକ ଭିଡିଓରେ ସରକାର ଓ ପୁଲିସ ମୁଖ୍ୟମାନଙ୍କ ପ୍ରତି ବିଷୋଦ୍?ଗାର, ଅପବାଦ ରଚନା ଏବଂ କାର୍ଯ୍ୟକ୍ରମ ?େ?ର ବିଘ୍ନ ସୃଷ୍ଟି ଲାଗି ଉଚ୍ଚାଟ ଭରା ଆହ୍ୱାନ ଏକ ଅସ୍ୱସ୍ତିକର ଶିହରଣ ମଧ୍ୟ ସଂଚାର କରିଛି। କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକାର ଦ୍ୱେ?ତ ନାଗରିକତ୍ୱ ଧାରଣ କରିଥିବା ପନ୍ନୁନ୍?କୁ ସେ ଭୂମିଷ୍ଠ ହୋଇଥିବା ରାଷ୍ଟ୍ର ଭାରତ ପକ୍ଷରୁ ଆତଙ୍କବାଦୀ ବୋଲି ଘୋଷଣା କରାଯାଇ ସାରିଥିଲେ ହେଁ କେଉଁ କାରଣରୁ ଉଭୟ କାନାଡା ଓ ଆମେରିକା ତାକୁ ପ୍ରଶ୍ରୟ ଦେଇ ଚାଲିଛନ୍ତି, ତାହା ଅନେକଙ୍କ ଲାଗି ଦୁର୍ବୋଧ ହୋଇଥାଏ ! ପ୍ରଶ୍ନ ଉଠେ ଯେ ଏହାର ଅର୍ଥ କ'ଣ ପନ୍ନୁନ୍? ଜଣେ ସି.ଆଇ.ଏ. ଏଜେଣ୍ଟ ଏବଂ ସେହି ଦୃଷ୍ଟିରୁ ଆମେରିକୀୟ 'ଡିପ୍? ଷ୍ଟେଟ୍'(ଦୃଷ୍ଟି ଅନ୍ତରାଳରେ ବିଦ୍ୟମାନ ସଂଗୋପିତ ବ୍ୟବସ୍ଥା) ଲାଗି ଗୋଟିଏ ସଂପଦ? ନା ଭାରତରୁ ବିଚ୍ଛିନ୍ନ ଏକ ସ୍ୱାଧୀନ ଖଲିସ୍ତାନ ରାଷ୍ଟ୍ର ଲାଗି ଉଚ୍ଚାଟିତ ପନ୍ନୁନ୍? ହେଉଛି ଉଭୟ କାନାଡା ଓ ଆମେରିକାର ବିଚାରରେ 'ମାନବ ଅଧିକାର'ର ପ୍ରବକ୍ତା ତଥା ଜଣେ ସ୍ୱାଧୀନତା ସଂଗ୍ରାମୀ? ନା ଭାରତ ଭଳି ଏକ ବିଦେଶୀ ରାଷ୍ଟ୍ରର ଶିକାର ହେବାକୁ ବସିଥିବା ସେ ଜଣେ କାନାଡା-ଆମେରିକୀୟ ନାଗରିକ, ଯାହାକୁ ସୁରକ୍ଷା ପ୍ରଦାନ କରିବା ସେମାନଙ୍କ କର୍ତ୍ତବ୍ୟ? ନା ଅନେକ ପର୍ଯ୍ୟବେକ୍ଷକ କହୁଥିବା ଭଳି ଏହା ହେଉଛି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ସେମାନଙ୍କ ଅନନୁକରଣୀୟ ଔଦାର୍ଯ୍ୟକୁ ନେଇ ସ୍ୱଷ୍ଟ ବ୍ୟାଖ୍ୟାନର ଏକ ନିଦର୍ଶନ? ନା ପନ୍ନୁନ୍? ନିରଙ୍କୁଶ ରହିପାରିବା ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ଅହଂକାରକୁ ଆହାର ଯୋଗାଇଥାଏ ?

ଏହା ନିଃସନ୍ଦେହ ଯେ ଆମେରିକାରେ ବସବାସ କରୁଥିବା ଓ ଇତି ମଧ୍ୟରେ ପ୍ରଭାବଶାଳୀ ହୋଇ ସାରିଥିବା ଅସଂଖ୍ୟ ପ୍ରବାସୀ ଭାରତୀୟଙ୍କୁ ପନ୍ନୁନ୍?ର ଏଭଳି ଜନ୍ମଭୂମି ବିରୋଧୀ କାର୍ଯ୍ୟକଳାପ ଅତ୍ୟନ୍ତ ବ୍ୟଥିତ ଓ ରୁଷ୍ଟ କରୁଥିବ। ପୁଣି ଭାରତ ହେଉଛି ଆମେରିକା ସକାଶେ ଅତ୍ୟନ୍ତ ଆବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ ରଣନେ?ତିକ ସହଯୋଗୀ। ତେଣୁ ପ୍ରଶ୍ନ ଉଠିଥାଏ ଯେ ଆମେରିକା ସରକାର ପନ୍ନୁନ୍?ର ଏଭଳି ଭାରତ ବିରୋଧୀ ଧମକଚମକ ଓ ଆତଙ୍କ ସୃଷ୍ଟିକାରୀ ଉଚ୍ଚାଟକୁ ବରଦାସ୍ତ କରୁଛନ୍ତି କିପରି ବା କାହିଁକି? ତେଣୁ ସନ୍ଦେହ ହୋଇଥାଏ ଯେ ସମ୍ଭବତଃ ପନ୍ନୁନ୍? ହେଉଛି ଜଣେ ସି.ଆ?ଇ.ଏ. ଏଜେଣ୍ଟ ! ଏ ସଂଦର୍ଭରେ ଆଉ କେହି କେହି କହନ୍ତି ଯେ ଉଦାରଚେତା ଆମେରିକାରେ 'ମାନବ ଅଧିକାର' ଓ 'ଅଭିବ୍ୟକ୍ତିର ସ୍ୱାଧୀନତା' ଅତ୍ୟନ୍ତ ଗୁରୁତ୍ୱ ପାଉଥିବାରୁ ସେହି ଦେଶରେ ତାକୁ ଆଳ ବା ଅସ୍ତ୍ର ରୂପେ ବ୍ୟବହାର କରାଯିବା ସହଜ, ଯାହାର ସୁଯୋଗ ନେଇଛି ପନ୍ନୁନ୍? ଏବଂ ଆମେରିକା ତା'ର ଭାବମୂର୍ତ୍ତି ଅକ୍ଷୁଣ୍ଣ ରଖିବା ଲାଗି ଅଗତ୍ୟା ନିରବ ରହୁଛି। କିନ୍ତୁ ଅନେକ କହନ୍ତି ଯେ ଆମେରିକା ଏ କ୍ଷେତ୍ରରେ ନିରୁପାୟ; କାରଣ ଭାରତରେ ଅନ୍ତର୍ଘାତୀ କାର୍ଯ୍ୟ କରିବା ସକାଶେ ଉତ୍ତେଜନାପୂର୍ଣ୍ଣ ଓ ଧମକଭରା ବକ୍ତବ୍ୟମାନ ପ୍ରଦାନ କରୁଥିଲେ ହେଁ ସେ ବସ୍ତୁତଃ ଆମେରିକାର ଆଇନ ଭଙ୍ଗ କରି ନ ଥାଏ, ଯାହା ତାକୁ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରି ରଖିଛି। ଏଭଳି କାହିଁକି ତାହା ବୁଝିବାକୁ ହେଲେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଚଳିତ ୧୯୬୯ ମସିହା?ର 'ବ୍ରାଣ୍ଡନ୍?ବର୍ଗ ପ୍ରିନ୍?ସିପ୍?ଲ' ସମ୍ବନ୍ଧରେ ଜାଣିବାକୁ ହେବ, ଯାହାକୁ 'ପ୍ରଥମ ସଂଶୋଧନ' ବୋଲି ମଧ୍ୟ କୁହାଯାଇଥାଏ। ପ୍ରକାଶ ଥାଉ କି ୧୯୬୯ ମସିହାରେ ଆମେରିକାର ଓହାଇଓ ସହରରେ ଶ୍ୱେତାଙ୍ଗ ଉଗ୍ରବାଦୀ ସଂଗଠନ 'କ୍ଲୁ କ୍ଲାକ୍?ସ କ୍ଲାନ୍?'ର ଜଣେ ନେତା ବ୍ରାଣ୍ଡନବର୍ଗଙ୍କ ଦ୍ୱାରା ପ୍ରଦତ୍ତ ଏକ ଚରମ ବର୍ଣ୍ଣ-ବେ?ଷମ୍ୟବାଦୀ ଭାଷଣ ଟେଲିଭିଜନରେ ପ୍ରସାରିତ ହେବା ପରେ ଉତ୍ତେଜନା ଓ ଦଙ୍ଗା ଉସୁକାଇବା ଅଭିଯୋଗରେ ତାଙ୍କୁ ଦଶ ବର୍ଷର କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। କିନ୍ତୁ ଏହି ପରିପ୍ରେକ୍ଷୀରେ ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରିମ୍? କୋର୍ଟ ହସ୍ତକ୍ଷେପ କରି ଆଇନକୁ ଅଧିକ ପ୍ରାଂଜଳ କରିଥିଲେ ଯଦ୍ଦ୍ୱାରା ଅଭିବ୍ୟକ୍ତିର ସ୍ୱାଧୀନତାର କ୍ଷେତ୍ର ଆହୁରି ପ୍ରଶସ୍ତ ହୋଇଥିଲା ଏବଂ ସେହି ସୂତ୍ରରେ ଅନ୍ୟକୁ ଅପମାନିତ କରିବାର ବା ଗାଳି ଦେବାର ଆଇନଗତ ଅଧିକାର ମଧ୍ୟ ସୁବିସ୍ତୃତ ହୋଇଥିଲା। ଏହି ସଂଶୋଧନ ଅନୁସାରେ କେ?ଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ନିର୍ଦ୍ଦିଷ୍ଟ ଭାବେ ଉତ୍ତେଜନା ଓ ଅରାଜକତା ସୃଷ୍ଟିକାରୀ ବକ୍ତବ୍ୟ ପ୍ରଦାନ ନ କଲା ଯାଏ ତାହା ଦଣ୍ଡନୀୟ ବା କାର୍ଯ୍ୟାନୁଷ୍ଠାନଯୋଗ୍ୟ ହେବନାହିଁ। ସୁତରାଂ, ଜଣେ ସୁଚତୁର ପନ୍ନୁନ୍? ପେସାଦାର ଆଇନଜୀବୀ ଭାବେ ନିର୍ଦ୍ଦିଷ୍ଟ ଶବ୍ଦମାନ ପ୍ରୟୋଗ କରି ଏହି ଆଇନରୁ ସୁରକ୍ଷିତ ରହିବାର ମାର୍ଗ ମଧ୍ୟ ବାହାର କରିଛି, ଯାହା ସାଧାରଣ ଦୃଷ୍ଟିରେ ହୁଏତ ପଡ଼ି ନ ପାରେ ! ଉଲ୍ଲେଖଯୋଗ୍ୟ ଯେ ପନ୍ନୁନ୍?ର ବକ୍ତବ୍ୟରେ ହିଂସାର ସ୍ୱଷ୍ଟ ଇଙ୍ଗିତ ଥିଲେ ?େହିଁ ନିର୍ଦ୍ଦିଷ୍ଟ ଭାବେ ହିଂସା ଆଚରଣ କରିବା ସକାଶେ କୁହାଯାଇ ନ ଥାଏ। ଉଦାହରଣ ସ୍ୱରୂପ ତାକୁ ହତ୍ୟା କରାଯାଇଥିବାର ଉଦ୍ୟମ ପ୍ରଘଟ ହେବା ପର ଦିନ ସେ ଧମକ ଦେଇଥିଲା ଯେ ଏଣିକି ସେ ଏଭଳି କାର୍ଯ୍ୟ କରିବ, ଯାହା ଭାରତୀୟ ସଂସଦ ଭବନର ମୂଳଦୁଆକୁ ଦୋହଲାଇ ଦେବ (ଇଂରେଜୀରେ 'ସେକ୍? ଦ ଫାଉଣ୍ଡେସନ୍? ଅଫ୍? ପାର୍ଲାମେଣ୍ଟ'), ଯାହା ଅହିଂସ ଆନ୍ଦୋଳନ ବା ବିରୋଧ ଦ୍ୱାରା ମଧ୍ୟ ସମ୍ଭବ ! ସେହିଭଳି ଭୁବନେଶ୍ୱରରେ ଚାଲିଥିବା ଡି.ଜି.ପି. ସମ୍ମିଳନୀରେ ବ୍ୟାଘାତ ('ଟୁ ଡିସରପ୍?ଟ') ସୃଷ୍ଟି ଲାଗି ତା'ର ଡାକରାରେ ନିର୍ଦ୍ଦିଷ୍ଟ ଭାବେ ହିଂସା ସୃଷ୍ଟି ଲାଗି କୁହାଯାଇ ନାହିଁ। ସେହିଭଳି କାନାଡାର ବ୍ରାଂପଟନରେ ପ୍ରଦର୍ଶିତ ହୋର୍ଡିଂ? ଓ ପୋଷ୍ଟରରେ ଭାରତର ଗଣତନ୍ତ୍ରକୁ ଦଳିମକଚି ଚୂର୍ଣ୍ଣ କରିଦେବା ଲାଗି (ଟୁ କ୍ରସ୍?) ଆହ୍ୱାନ ରହିଛି, କିନ୍ତୁ ତଳେ ଅତ୍ୟନ୍ତ କ୍ଷୁଦ୍ର ଅକ୍ଷରରେ ଧାଡ଼ିଏ ଲେଖା ଅଛି ଯେ 'ବୁଲେଟ୍? ଜରିଆରେ ନୁହେଁ, ବାଲଟ୍? ଜରିଆରେ' ! ତେଣୁ ଅନେକ ପର୍ଯ୍ୟବେକ୍ଷକ କହନ୍ତି ଯେ ଏଭଳି ଚାତୁର୍ଯ୍ୟ ତାକୁ ଆମେରିକାରେ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ ରଖି ଭାରତ ବିରୋଧୀ ଧମକଚମକକୁ ଅବ୍ୟାହତ ରଖିବାରେ ସହାୟକ ହେବ। ତେଣୁ ପନ୍ନୁନ୍? ମୁଣ୍ଡବ୍ୟଥା ଯେ ଜାରି ରହିବ ଏଥିରେ ସନ୍ଦେହ ନାହିଁ। ଇତିମଧ୍ୟରେ ପନ୍ନୁନ୍? ପାଞ୍ଚଟି ଧମକ ଭରା ଭିଡିଓ ଜାରି କରି ସାରିଲାଣି, ଯାହା ଭାରତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟାଶୀଳ ଓ ମୁଖର କରିଛି ସିନା, ଭାରତରେ ବସବାସ କରୁଥିବା ଶିଖ ସଂପ୍ରଦାୟ ମଧ୍ୟରେ ଏହା କେ?ଣସି ଉଦ୍?ବେଳନ ସୃଷ୍ଟି କରି ପାରିନାହିଁ। ତେଣୁ, କ୍ରମେ ହୃଦ୍?ବୋଧ ହେଲାଣି ଯେ ସେଭଳି ଧମକମାନ ଅନ୍ତଃସାରଶୂନ୍ୟ। ଏଥିରେ ମଧ୍ୟ ଦ୍ୱିରୁକ୍ତି ନାହିଁ ଯେ ଭାରତରେ ବାସ କରୁଥିବା ଶିଖମାନେ କଦାଚିତ ଖଲିସ୍ତାନ ଚାହାନ୍ତି ନାହିଁ। ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ଭାରତରେ ପନ୍ନୁନ୍? ଏଭଳି ଜନାଧାରଶୂନ୍ୟ ଯେ ଏଠାରେ ପଞ୍ଚାୟତ ନିର୍ବାଚନଟିଏ ଜିଣିବା ମଧ୍ୟ ତା' ପକ୍ଷରେ ଅସମ୍ଭବ। କାନାଡାରେ ତା'ର ପ୍ରଭାବ ଏଥି ଲାଗି ବୃଦ୍ଧି ପାଇଛି ଯେ ସେଠାକାର ଜଷ୍ଟିନ ଟ୍ରୁଡୋ ସରକାର ନିଜ ରାଜନେ?ତିକ ଅସ୍ତିତ୍ୱ ଲାଗି ପ୍ରବାସୀ ଶିଖମାନଙ୍କ ସମର୍ଥନ ଚାହେ, ଯେଉଁମାନେ ଖଲିସ୍ତାନ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ। କିନ୍ତୁ ଭାରତରେ ଖଲିସ୍ତାନ ଆନ୍ଦୋଳନର ବୀଜ (ପୁଣି ଥରେ) ଏ ଯାବତ୍? ବପନ ହୋଇ ପାରିନାହିଁ। ଏଭଳି ସ୍ଥଳେ ଆମ ଦାୟିତ୍ୱ ହେବ ଦେଶପ୍ରେମୀ ଓ ବନ୍ଧୁ-ବତ୍ସଳ ଶିଖ ସଂପ୍ରଦାୟକୁ ଅତ୍ୟନ୍ତ ଆପଣାର କରି ସେମାନଙ୍କ ମନରେ ସାମାନ୍ୟତମ ବିଚ୍ଛିନ୍ନତାବୋଧ ସୃଷ୍ଟି କରିବାର ସୁଯୋଗ ନ ଦେବା। ଏଭଳି ସ୍ଥଳେ ଆଉ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଲା ପନ୍ନୁନ୍?ର ଧମକଚମକ ପରିପ୍ରେକ୍ଷୀରେ ସତର୍କତା ଅବଲମ୍ବନ କରିବା ସହିତ ତାକୁ ନେଇ ଅଧିକ ଆଲୋଚନା ନ କରିବା, ଯଦ୍ଦ୍ୱାରା କ୍ରମେ ସେ ଅପ୍ରାସଙ୍ଗିକ ହୋଇ ପଡ଼ିବ। ଅଧିକ ମହତ୍ତ୍ୱ ଦିଆଗଲେ ପନ୍ନୁନ୍? ନିଜକୁ ଏକ ତାରକା ମଣିପାରେ, କିନ୍ତୁ ପ୍ରକୃତରେ ସେ ଏକ ଉଲ୍?କା ମାତ୍ର, ଯାହା ନିମିଷକ ଲାଗି ଆଲୋକ ଦେଖାଇ ଅବଲୀଳା କ୍ରମେ ଭସ୍ମୀଭୂତ ହୋଇଯିବା ନିଧାର୍ଯ୍ୟ !

# ନିଶା ବିରୋଧରେ ନାରୀ ଜାଗୃତି

**ଗୌରାଙ୍ଗ ଚରଣ ପରିଡ଼ା**

୧୯୩୦ ମସିହା ଏପ୍ରିଲ ୬ ତାରିଖ 'ନବଜୀବନ' ପତ୍ରିକାରେ ଭାରତୀୟ ମହିଳାଙ୍କୁ ସମ୍ବୋଧନ କରି ଗାନ୍ଧୀଜୀ ଏକ ପ୍ରବନ୍ଧ ଲେଖିଥିଲେ। ପ୍ରବନ୍ଧର ଶିରୋନାମା ଥିଲା, 'ଟୁ ଦି ଓମ୍ୟାନ୍।' ଆଇନ ଅମାନ୍ୟ ଆନ୍ଦୋଳନରେ ମହିଳାଙ୍କ ବିଶେଷ ଭୂମିକା କ'ଣ ହେବ, ସେ ନେଇ ବର୍ଣ୍ଣନା ଥିଲା ଏଥିରେ। ୧୯୩୦ ମସିହା ଏପ୍ରିଲ ୬ ତାରିଖ 'ନବଜୀବନ' ପତ୍ରିକାରେ ଭାରତୀୟ ମହିଳାଙ୍କୁ ସମ୍ବୋଧନ କରି ଗାନ୍ଧୀଜୀ ଏକ ପ୍ରବନ୍ଧ ଲେଖିଥିଲେ। ପ୍ରବନ୍ଧର ଶିରୋନାମା ଥିଲା, 'ଟୁ ଦି ଓମ୍ୟାନ୍।' ଆଇନ ଅମାନ୍ୟ ଆନ୍ଦୋଳନରେ ମହିଳାଙ୍କ ବିଶେଷ ଭୂମିକା କ'ଣ ହେବ, ସେ ନେଇ ବର୍ଣ୍ଣନା ଥିଲା ଏଥିରେ। ପ୍ରବନ୍ଧରେ ଗାନ୍ଧୀଜୀ ଲେଖିଥିଲେ, 'ମହିଳାଙ୍କ କାର୍ଯ୍ୟ ନେଇ ମୁଁ ଏକ ଯୋଜନା ଓ କ୍ଷେତ୍ର ପ୍ରସ୍ତୁତ କରିରଖିଛି। ଏଥିରେ କାମ କରିବା ସହଜ ବୋଲି ପ୍ରାଥମିକ ଭାବେ ପ୍ରତୀୟମାନ ହେଲେ ବି ଏହା ଏତେ ସହଜ ନୁହେଁ। ମହିଳାମାନେ ଏଥିରେ ସଫଳ ହେଲେ ଭାରତ ଓ ପୃଥିବୀ ଇତିହାସରେ ଏହା ଏକ ବିରଳ ଘଟଣା ହେବ ଏବଂ ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଭାଗୀଦାରିର ଏହା ଏକ ଅନନ୍ୟ ଉଦାହରଣ ହେବ।' ଗାନ୍ଧୀଜୀ ସ୍ୱଷ୍ଟ କରି ଦେଇଥିଲେ, 'ମହିଳାମାନେ ମଦ ବନ୍ଦ ଆନ୍ଦୋଳନରେ ପ୍ରତ୍ୟେକ୍ଷ ଭାଗ ନେବେ। ମଦ ଦୋକାନ ସମ୍ମୁଖରେ ଦୋକାନ ବନ୍ଦ ପାଇଁ ପିକେଟିଙ୍ଗ୍? କରିବେ। ନିଶାଗ୍ରସ୍ତ ଲୋକଙ୍କ ହୃଦୟ ପରିବର୍ତ୍ତନ କରିବାକୁ ଉଦ୍ୟମ କରିବେ। ମଦ କିଣିବାକୁ ଆସୁଥିବା ବ୍ୟକ୍ତିମାନଙ୍କୁ ସେମାନେ ସସମ୍ମାନେ ବୁଝେଇ ମଦ କିଣିବାକୁ ବାରଣ କରିବେ। ପିକେଟିଙ୍ଗ୍? କଲାବେଳେ ମହିଳାମାନେ ଭକ୍ତିଭାବ ଥିବା ଧାର୍ମିକ ସଂଗୀତ ଗାନ କରିବେ। ମହିଳାଙ୍କ ଗଣଧାରଣା ନିଶ୍ଚୟ ଶାନ୍ତିପୂର୍ଣ୍ଣ ହେବ। ମୁଁ ନିଶ୍ଚିତ, ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏଥିରେ ସକ୍ଷମ ସାବ୍ୟସ୍ତ ହେବେ। ଏବଂ ମହିଳାମାନେ ଯଦି ଚାହିବେ, ମଦବିରୋଧୀ ଅଭିଯାନକୁ ସେମାନେ ନିଜ ଇଚ୍ଛାରେ ଆହୁରି ବ୍ୟାପକ କରିପାରିବେ।'ପ୍ରବନ୍ଧରେ ମହିଳାଙ୍କୁ ପୁଣି ଗାନ୍ଧୀ ସୂଚେଇଦେଲେ, 'ମଦ ବନ୍ଦ ଅଭିଯାନ ପାଇଁ ମୁଁ ଯେଉଁ ଏକ ସ୍କିମ୍? ତିଆରି କରିଛି, ଏ ତା'ର ଏକ ଅଂଶ। ଏଥିରେ କେବଳ ମହିଳାମାନେ ଅଂଶ ଗ୍ରହଣ କରିବେ। ପୁରୁଷମାନେ ତାଙ୍କୁ ସାହାଯ୍ୟ କରିବେ। ମଦ ବନ୍ଦ ଆନ୍ଦୋଳନରେ ପୁରୁଷମାନେ କିନ୍ତୁ ଭାଗ ନେବେନି। ସେମାନେ ଏଥିରୁ ନିବୃତ୍ତ ରହିବେ। ମଦ ବନ୍ଦ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ମହିଳା କାର୍ଯ୍ୟକ୍ରମ ହେବ।'ଗାନ୍ଧୀଜୀ ଏ କଥା ବି ସ୍ୱଷ୍ଟ କରିଦେଲେ, 'ସରକାରଙ୍କ ମଦ ନୀତି ଲୋକଙ୍କ ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେଁ। ସାଧାରଣ ଲୋକଙ୍କ ଏ ନୀତି ପ୍ରତି ସମର୍ଥନ ନାହିଁ। ଏହା ଏକ ଖରାପ ନୀତି। ସମାଜର ସର୍ବନିମ୍ନ ସ୍ତରରେ ଥିବା ମଣିଷର ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଇ କୌଣସି ଆଇନ ଓ ନୀତି କଲେ ତାହା ଗ୍ରହଣୀୟ ହୋଇ ନ ଥାଏ। ମୁଁ ମୋ ତାଲିସମ୍ୟାନ୍ କାହାଣୀରେ ନୀତି ନିର୍ଦ୍ଧାରକଙ୍କୁ ଏପରି ପରାମର୍ଶ ବି ଦେଇସାରିଛି।'ଗାନ୍ଧୀଙ୍କ ପ୍ରବନ୍ଧଟି ଦୀର୍ଘ ଥିଲା କିନ୍ତୁ ଏଥିରେ ଆବେଗ ସହ ତଥ୍ୟ ବି ଥିଲା। ଗାନ୍ଧୀ ଲେଖିଥିଲେ, 'ଅନେକ ପ୍ରଶ୍ନ କରିପାରନ୍ତି, ସରକାର ମଦ ବିକ୍ରିରୁ ରାଜସ୍ୱ ପାଉଥିଲେ। ଏଥିରେ ଜନକଲ୍ୟାଣକାରୀ କାର୍ଯ୍ୟ ହେଉଥିଲା। ଏକ ରିପୋର୍ଟ ଅନୁଯାୟୀ ସରକାର ମାତ୍ର ପଚିଶ କୋଟି ଟଙ୍କା ମଦ ଓ ଅଫିମ ବିକ୍ରିରୁ ରାଜସ୍ୱ ପାଆନ୍ତି। ଅନ୍ୟ କ୍ଷେତ୍ରରେ ଟିକସ ବୃଦ୍ଧି କରି



ସରକାର ଏଇ ପରିମାଣର ରାଜସ୍ୱ ଆଦାୟ କରି ପାରିବେ। କିମ୍ବା ପ୍ରଶାସନିକ ଖର୍ଚ୍ଚ କମେଇ ଦେଲେ ମଦ ବନ୍ଦ ଜନିତ ରାଜସ୍ୱ କ୍ଷତିର ଭରଣା ବି ହୋଇପାରିବ।'ଗାନ୍ଧୀ ତାଙ୍କ ଲେଖାରେ 'ମିଠୁ ବହନ' ନାମକ ଜଣେ ମହିଳାଙ୍କ ଉଦାହରଣ ଦେଇଥିଲେ। ଗାନ୍ଧୀ ଉଲ୍ଲେଖ କରିଥିଲେ, 'ମିଠୁ ବହନ ଜଣେ ଦିବ୍ୟାଙ୍ଗ ମହିଳା। ମଦ ବନ୍ଦ ପାଇଁ ଇଚ୍ଛାଶକ୍ତି ତାଙ୍କର ଅସୀମ। ମୁଁ ତାଙ୍କର କାର୍ଯ୍ୟକ୍ରମ ଓ କାର୍ଯ୍ୟନିଷ୍ଠା ଦେଖିଛି। ମିଠୁ ବହନ ନିଶା ନିବାରଣ ପାଇଁ ଭଲ ଭିତ୍ତିଭୂମିଟିଏ ତିଆରି କରି ଦେଇଛନ୍ତି। ଆମ ଭଉଣୀମାନେ ତାକୁ ସୁଦୃଢ଼ କରିବା କଥା। ମୁଁ ଏଥିପାଇଁ ମହିଳାମାନଙ୍କୁ ସ୍ୱଇଚ୍ଛାରେ ବହୁ ସଂଖ୍ୟାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଛି। ଗୁଜୁରାଟୀ ମହିଳାମାନେ ପ୍ରଥମେ ଏହା ଆରମ୍ଭ କରନ୍ତୁ। ଏବଂ ପ୍ରଥମ ପର୍ଯ୍ୟାୟରେ ଏମାନେ ଭାରତର ବଡ଼ଲାଟ ଲର୍ଡ ଇ?ଉଇନ୍?ଙ୍କ ପାଖକୁ ମଦ ବନ୍ଦ ପାଇଁ ଚିଠି ଲେଖନ୍ତୁ।' ନିଶା ନିବାରଣ ଅଭିଯାନ ପାଇଁ ଗୁଜୁରାଟରେ 'ରାଷ୍ଟ୍ରୀୟ ସ୍ତ୍ରୀ ସଭା' ନାଁରେ ଏକ ମହିଳା ସଂଗଠନ ଗଠିତ ହୋଇ ଯାଇଥିଲା। ୧୯୩୦ ମସିହା ଏପ୍ରିଲ ୨୭ ତାରିଖରେ ମହାଦେବ ଦେଶାଇଙ୍କ ସ୍ତ୍ରୀ ଦୁର୍ଗା ଦେଶାଇ, ବିଶିଷ୍ଟ ଶିଳ୍ପପତି ଅମ୍ବାଲାଲ ସରାଭାଇଙ୍କ ଭଉଣୀ ଅନସୂୟା ସରାଭାଇ, ସମାଜସେବୀ ମିଠୁ ବହନ ଓ ମାର୍ମିନା ତ୍ୟାବଜୀଙ୍କ ପରି ଅନେକ ପ୍ରତିଷ୍ଠିତ ମହିଳାଙ୍କ ସମୂହ ଦସ୍ତଖତରେ ଏକ ଇଂରେଜୀ ଚିଠି ବଡ଼ଲାଟଙ୍କ ପାଖକୁ ପଠାଯାଇଥିଲା। ଚିଠିଟି ଲେଖିଦେଇଥିଲେ ଗାନ୍ଧୀଜୀ ନିଜେ।ଚିଠିରେ ଲେଖା ଥିଲା, "ମହାମହିମ ବଡ଼ଲାଟଜୀ, ଦାଣ୍ଡିଯାତ୍ରା ପରେ ଗାନ୍ଧୀଜୀଙ୍କ ନେତୃତ୍ୱରେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଏହା ସମ୍ପ୍ରତି ଏକ ବୃହତ୍ ଜାତୀୟ ଆନ୍ଦୋଳନର ରୂପ ନେଇ ସାରିଲାଣି। ଆମେ ମହିଳାମାନେ ଏଇ ଆନ୍ଦୋଳନରୁ ନିଜକୁ ପୃଥକ୍? କରି ରଖିପାରୁନୁ। ଆଇନ ଅମାନ୍ୟ ଆନ୍ଦୋଳନକୁ ଆମେ ସମର୍ଥନ କରୁଛୁ ଏବଂ ମଦ ଓ ନିଶା ବନ୍ଦ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛୁ।ମହାମହିମ, ମଦ ଆମ ପରିବାରକୁ ଉଜାଡ଼ି ସାରିଲାଣି। ଘରେ ଆଉ ପାରିବାରିକ ସୌହାର୍ଦ୍ଦ ନାହିଁ। ଜୀବନ ଦୁର୍ବିଷହ। ଘରେ ମଦ୍ୟପାନ ଯୋଗୁଁ ପୁରୁଷଙ୍କ ଅପେକ୍ଷା ବେଶୀ ଏବେ ପ୍ରଭାବିତ ହେଉଛନ୍ତି ମହିଳା। ଜନକଲ୍ୟାଣ ଦୃଷ୍ଟିରୁ ରାଷ୍ଟ୍ର ମଦ ଓ ନିଶା ବିକ୍ରି ବନ୍ଦ କରିବା କଥା। ଦୁର୍ଭାଗ୍ୟ ଯେ ଏହା ହେଉନି।ମହାମହିମ, ଆମେ ମହିଳାମାନେ ଦଳଦଳ ହୋଇ ମଦ ଦୋକାନ ଆଗରେ ବର୍ତ୍ତମାନ ପିକେଟିଙ୍ଗ୍? କରୁଛୁ। ଦୋକାନ ନ ଖୋଲିବାକୁ ନିବେଦନ କରୁଛୁ। ମଦ କିଣିବାକୁ ଆସୁଥିବା ବ୍ୟକ୍ତିମାନଙ୍କୁ ମଦ ନ ପିଇବାକୁ ଅନୁରୋଧ କରୁଛୁ। ସେମାନଙ୍କର ହୃଦୟ ଜିତି ଆମେ ଯେ ମଦ ବନ୍ଦ କରିପାରିବୁ, ଆମର ବିଶ୍ୱାସ। ଗାନ୍ଧୀଜୀ କହନ୍ତି, ମହିଳାମାନେ ମଦ ବନ୍ଦ ଆନ୍ଦୋଳନ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ। ବିନା ଅସ୍ତ୍ରରେ ବି ସେମାନେ ଯୁଦ୍ଧବନ୍ଦ କରିପାରିବେ।ମହାମହିମ, ଆମେ ମଦ ଓ ନିଶା ନିବାରଣ ଅଭିଯାନ କେବଳ ଗୁଜୁରାଟରେ ସୀମିତ ରଖିନୁ। ଭାରତର ଅନ୍ୟ ପ୍ରଦେଶର ନାରୀ ସମାଜ ମଧ୍ୟ ଆମ ସହ ସ୍ୱତଃପ୍ରବୃତ୍ତ ଭାବେ ଯୋଗ ଦେଇଛନ୍ତି। ମଦ ବନ୍ଦ ପାଇଁ ଏକ ବ୍ୟାପକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଯାଇଛି।ବଡ଼ଲାଟଜୀ, ମଦ ବନ୍ଦ ଆମ ମହିଳାଙ୍କ ପାଇଁ ଏକ ଗମ୍ଭୀର ପ୍ରସଙ୍ଗ। ମଦ ପ୍ରସାର ନୀତି ବନ୍ଦ ନ ହେବା ପର୍ଯ୍ୟନ୍ତ ଏହା ସ୍ୱାଧୀନତା ଆନ୍ଦୋଳନ ସହ ଜାରି ରହିବ।ଇତି ଆପଣଙ୍କର ବିଶ୍ୱସ୍ତ।''ମହିଳାଙ୍କ ଦସ୍ତଖତରେ ଏ ଚିଠିକୁ ଡାକ ଯୋଗେ ବଡ଼ଲାଟଙ୍କ ପାଖକୁ ପଠାଇ ଦିଆଯାଇଥିଲା। ମହିଳାଙ୍କ ଆବେଦନ କିନ୍ତୁ ଇଂରେଜ ସାହେବ ଶୁଣି ନ ଥିଲେ।ଅବଶ୍ୟ ଏକ ମଦ ମୁକ୍ତ ସମାଜ ପାଇଁ ସେ ଆବେଦନ ଏବେ ବି ଏକ ସକାରାତ୍ମକ ଉତ୍ତର ଅପେକ୍ଷାରେ ଅଛି।

# ବିଷାଦର ବ୍ୟବଚ୍ଛେଦ

**ଫକୀର ମୋହନ ସାହୁ**

ମୂଳ କଥା ହେଲା ବିଷାଦ ବା 'ଡିପ୍ରେସନ୍' କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ଏକ ଆଖିଦୃଶିଆ ପାର୍ଥକ୍ୟ ରହିଛି। ବିକଶିତ ଦେଶମାନଙ୍କରେ ବିଷାଦଗ୍ରସ୍ତ ପୁରୁଷମାନଙ୍କ ତୁଳନାରେ ନାରୀମାନଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ। ମୂଳ କଥା ହେଲା ବିଷାଦ ବା 'ଡିପ୍ରେସନ୍' କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ଏକ ଆଖିଦୃଶିଆ ପାର୍ଥକ୍ୟ ରହିଛି। ବିକଶିତ ଦେଶମାନଙ୍କରେ ବିଷାଦଗ୍ରସ୍ତ ପୁରୁଷମାନଙ୍କ ତୁଳନାରେ ନାରୀମାନଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ। ବିକାଶମୁଖୀ ଦେଶମାନଙ୍କରେ ପ୍ରତି ୧୦ ଜଣ ବିଷାଦଗ୍ରସ୍ତ ପୁରୁଷରେ ୧୮ଜଣ ବିଷାଦଗ୍ରସ୍ତା ନାରୀ ଦେଖାଯାଆନ୍ତି। ନାରୀମାନେ ତୁଳନାତ୍ମକ ଭାବେ ଅଧିକ ବିଷାଦଗ୍ରସ୍ତା ହେବା ସହିତ ଅଧିକ ପରିମାଣରେ ଯନ୍ତ୍ରଣା-ନିରୋଧକ ଔଷଧ ବା 'ପେନ୍? କିଲର୍' ସେବନ କରନ୍ତି। ମନସ୍ତାତ୍ତ୍ୱିକ ଗବେଷଣା ଅନୁଯାୟୀ ଗୋଟିଏ ପଟେ ନାରୀମାନେ ଅଧିକ ବିଷାଦର ଶରବ୍ୟ ହେଉଥିଲେ ହେଁ ଅନ୍ୟ ପାର୍ଶ୍ୱରେ ପୁରୁଷଙ୍କ ତୁଳନାରେ ଅଧିକ ଆନନ୍ଦ ଅନୁଭବ କରିବାର ସାମର୍ଥ୍ୟ ରଖନ୍ତି। ବିଷାଦବୋଧ ସାଧାରଣତଃ କେ?ଶୋର ଅବସ୍ଥାରେ ସୁସ୍ପଷ୍ଟ ହୋଇଥାଏ। ଏହାର ଏକାଧିକ ମନସ୍ତାତ୍ତ୍ୱିକ କାରଣ ମଧ୍ୟ ରହିଛି। ସାଧାରଣତଃ ୧୨ରୁ ୧୩ ବର୍ଷ ବୟସ ବେଳକୁ ବାଳକମାନଙ୍କ ତୁଳନାରେ ବାଳିକାମାନେ ଅପେକ୍ଷାକୃତ ଅଧିକ ବିଷାଦଗ୍ରସ୍ତ ହେବାର ଲକ୍ଷଣମାନ ପ୍ରକାଶ କରନ୍ତି। ସତରରୁ ଅଠର ବର୍ଷ ବୟସ ବେଳକୁ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଖୁବ୍ ସ୍ୱଷ୍ଟ ହୋଇଥାଏ। ଏବେ ବିଷାଦ ସହିତ ସଂଶ୍ଳିଷ୍ଟ ଥିବା ଚିନ୍ତନ



ବିଷୟରେ କିଛି ଜାଣିବା। ବୟସର ସ୍ତର ଯାହା ହେଉନା କାହିଁକି ବିଷାଦର ଅନ୍ତରାଳରେ ଗୋଟିଏ ଧାରାର ଚିନ୍ତନ ସକ୍ରିୟ ଥାଏ। ତାହା ହେଉଛି ବିଷାଦମୁଖୀ ବିଶ୍ଳେଷଣ ବା ତର୍ଜମା କରିବାର ଆଗ୍ରହ। ଏହାର ଅର୍ଥ କେ?ଣସି ଖରାପ ପରିସ୍ଥିତିରେ ଅନେକ ନିଜକୁ ଦାୟୀ କରନ୍ତି ଏବଂ ସେଥିଲାଗି ହତାଶା ଓ ନେ?ରାଶ୍ୟବୋଧର ଶିକାର ହୁଅନ୍ତି। କେ?ଣସି ବିଫଳତା ଲାଗି ବାହ୍ୟ କାରଣ ଦାୟୀ ହୋଇଥିଲେ ହେଁ ସେମାନେ ନିଜକୁ ଦୋଷଯୁକ୍ତ କରନ୍ତି। ଏଭଳି ତର୍ଜମାକାରୀମାନେ ଧରି ନିଅନ୍ତି ଯେ ଏହାର ପ୍ରଭାବରୁ କେବେ ହେଲେ ମୁକ୍ତି ମିଳିବ ନାହିଁ। ଉଦାହରଣ ସ୍ୱରୂପ ଏ ବିଫଳତା ସହିତ ଜୀବନଟି ମାଟି ହୋଇଗଲା ବୋଲି ବିଚାର କରନ୍ତି। ଏଭଳି ଲୋକେ ଅଧିକ ବିଷ?ାଦଗ୍ରସ୍ତ ହୁଅନ୍ତି ଓ ସାଧାରଣତଃ ନାରୀମାନେ ଏଭଳି ମନୋଭାବ ଧାରଣ କରିଥାଆନ୍ତି। ଯେତେବେଳେ ଚିନ୍ତନ ସକାରାତ୍ମକ ହୁଏ, ଜଣେ ଭାବେ ଯେ ବିଫଳତା ହେଉଛି ଏକ ପର୍ଯ୍ୟାୟ ମାତ୍ର, ଏହା ସର୍ବଶେଷ ପରିସ୍ଥିତି ନୁହେଁ ବା ଏହାଦ୍ୱାରା ଜାତ ହତାଶା ସାମୟିକ ଓ ପରିଶ୍ରମ କଲେ ସଫଳତା ହାସଲ ସମ୍ଭବ। ଏଭଳି ଲୋକେ ବିଷାଦଗ୍ରସ୍ତ ହୁଅନ୍ତି ନାହିଁ। ବର୍ତ୍ତମାନ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି କିଶୋରୀମାନେ କିଶୋରମାନଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ବିଷାଦମୁଖୀ ଚିନ୍ତା କରନ୍ତି କାହିଁକି ? ପ୍ରଥମ କାରଣଟି ହେଉଛି ଶରୀରଭିତ୍ତିକ। କେ?ଶୋର ପ୍ରାରମ୍ଭରେ ବାଳିକାମାନେ ପ୍ରଜନନ କ୍ଷମତା ହାସଲ କରିବା ସମୟରେ (ପ୍ରାୟ ୧୨ ବା ୧୩ ବର୍ଷ ବୟସରେ) ହର୍?ମୋନ୍ କ୍ଷରଣରେ ଅସ୍ଥିରତା ଦେଖାଦିଏ। ଏହା ଫଳରେ ସେମାନେ ବିଷାଦର ଶରବ୍ୟ ହେବାର ଅଧିକ ସମ୍ଭାବନା ଥାଏ। ତେବେ, କେବଳ ଋତୁସ୍ରାବ ଆରମ୍ଭ କାଳରେ ନୁହେଁ, ସନ୍ତାନ ଜନ୍ମ ଦେବା ସମୟରେ ଓ ବୟସ ଅନୁସାରୀ ପ୍ରଜନନ କ୍ଷମତା ବିଲୋପନ ହେବା ସମୟରେ ମଧ୍ୟ ନାରୀମାନେ ହର୍?ମୋନ୍? କ୍ଷରଣଜନିତ ଅସ୍ଥିରତା କାରଣରୁ ବିଷାଦର ଶିକାର ହୁଅନ୍ତି। ଦ୍ୱିତୀୟ କାରଣଟି ହେଉଛି ସେମାନଙ୍କ ଭାବନାଶୈଳୀ। କେ?ଶୋରାବସ୍ଥାରେ ସମସ୍ତେ କେତେକ ମାନସିକ ଚାପ ଦେଇ ଗତି କରନ୍ତି। ବାଲ୍ୟକାଳ ଅତିକ୍ରମ କରିଥିବା ଏହି ବୟସରେ ପିଲାମାନେ ପରିଚୟ ସଂକଟ ଦେଇ ଗତି କରନ୍ତି। ଜୀବନରେ କିଏ ଅନୁକରଣୀୟ ବ୍ୟକ୍ତିତ୍ୱ ହେବା ଉଚିତ ସେ ନେଇ ପ୍ରଶ୍ନ ସେମାନଙ୍କୁ ଆଲୋଡ଼ିତ କରେ। ବନ୍ଧୁମାନେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂପର୍କ ଭଳି ପ୍ରତୀତ ହୁଅନ୍ତି। ଏହି ବୟସରେ କିଶୋରୀମାନେ ଅଧିକ ମାତ୍ରାରେ ସଂପର୍କ ସ୍ଥାପନ କରିବାକୁ ଚାହାନ୍ତି ଓ ସଂକୋଚ କାରଣରୁ ତାହା କରି ନ ପାରି ଚାପରେ ରହନ୍ତି। ଭାବନା ଅପେକ୍ଷା ଭାବାବେଗକୁ ସେମାନେ ଅଧିକ ପ୍ରାଧାନ୍ୟ ଦେଇ ଘଟଣାର ବିଶ୍ଳେଷଣ କରୁଥିବାରୁ ଚିନ୍ତାରେ ଘାରି ହୁଅନ୍ତି। ଏହି ଘାରି ହେବା ବିଷାଦର ମାତ୍ରାରେ ବୃଦ୍ଧି ଘଟାଏ। ତୃତୀୟ କାରଣଟି ହେଉଛି ସେମାନଙ୍କର ଶରୀର ବୋଧ ଓ ସେ ନେଇ ମାତ୍ରାଧିକ ସଚେତନତା। ଯଦିଓ, ଏହି ସମୟରେ ଉଭୟ କିଶୋର ଓ କିଶୋରୀ ନିଜର ଶରୀର, ଚେହେରା ଓ ଆକର୍ଷଣୀୟତା ବିଷୟରେ ଅଧିକ ଚିନ୍ତିତ ହୋଇ ଉଠନ୍ତି, କିଶୋରୀମାନେ ଏଥିରେ ଅପେକ୍ଷାକୃତ ଅଧିକ ବୁଡ଼ି ରହନ୍ତି। ଏପରିକି ନିଜ ଚେହେରା ବା ଶରୀରର ବର୍ଣ୍ଣ ସେମାନଙ୍କ ପସନ୍ଦଯୋଗ୍ୟ ନ ହେଲେ ସେମାନେ ବ୍ୟଥିତ ହୋଇଉଠନ୍ତି।ଏଭଳି ସ୍ଥିତିରେ ସେମାନଙ୍କୁ ବିଷାଦରୁ ମୁକ୍ତ କରିବା ଲାଗି ଯାହା ଆବଶ୍ୟକ, ତାହା ହେଲା ସେମାନଙ୍କ ମନର କଥାକୁ ଅନ୍ତରଙ୍ଗତାର ସହିତ ବୁଝିବାକୁ ଚେଷ୍ଟା କରିବା। ଏ ଦାୟିତ୍ୱ ପିତାମାତା ବା ଭାଇଭଉଣୀଙ୍କ ଠାରୁ ଆରମ୍ଭ କରି ବନ୍ଧୁମାନେ ମଧ୍ୟ ନେଇପାରନ୍ତି।

# ୧୪୨ ବର୍ଷ ପରେ ମଂଜିରୁ ହେଲା ଗଛ



ଆଜକୁ ପ୍ରାୟ ୧୪୨ ବର୍ଷ ପୂର୍ବେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟିରେ ବୋତଲରେ ରଖାଯାଇଥିବା ମଂଜି ଏବେ ଅଙ୍କୁରିତ ହୋଇଛି । ଏହା ବିଶ୍ୱର ସବୁଠୁ ଦୀର୍ଘକାଳୀନ ପ୍ରୟୋଗ ମଧ୍ୟରେ ଅନ୍ୟତମ । ଯାହା ଆଜି ବି ଜାରି ରହିଛି । ୧୮୭୯ ମସିହାରେ ବୋତଲରେ ବନ୍ଦ ହୋଇଥିବା ମଂଜି ଗତ ଏପ୍ରିଲ ୨୩ରେ ଅଙ୍କୁରିତ ହୋଇଛି । ୟୁନିଭରସିଟିର ବୈଜ୍ଞାନିକମାନେ ଏହା ଦେଖି ଯେତିକି ଚକିତ ହେଉଛନ୍ତି, ସେତିକି ଖୁସି ମଧ୍ୟ ହେଉଛନ୍ତି । ମିଶିଗାନ ଷ୍ଟେଟ ୟୁନିଭରସିଟିର ବଟ୍‌ନି ପ୍ରଫେସର ଡା. ଡେଭିଡ୍ ଭେରି ଗତ ମାସ ୨୩ ତାରିଖରେ ନିଜ ବିଭାଗ ବେସ୍‌ମେଂଟ୍‌କୁ ଗଲେ । ସେଠାରେ ସେ ଚ୍ୟାମପରରେ ରଖାଯାଇଥିବା ବୋତଲରୁ କିଛି ମାଟି ବାହାରେ ପଡିଥିବା ଦେଖିଥିଲେ । ବୋତଲରେ ରଖାଯାଇଥିବା ମଂଜି ଅଙ୍କୁରିତ ହୋଇ ଦୁଇଟି ପତ୍ର ବାହାରିଥିଲା । ଏହା ପ୍ରଫେସର ଲୋରିଙ୍କ ପାଇଁ ସବୁଠୁ ଆଶ୍ଚର୍ଯ୍ୟର ଘଟଣା ଥିଲା । ୧୮୭୯ ମସିହାରେ ଉଦ୍ଭିଦ ବିଜ୍ଞାନୀ ୱିଲିୟମ୍ ଜେମ୍ସ ବିଲ୍ ମିଶିଗାନ୍‌ର ଇଷ୍ଟ ଅଂଚଳ ଓ ତା ଆଖପାଖରୁ କିଛି ମଂଜି ଜମା କଲେ । ସେଗୁଡିକୁ ବୋତଲରେ ମାଟି ସହ ଭରି ମିଶିଗାନ୍ ଷ୍ଟେଟ୍ ୟୁନିଭରସିଟି କ୍ୟାମ୍ପସ୍‌ରେ ଏକ ଗୁପ୍ତ ସ୍ଥାନରେ ଲୁଚାଇଦେଲେ । ଏହି ମଂଜିରୁ କେବେ ଚାରା ସୃଷ୍ଟି ହେବ କି ନାହିଁ, ସେ କେବଳ ତାହା ଜାଣିବାକୁ ଚାହୁଁଥିଲେ । ଗତ ମାସ ଡା. ଲୋରି ଓ ତାଙ୍କର ୪ ସାଥୀ ଏହି ବୋତିଲଗୁଡିକୁ ଖୋଜିବା ଆରମ୍ଭ କଲେ । ବହୁତ ଖୋଜାଖୋଜି କରିବା ପରେ ସେମାନେ ଗୋଟିଏ ବୋତଲ ପାଇଲେ । ବୋତଲରୁ ମାଟି ବାହାରକରି ଏକ ଚାମ୍ବରରେ ଢ଼ାଳିଦେଲେ । ଏହି ସମୟରେ ମାଟି ଭିତରୁ ୧୧ ମଂଜି ଦେଖାଗଲା । ଏପ୍ରିଲ ଶେଷ ବେଳକୁ ମାଟି ଭିତରୁ ମଂଜି ଅଙ୍କୁରିତ ହେଉଥିବା ସେମାନେ ଦେଖିବାକୁ ପାଇଲେ । ଏହି ପ୍ରଜାତିର ଚାରା ୧୮୦୦ ମସିହାରେ ଆମେରିକାରେ ସୃଷ୍ଟି ହୋଇଥିଲା । ଏହିଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୀବିତ ରହନ୍ତି । ୧୪୨ ବର୍ଷ ପରେ ଏହି ମଂଜିଗୁଡିକୁ ଯେତେବେଳେ ସୂର୍ଯ୍ୟକିରଣ ଓ ଉତାପ ମିଳିଲା, ସେମାନେ ନିଦରୁ ଉଠିଲେ ବୋଲି ଡା.ଲୋରି କହିଛନ୍ତି ।

# ବିରଳ ଦୈତ୍ୟାକୃତି ଫୁଟବଲ୍ ଫିଶ୍



କାଲିଫର୍ଣ୍ଣିଆସ୍ଥିତ କ୍ରିଷ୍ଟାଲ କୋଭ୍ ଷ୍ଟେଟ୍ ପାର୍କର ସୁରକ୍ଷା ବଳୟ ମଧ୍ୟରେ ଥିବା ସାମୁଦ୍ରିକ ଲାଗୁନା ତଟରେ ଏକ ବିରଳତମ ମାଛ ମିଳିଛି । କଳା ରଙ୍ଗର ଏହି ମାଛ ଭୀଷ୍ଣ ଦାନ୍ତଯୁକ୍ତ । ଶରୀର ଆକାର ଫୁଟବଲ ଭଳି । ପାର୍କ ତରଫରୁ ଏହି ଦୈତ୍ୟକୃତି ବିରଳ ମାଛର ଫଟୋ ସୋସିଆଲ ମିଡିଆରେ ଶେୟାର କରାଯାଇଛି । ଏହାକୁ ପାସିଫିକ୍ ଫୁଟବଲଫିଶ୍ ମାଛ ନାମରେ ସମ୍ବୋଧନ କରାଯାଇଛି । ଏହି ଆଙ୍ଗଲର ମାଛ ନଜରକୁ ଆସିବା ଅତ୍ୟନ୍ତ ବିରଳ । ସମୁଦ୍ର ତଟରେ ଏହା କେମିତି ଓ କାହିଁକି ପହଂଚିଲା, ତାହା ଏବେ ସୁଦ୍ଧା ଜଣାପଡିନାହିଁ ବୋଲି ଫେସବୁକ ପୋଷ୍ଟରେ ପାର୍କ ପକ୍ଷରୁ ସୂଚନା ଦିଆଯାଇଛି । ପାର୍କର ସୂଚନା ଅନୁସାରେ ସମଗ୍ର ବିଶ୍ୱରେ ୨୦୦ରୁ ଅଧିକ ପ୍ରଜାତିର ଅଙ୍ଗଲର ମାଛ ଅଛନ୍ତି । ପାସିଫିକ୍ ଫୁଟବଲ ଫିଶ୍ ସହିତ ଏହି ମାଛର ସର୍ବାଧିକ ସାମଂଜସ୍ୟ ରହିଛି । ପାକିଫିକ୍ ଫୁଟବଲ ଫିଶ୍‌ର ଦାନ୍ତ ମୁନିଆ କାଚ କାଚଖଣ୍ଡ ଭଳି, ଯାହା ସ୍ୱଚ୍ଛ । ତାର ବିଶାଳ ପାଟି ନିଜ ଶରୀର ଆକାରର ଜୀବଙ୍କୁ ଶିକାର କରିବାରେ ସକ୍ଷମ । କେବଳ ମାଈ ମାଛର ମୁଣ୍ଡରେ ଗୋଟିଏ ଲମ୍ବା ଶିଙ୍ଗ ଥାଏ । ପାଣିର ୩ ହଜାର ଫୁଟ ଗଭୀର ଓ ଅନ୍ଧକାରମୟ ସ୍ଥିତିରେ ଶିକାର କରିବା ପାଇଁ ସେମାନେ ଏହି ଶିଙ୍ଗ ପ୍ରୟୋଗ କରନ୍ତି । ମାତ୍ର ମାଛ ୨୪ ଇଂଚ ଲମ୍ବା ପର୍ଯ୍ୟନ୍ତ ବଢ଼ନ୍ତି। ଅନ୍ୟପକ୍ଷେ ଅଣ୍ଡିରା ମାଛ ମାତ୍ର ୧ ଇଂଚ ବଢ଼ନ୍ତି । ଅଣ୍ଡିରା ମାଛଙ୍କର ଏକମାତ୍ର



ଉଦ୍ଦେଶ୍ୟ ହେଉଛି ଏକ ମାଈ ମାଛ ଖୋଜିବା ଏବଂ ପ୍ରଜନନରେ ତାକୁ ସାହାଯ୍ୟ କରିବା ।

# ଫିଟ୍ ରହିବା ମୋ ଉଦ୍ଦେଶ୍ୟ



ବର୍ଷ ବର୍ଷ ଧରି ନିଜ ଶାରୀରିକ ଗଠନରେ ଅବିଶ୍ୱସନୀୟ ପରିବର୍ତନ କରିଛନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା । ନିଜକୁ ଅସୁରକ୍ଷିତ ମଣି ସେ ଏପରି କରିନାହାନ୍ତି ବରଂ ଫିଟ୍ ରହିବାର ଇଚ୍ଛା ଯୋଗୁ ଲଗାତାର ଶାରୀରିକ ପରିଶ୍ରମ କରିଛନ୍ତି । ଏ ବିଷୟରେ ଏକ ମାଗାଜିନ୍‌କୁ ସେ କହିଛନ୍ତି, ସେ ଛୋଟ ସହର ଅମ୍ବାଲାରେ ବଡ଼ ହୋଇଛନ୍ତି । ଖରାଦିନ ଛୁଟିରେ କେନିୟାରେ ରହୁଥିବା ଜେଜେ ମା ଜେଜେବାପାଙ୍କ ପାଖକୁ ସେ ଅନେକ ଥର ଯାଉଥିଲେ । ୧୫-୧୬ ବର୍ଷ ବୟସରେ ବିଶ୍ୱର ଅଧା ବୁଲି ସାରିଥିଲେ । ସାରା ବିଶ୍ୱରେ ତାଙ୍କର ବନ୍ଧୁ ହୋଇଯାଇଥିଲେ । ଭଲ ଲୋକଙ୍କ ଗହଣରେ ବଡ଼ ହୋଇଥିବାରୁ ସେ ନିଜକୁ ଭାଗ୍ୟଶାଳୀ ମନେ କରନ୍ତି । ତାଙ୍କ ପରିବାର ତାଙ୍କ ଭିତରେ ସକାରାତ୍ମକ ଭାବନା ଭରିଛି ବୋଲି ପରୀ କହନ୍ତି । ନକାରାତ୍ମକ ଦିଗରେ ସେ ନିଜ ଶରୀର ବିଷୟରେ ଆଦୌ ଚିନ୍ତା କରନ୍ତି ନାହିଁ । ଶରୀରକୁ ନେଇ ଅଧିକ ଚିନ୍ତା ନ କରିବାରକୁ ମଧ୍ୟ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ଦିନକୁ ସେ ୪ ଘଂଟା କସରତ କରୁଛନ୍ତି । କିନ୍ତୁ ଶରୀରକୁ ନେଇ ଅସୁରକ୍ଷିତ ମଣୁନାହାନ୍ତି, ବରଂ ନିଜକୁ ଫିଟ୍ ରଖିବା ତାଙ୍କର ଉଦ୍ଦେଶ୍ୟ । ଅନେକ ଲୋକ ସେମାନଙ୍କ ଲୁକ୍‌କୁ ନେଇ ଦୁଃଖୀ ଥାନ୍ତି । ଲୋକଙ୍କର ଏ ପ୍ରକାର ଧାରଣା ଧୀରେ ଧୀରେ ବଦଳିବ ବୋଲି ସେ ଆଶାବାଦୀ । ପରୀଙ୍କ ଅପକମିଂ ପ୍ରୋଜେକ୍ଟରେ ଅଛି ସନ୍ଦୀପ ରେଣ୍ଡୀଙ୍କ ଭାଙ୍ଗାଙ୍କ ଆନିମଲ । ଏଥିରେ ରଣବୀର କପୁର ମୁଖ୍ୟ ଭୂମିକା ପ୍ଲେ କରିବେ । ଅନୀଲ କପୁର ଓ ବବି ଦେଓଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ସିନେ ପ୍ରେମୀ ।ଅନେକ ଲୋକ ସେମାନଙ୍କ ଲୁକ୍‌କୁ ନେଇ ଦୁଃଖୀ ଥାନ୍ତି । ଲୋକଙ୍କର ଏ ପ୍ରକାର ଧାରଣା ଧୀରେ ଧୀରେ ବଦଳିବ ବୋଲି ସେ ଆଶାବାଦୀ । ଏଥିରେ ରଣବୀର କପୁର ମୁଖ୍ୟ ଭୂମିକା ପ୍ଲେ କରିବେ । ଅନୀଲ କପୁର ଓ ବବି ଦେଓଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ସିନେ ପ୍ରେମୀ ।

# ଟିକାନେଇ ଜିତିଲେ ୧୦ ଲକ୍ଷ

କରୋନା ମହାମାରୀ ସଙ୍କଟ କାଳରେ ସାରା ବିଶ୍ୱର ସରକାର ଟିକା ନେବାକୁ ଲୋକଙ୍କୁ ଉତ୍ସାହିତ କରୁଛନ୍ତି । ଏ ମାମଲାରେ ଆମେରିକାର ଏକ ସହର ଗୋଟିଏ ପାଦ ଆଗକୁ ଯାଇ ନିଆରା ଉପାୟ ଆପଣାଇଛି । ଓହିଓ ସହରରେ କୋଭିଡ୍ ଟିକା ନେଉଥିବା ଲୋକେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜିତିପାରିବେ । ଏଠାକାର ଗଭର୍ନର ମାଇକ୍ ଜିୱାଇନ୍ ନିକଟରେ ଟ୍ୱିଟ୍ ଜରିଆରେ ଏହା ଘୋଷଣା କରିଛନ୍ତି । ସେ ଟ୍ୱିଟ୍‌ରେ ଲେଖିଛନ୍ତି ଆସନ୍ତା ମେ ୨୬ରୁ ସେ କରୋନା ଭାଇରସ୍ ରିଲିଫ୍ ଫଣ୍ଡରୁ ଲଟେରି ଘୋଷଣା କରିଛନ୍ତି । ଅତି କମ୍‌ରେ ଥରେ କରୋନା ଟିକା ନେଇଥିବା ଲୋକେ ଏହି ଲଟେରି ପାଇଁ ଯୋଗ୍ୟ ବିବେଚିତ ହେବେ । ପ୍ରତି ସପ୍ତାହର ବୁଧବାର ଏହି ଲଟେରିର ଭାଗ୍ୟଶାଳୀ ବିଜେତାଙ୍କ ନାଁ ଘୋଷଣା କରାଯିବ । ଆଗାମୀ ୫ ସପ୍ତାହ ପର୍ଯ୍ୟନ୍ତ ଲଟେରି ଚାଲିବ । ପ୍ରତ୍ୟେକଥର ଲଟେରିର ବିଜେତାଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ । ଏହିଭଳି ଭାବେ କରୋନା ରିଲିଜ୍ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଲୋକଙ୍କୁ ଦିଆଯିବ । ଏହା ଦ୍ୱାରା ଅନେକ ଲୋକ ଟିକା ନେବାକୁ ଆଗଭର ହେବେ ବୋଲି ମାଇକ ଆଶାବ୍ୟକ୍ତ କରିଛନ୍ତି । ଓହିଓରେ ଏବେ ଟିକା ନେଉଥିବା ଲୋକଙ୍କ ପାଇଁ ଲଟେରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲେ ହେଁ, ଏହା ପୂର୍ବରୁ ବାକି ରାଜ୍ୟଗୁଡିକରେ




ଲୋକଙ୍କୁ ଟିକା ନେବା ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇଛି । ୱେଷ୍ଟ ଭର୍ଜିନିଆର ଗଭର୍ନର ଜିମ୍ ଜଷ୍ଟିନ୍ ଗତ ମାସ ଏ ବିଷୟରେ ଘୋଷଣା କରିଥିଲେ । ୩୫ ବର୍ଷରୁ କମ୍ ବୟସର ଲୋକେ ଯଦି ଟିକା ନିଅନ୍ତି, ତେବେ ସେମାନଙ୍କୁ ୧୦୦ ଡଲାରର ସଂଚୟ ବଣ୍ଡପ୍ରଦାନ କରାଯିବ ବୋଲି ଜିମ୍ ଘୋଷଣା କରିଥିଲେ । ସେତିକି ନୁହେଁ ଭର୍ଜିୟା ପ୍ରଶାସନ ଚଳିତ ବର୍ଷ ଜାନୁଆରୀ ମାସରେ ଘୋଷଣା କରିଥିଲା ଯେ, ସ୍ଥାନୀୟ ଲୋକେ ଯଦି ଥରେ କରୋନା ଟିକେ ନେଇଛନ୍ତି, ତେବେ ୱାଲମାର୍ଟରେ ୨୦୦ ଡଲା ଉପହାର କାର୍ଡ ପାଇଁ ସେମାନେ ଆବେଦନ କରିପାରିବେ ।

# ସୁଶାନ୍ତ ଥିଲେ ମୋର ଫେଭରିଟ୍ କୋ ଷ୍ଟାର



ଖୁବ୍‌ଶୀଘ୍ର ଭିକ୍କି ଜୈନଙ୍କୁ ବିବାହ କରିବେ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ । ଲୋକପ୍ରିୟ ଧାରାବାହିକ ପବିତ୍ର ରିସ୍‌ତା ଜରିଆରେ ଘରେ ଘରେ ପରିଚିତ ପାଇଥିବା ଅଙ୍କିତାଙ୍କୁ ନିକଟରେ ଏକ ଗଣମାଧ୍ୟମ ପକ୍ଷରୁ ତାଙ୍କର ଫେଭରିଟ୍‌କୋ ଷ୍ଟାର ବିଷୟରେ ପଚରାଯାଇଥିଲା । ଅଙ୍କିତା କହିଲେ ମୋତେ ଲାଗୁଛି ସୁଶାନ୍ତ ସିଂହ ରାଜପୁତ ମୋର ଫେଭରିଟ୍ କୋ ଷ୍ଟାର ଥିଲେ । ଅଙ୍କିତା ଓ ସୁଶାନ୍ତ ଦୀର୍ଘ ୬ ବର୍ଷ ପରସ୍ପର ସହ ପ୍ରେମ ସମ୍ପର୍କରେରହିବା ପରେ ଉଭୟଙ୍କର ବ୍ରେକଅପ୍ ହୋଇଥିଲା । ୨୦୨୦ରେ ସୁଶାନ୍ତଙ୍କ ଦେହାନ୍ତ ହୋଇଥିଲା । ପ୍ରେମ ସମ୍ପର୍କ ବିଷୟରେ ଅଙ୍କିତା କହିଛନ୍ତି ମୋ ପାଇଁ ପ୍ରେମ ସବୁକିଛି । ସବୁ ସ୍ଥାନରେ ମୋତେ ଭଲପାଇବା ଦରକାର । ମୁଁ ଯୁଆଡେ ଯାଏ କିମ୍ବା ଯାହା କିଛି ଚୟନ କରେ, ସବୁଠି ମୋ ପାଇଁ ଭଲପାଇବା ଥିବା ଜରୁରୀ । ସେଥିପାଇଁ ପ୍ରେମ ମୋର ପ୍ରାଥମିକତା ଅଟେ । ପରଫେକ୍ଟ ଡେଟ୍ ବିଷୟରେ ପଚାରିବାରୁ ଅଙ୍କିତା କହିଛନ୍ତି, ମୁଁ ଏ ବିଷୟରେ ନିର୍ଦ୍ଦିଷ୍ଟ ନହେଁ, କିନ୍ତୁ ଭଲ ପାଇବା ଅନୁଭବ କରିବା ମୋ ପାଇଁ ଜରୁରୀ । ଯଦି ମୁଁ ମୋ ସାଥୀଙ୍କ ସହିତ ଅଛି, ତେବେ ଯୁଆଡେ ଗଲେ ବି କିଛି ଫରକ ପଡେ ନାହିଁ । ତାଙ୍କସହ କେବଳ ଚା ପିଇବା ପର୍ଯ୍ୟନ୍ତ ମୁଁ ଠିକ୍ ଥାଏ । କେବଳ ସେହି ମୁହୂର୍ତକୁ ସାଥୀ ହୋଇ ବାଂଟିବାକୁ ଚାହେଁ । ଭିକ୍କିଙ୍କ ସହ ବିବାହ ବିଷୟରେ ସେ କହିଛନ୍ତି ବିବାହକୁ ନେଇ ଖୁବ୍ ଉତ୍ସାହିତ ଅଛି । ଖୁବ୍‌ଶୀଘ୍ର ଆମେ ବିବାହ କରିବାକୁ ଯାଉଛୁ । ଜୟପୁର-ଯୋଧପୁରର ରାଜସ୍ଥାନୀ ବିବାହ ମୋର ଖୁବ୍ ସ୍ୱପ୍ନ । ତେବେ ବିବାହ କେଉଁଠି ହେବ ତାହା ଏବେ ସ୍ଥିର କରିନାହିଁ ।

# ଶିକ୍ଷକ ସଂଘ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଦାବି ପତ୍ର

ପୋଲସରା ୧୭/୧୨ (ନି.ପ୍ର): ପ୍ରାଥମିକ ଶିକ୍ଷକଙ୍କ ୬ ଦଫା ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ପକ୍ଷରୁ ଦିଆଯାଇଥିବା ଦାବି ପତ୍ର ଅନୁଯାୟୀ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦଙ୍କୁ ତୁରନ୍ତ ନିୟମିତ କରାଯିବା , ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ , ଶିକ୍ଷକ ମାନଙ୍କୁ ପୁରୁଣା ପେନସନ ପ୍ରଦାନ ବ୍ୟବସ୍ଥା କରିବା , ଶିକ୍ଷକ ମାନଙ୍କ ପଦୋନ୍ନତିରେ ଓଟିଇଟି ର ବାଧକ ଦୁର କରିବା , ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନିଜ ଜିଲ୍ଲାରେ ନିଯୁକ୍ତି କରିବା ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବା ରହିଛି। ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମନ୍ତ୍ରୀ ଗୋକୁଳାନନ୍ଦ ମଳିକଙ୍କୁ ପ୍ରଦାନ କରା ଯାଇଥିବା ଦାବି ପତ୍ରରେ ଉଲ୍ଲେଖ କରାଯାଇନାହିଁ ଯେ ଶିକ୍ଷକ ସଂଘ ପକ୍ଷରୁ ୨୦୨୨ ମସିହା ନଭେମ୍ବର ମାସ ୨୭ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ଦାବି ପୂରଣ ପାଇଁ ଚାଲିଥିବା ଆନ୍ଦୋଳନକୁ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୃଢ଼ ସମର୍ଥନ କରିବା ସହିତ ଶିକ୍ଷକ ମାନଙ୍କ ଏହି ନ୍ୟାଯ୍ୟ ଦାବିକୁ ପୁରଣ କରିବା ପାଇଁ ବିଧାନସଭାରେ ଦାବି କରିଥିଲେ। ଏଣୁ ବର୍ତ୍ତମାନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ମନ୍ତ୍ରୀ ଶ୍ରୀ ମଳିକ ଉପରୋକ୍ତ ଦାବି ପୂରଣ ଦିଗରେ ଉଦ୍ୟମ କରିବା ପାଇଁ ଶିକ୍ଷକମାନେ ନିବେଦନ କରିଛନ୍ତି। ମନ୍ତ୍ରୀ ଶ୍ରୀ ମଳିକ ଙ୍କୁ ଦାବି ପତ୍ର ପ୍ରଦାନ କରିବା ସମୟରେ ପୋଲସରା ବ୍ଲକ ରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷକ ନେତା ଉପସ୍ଥିତ ଥିଲେ।

# ବାଟ ମହାବୀର ଙ୍କ ନିକଟରେ ୩୯ ତମ ବିଶ୍ୱ ଶାନ୍ତି ମହାଯଜ୍ଞ



ନିମାପଡ଼ା ୧୭/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଭୋ ଦର ପଞ୍ଚାୟତ ବିଶିମାତ୍ରୀ ତିନିଛକ ସ୍ଥିତ ବାଟ ମହାବୀର ଙ୍କ ମନ୍ଦିର ପ୍ରାଙ୍ଗଣରେ ୩୯ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।୧୦ ତାରିଖରେ ସୁବାଧିବାସ ହୋଇଥିବା ବେଳେ ୧୧ ତାରିଖରେ ୧୦୮ ହନୁମାନ ଚାଳିଶା ,୧୨ ତାରିଖରେ ରୁଦ୍ରାଭିଶେକ ଓ ସୁନ୍ଦରା କାଣ୍ଡ ,୧୩ ତାରିଖରେ ଶ୍ରୀମଦ୍ ଭାଗବତ ଗୀତା ଯଜ୍ଞ ଓ ପୂର୍ଣ୍ଣାହୁତି ହୋଇଥିଲା। ଶ୍ରୀରାମ ଦୟା ପରିଷଦ ଶ୍ରୀ ବିଜୟ କୁମାର୍ ନାୟକ ଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ଦାଶ,ଶ୍ରୀଯୁକ୍ତ ଅକ୍ଷୟ ଆଚାର୍ଯ୍ୟ ,ଶ୍ରୀଯୁକ୍ତ ରଜତ ଚନ୍ଦ୍ର ଦାସ,ଶ୍ରୀଯୁକ୍ତ ବସନ୍ତ କୁମାର୍ ଦାସ ,ଶ୍ରୀଯୁକ୍ତ ରାଜେନ୍ଦ୍ର ପଣ୍ଡା ,ଶ୍ରୀଯୁକ୍ତ ଅର୍ଜୁନ ପଣ୍ଡା ପ୍ରମୁଖ ପଣ୍ଡିତ ମଣ୍ଡଳୀ ଯୋଗଦେଇ ବିଶ୍ୱଶାନ୍ତି ମହାଯଜ୍ଞ କରିଥିଲେ ।ଏହି ଯଜ୍ଞ କୁ ହେମାନନ୍ଦ ଦାସ (ସାନ ବାବା) ପରିଚାଳନା କରିଥିଲେ ।କର୍ତ୍ତା ଭାବେ ସମୀର ନାୟକ ଓ କର୍ତ୍ତି ଭାବେ ସୁକାନ୍ତି ନାୟକ ରହିଥିବା ବେଳେ ପୂଜକ ବାବୁଲି ପଣ୍ଡା ପରିଚାଳନା କରିଥିଲେ ।ଗ୍ରାମବାସୀ ଓ ବହୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ ।

# ଓଡ଼ିଶା ରାଜ୍ୟ ଅବସର ପ୍ରାପ୍ତ କର୍ମଚାରୀ ସଂଘ ଜାମଦା ବ୍ଲକର ୨ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ମୟୂରଭଞ୍ଜ ୧୭/୧୨ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଜାମଦା ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଶୁକ୍ରବାର ଦିନ ଜାମଦା ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସେକ୍ ମୁସ୍ତାଫା ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ଆଲୋକପାତ କରାଯାଇ ବିଭିନ୍ନ ପ୍ରକାରର ଦାବୀ ଉପସ୍ଥାପନା କରାଯାଇଥିଲା । ସଂଘର ସମ୍ପାଦକ ସନ୍ତୋଷ କୁମାର ନନ୍ଦ ବାର୍ଷିକ କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ ପାଠ କରିବା ସହ ଓଡ଼ିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ସମସ୍ୟାର ବିବରଣୀ ଓ ତାହାର ସମାଧାନ ଏବଂ ସଂଘର କାର୍ଯ୍ୟାବଳୀ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ । ବିଭିନ୍ନ ସମସ୍ୟା ଯଥା ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟ ବୀମା, ମହାଙ୍ଗା ଭତ୍ତା, ମେଡିକାଲ ଆଡଭାନ୍ସ, ରେଳ ଯାତ୍ରାରେ ସାନ୍ତ୍ୱନାମୂଳକ ସେବା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ଏବଂ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରିବା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ ।ଶ୍ରୀଯୁକ୍ତ ନନ୍ଦ ଆହୁରି ମଧ୍ୟ କହିଥିଲେ ଅବସରପ୍ରାପ୍ତ କର୍ମଚାରୀ ତଥା ତାଙ୍କ ସହଧର୍ମିଣୀଙ୍କର କୌଣସି ଦୁର୍ଘଟଣା ଘଟିଲେ ସଂଘ ତରଫରୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଉଛି,ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କୁ ଆଇଡ଼ି କାର୍ଡ ପ୍ରଦାନ କରାଯାଇଛି,ଜାମଦା,ତାଳଗାଁ ଗ୍ରାମପଞ୍ଚାୟତର ଗ୍ରାମ୍ୟ ରାସ୍ତାଗୁଡ଼ିକ ମରାମତି ନିମନ୍ତେ ପଦକ୍ଷେପ,ଜାମଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫାଟକ ନିର୍ମାଣ,ପ୍ରତି ଗ୍ରାମପଞ୍ଚାୟତର ଚାଷୀମାନଙ୍କ ନିମନ୍ତେ ଧାନ ବିକ୍ରୟ କେନ୍ଦ୍ର ସ୍ଥାପନ,ଚାଷୀମାନଙ୍କର ସ୍ୱାର୍ଥ ହେତୁ ଜଳସେଚନ ପାଇଁ ବିଭିନ୍ନ ଗାଁ ରେ ଥିବା ସରକାରୀ ବନ୍ଧ ଗୁଡିକର ମରାମତି,ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯାଇଛି ।ଜାମଦା ଥାନାଧିକାରିଣୀ ଅନିତା ସ୍ୱାଇଁଙ୍କୁ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ୫୬ଟି ବ୍ୟକ୍ତିଗତ କାର୍ଡ ପ୍ରଦାନ କରିବା ସହ ଏପର୍ଯ୍ୟନ୍ତ ବାମନଘାଟୀ ଉପଖଣ୍ଡରେ କୌଣସି ଅବସରପ୍ରାପ୍ତ କର୍ମଚାରୀ ବ୍ୟକ୍ତିଗତ ପରିଚୟ ପତ୍ର ପାଇନାହାନ୍ତି ତେଣୁ ଜାମଦା ଥାନାଧିକାରିଣୀ ଜାମଦାରେ ୫୬ ଜଣଙ୍କୁ ପରିଚୟ ପତ୍ର ଦିଆଯାଇଥିବାରୁ ତାଙ୍କୁ ସଂଘର ସମ୍ପାଦକ ମହାଶୟ ଅପ୍ରମିତ ସାଧୁବାଦ ଜ୍ଞାପନ କରିଥିଲେ ।ଜାମଦା ଗ୍ରାମପଞ୍ଚାୟତରେ ଓଡ଼ିଶା ଗଣଶିକ୍ଷା ବିଭାଗ ତରଫରୁ ଉଚ୍ଚ ବିଦ୍ୟାଳୟ ଖୋଲିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇ ଏହାର ସ୍ମାରକ ପତ୍ର ଜାମଦା ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି ବୋଲି ଶ୍ରୀସୁକ୍ତ ନନ୍ଦ ସୂଚନା ପ୍ରଦାନ କରିଛନ୍ତି ।ମୁଖ୍ୟଅତିଥି ଭାବରେ ଜାମଦା ବିଡିଓ ଦେବାଶିଷ୍ ପଣ୍ଡା ଯୋଗ ଦେଇ କହିଥିଲେ ଯେ ସମସ୍ତ ପ୍ରକାର ସହଯୋଗ ହିଁ ଉନ୍ନୟନ କାର୍ଯ୍ୟରେ ସଫଳତା ଆଣିପାରେ ତେଣୁ ସହଯୋଗ ବିନା ଯେ କୌଣସି କାର୍ଯ୍ୟରେ ସଫଳତା ପାଇପାରିବା ନାହିଁ ।ସମ୍ମାନୀୟ ଅତିଥି ଭାବରେ ଜାମଦା ଥାନା ଅଧିକାରିଣୀ ଅନିତା ସ୍ୱାଇଁ,ଜାମଦା ସିଡିପିଓ ଜ୍ୟୋତିରେଖା ଦତ୍ତ,ଶୁକ୍ଲି ବ୍ଲକର ସଭାପତି କାହ୍ନୁ ଚରଣ ଗିରି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।କ୍ଷେତ୍ର ମୋହନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏହି ସମ୍ମିଳନୀରେ ଭାଗିରଥୀ ମହାକୁଡ,କାରିଆ ମାଝୀ,ଲକ୍ଷ୍ମୀଧର କବାଟ ଓ ଅବସରପ୍ରାପ୍ତ କର୍ମଚାରୀସମୂହ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।ଶେଷରେ ସଂଘର ସଭାପତି ସେକ୍ ମୁସ୍ତଫା ଅଲ୍ଲୀ ସମସ୍ତଙ୍କୁ ସାଘୁବାଦ ଅର୍ପଣ କରିଥିଲେ ।



# ଦୁଇ ଚକିଆ ଯାନକୁ ୪ ଚକିଆର ଫାଇନ୍

କୋରାପୁଟ ୧୭/୧୨ (ନି.ପ୍ର): ଲାଗୁଛି ସତେ ଯେମିତି ପରିବହନ ବିଭାଗ ନିଶାଗ୍ରସ୍ତ ହୋଇ ଗଲାଣି ଅଥବା କର୍ମଚାରୀଙ୍କର ମତିଭ୍ରମ ଘଟୁଛି। ଏପରି କହିବାର ଅର୍ଥ ବିଭାଗର ଭୁଲ୍ ପାଇଁ ଦୋଷ ନଥାଇ ହଇରାଣ ହେଉଛନ୍ତି ସାଧାରଣ ଜନତା। ମିଳିଥିବା ଅଭିଯୋଗ ମୁତାବକ ଚଳିତ ବର୍ଷ ସେପ୍ଟେମ୍ବର ୨୨ ତାରିଖରେ ସତ୍ୟପ୍ରକାଶ ପାଲ୍ ଯିଏ ଜଣେ ବ୍ୟାଙ୍କ କର୍ମଚାରୀ ଏକ ହୋଣ୍ଡା ସ୍କୁଟର ଆଣିଥିଲେ ଯାହାର ରେଜିଷ୍ଟ୍ରେସନ ନଂ ଓଡି ୧୦ ଓ୍ୱାଇ ୯୨୫୯ । ହେଲେ ଆଶ୍ଚର୍ଯ୍ୟର ବିଷୟ କିଛିଦିନ ତଳେ ଅର୍ଥାତ ୬ ତାରିଖ ଦିନ ତାଙ୍କ ମୋବାଇଲ୍ କୁ ଏକ ଚାଲାଣ ଆସିଥିଲା । ଯେଉଁଥିରେ ୬/୧୨/୨୦୨୩ ତାରିଖ ଓ ଶ୍ରୀ ପାଲ୍ ଙ୍କ ସ୍କୁଟର ନମ୍ବର ଥିବା ବେଳେ ବିନା ସିଟ୍ ବେଲ୍ଟରେ ଗାଡି ଚଳାଉଥିବା ହେତୁ ୧୦୦୦ ଟଙ୍କା ଫାଇନ୍ ବାନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ପାଲ୍ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ତେବେ ଉକ୍ତ ଚାଲାଣରେ ଗାଡିଟି ମାଲ୍ ପରିବହନ କରୁଥିବା ଚାରି ଚକିଆ ଯାନ ଦର୍ଶାଉଥିବା ବେଳେ ଦୁଇ ଚକିଆ ଯାନ ର ମାଲିକଙ୍କୁ କିପରି ଚାଲାଣ ଆସିଲା ତାହା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି । ଏଥିରୁ ପରିବହନ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି । ପରିବହନ ବିଭାଗ କର୍ମଚାରୀଙ୍କ ଭୁଲ୍ ପାଇଁ ହଇରାଣ ହେଉଛନ୍ତି ନିରୀହ ଗାଡ଼ି ମାଲିକ। ଏପରି ଭୁଲ୍ ଚାଲାଣ ସମ୍ପର୍କରେ କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ(ଆର ଟି ଓ) ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ ଏଥିରେ ଗୋଟିଏ ଏରର ହୋଇଯାଇଛି ଯାହା କ୍ରସ ଚେକିଂ କରିନାହାନ୍ତି । ଯେଉଁଥିପାଇଁ ଏମିତି ହୋଇଛି । ସଂପୃକ୍ତ ବ୍ୟକ୍ତି ପରିବହନ ବିଭାଗକୁ ଗୋଟିଏ ମେଲ କରି ରେକଟିଫିକେଶନ କରିପାରିବେ ବୋଲି ସେ କହିଛନ୍ତି ।

# ବାଣପୁର କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାଣପୁର ୧୭/୧୨ (ନି.ପ୍ର): ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆଜି ବାଣପୁର କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ ମିଳିତ ଭାବେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯୋଗଦେଇ ବିଭିନ୍ନ ବିଚାରଧୀନ ମାମଲାର ଫଇସଲା କରିଥିଲେ।ତତସହିତ ବିଭିନ୍ନ ବ୍ୟାଙ୍କର ପ୍ରାକ ବିବାଦୀୟ ମକଦ୍ଦମା ଗୁଡ଼ିକୁ ମଧ୍ୟ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ସମୁଦାୟ ୧୧୫ ଗୋଟି ମାମଲା ବିଚାରପାଇଁ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୩୪ ଗୋଟି ମାମଲାର ଫଇସଲା ହୋଇଥିଲା। ଏଥିରୁ ୧୧ ଲକ୍ଷ ୮୪ହଜାର ୪୨୩ ଟଙ୍କା ଆଦାୟ କରାଯାଇଥଲା।ଉକ୍ତ ଲୋକ ଅଦାଲତରେ ବାଣପୁର ଓ ବାଲୁଗାଁର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଅନାଦେୟ ଋଣ ଆଦାୟ ଲାଗି ମାମଲା ପରିଚାଳନାରେ ସହଯୋଗ କରିଥିଲେ। ବାଣପୁର ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀମାନେ ଲୋକ ଅଦାଲତ ପରିଚାଳନାରେ ସହାୟତା କରିଥିଲେ।

# ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ପୋଲସରା ୧୭/୧୨ (ନି.ପ୍ର): ଓଡିଶା ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ଛାଡି ଯାଇଥିବା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଡିସେମ୍ବର ୧୪ ତାରିଖ ଦିନ ପୋଲସରା ସହରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ସାନ ଝିଅ ତଦାଶା ତପସ୍ୱିନୀ ଓ ଜ୍ୱାଇଁ ଉତ୍ତମ କୁମାର ଦାସ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ଦମକଳ କେନ୍ଦ୍ର ମଝିରେ ନିରୁପିତ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିନବନ୍ଧୁ ସାହୁ , ସିମାଞ୍ଚଳ ସାହୁ, ରମେଶ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ରୋହିତ ପ୍ରଧାନ, କାମଦେବ ପ୍ରଧାନ, ସରପଞ୍ଚ ରଘୁନାଥ ଭୂୟାଁ , ଭାସ୍କର ନାହକ , ନାରାୟଣ ସାହୁ , ଶରତ ପାଣିଗ୍ରାହୀ , ଅଶୋକ ପ୍ରଧାନ , ବନିନ୍ଦ୍ର ପ୍ରଧାନ , ଉମାଚରଣ ପ୍ରଧାନ , ପୂର୍ବତନ ସରପଞ୍ଚ କୈଳାଶ ମହାରଣା , ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ପଣ୍ଡା , ଦେବାଶିଷ ସାହୁ , କୃଷ୍ଣ ଚରଣ ପଟ୍ଟନାୟକ , ସୁଦିପ୍ତ ମୋହନ ପଟ୍ଟନାୟକ , ଯଜ୍ଞ ନାରାୟଣ ସାହୁ , ସିଲୁ ଦଳେଇ , ସିମାଞ୍ଚଳ ପ୍ରଧାନ , ପୋଲସରା ଓକିଲ ସଂଘ ସଭାପତି ବଳରାମ ପ୍ରଧାନ ଏବଂ କୃଷ୍ଣଚନ୍ଦ୍ର ଜେନା ସମେତ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ବହୁ ପ୍ରସଂଶକ ଉପସ୍ଥିତ ଥିଲେ।



# କେଲିଆ ଗ୍ରାମରେ ଚାଉଁରୀଆ ଯାତ୍ରା ସମ୍ପନ୍ନ

ନବରଙ୍ଗପୁର ୧୭/୧୨ (ନି.ପ୍ର): ଧୂମଧାମରେ ପାଳିତ ହୋଇ ଯାଇଛି କେଲିଆ ଗ୍ରାମ ରେ ବାବା ଚାଉଁରୀଆ ଙ୍କ ଯାତ୍ରା। ଡାବୁଗାଁ ବ୍ଲକ ଅନ୍ତର୍ଗତ ଚଚରାଗୁଡା ପଞ୍ଚାୟତ ର ଏକ ପ୍ରମୁଖ ଯାତ୍ରା ଅଟେ ଏହି ଯାତ୍ରା। ସଂପୂର୍ଣ୍ଣ ପାରମ୍ପରିକ ରୀତିନୀତି ରେ ଅନୁଷ୍ଠିତ ହୁଏ ପ୍ରତିବର୍ଷ ଚାଉଁରୀଆ ଯାତ୍ରା। ଗ୍ରାମବାସୀଙ୍କ ନିମନ୍ତ୍ରଣ କ୍ରମେ ବିଭିନ୍ନ ଦଳ ତଥା ପ୍ରମୁଖ ବ୍ୟକ୍ତି ମାନେ ମଧ୍ୟ ଯୋଗଦାନ କରିଥିଲେ ଏହି ଯାତ୍ରା ରେ । ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଜୟନ୍ତ କୁମାର ପାତ୍ର, କଂଗ୍ରେସ ର ବରିଷ୍ଠ ନେତ୍ରୀ ଲିପିକା ମାଝୀ, ବ୍ଲକ ଅଧକ୍ଷା ବୀଣା ମାଝୀ, ଡାବୁଗାଁ ବିଜେପି ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଜି କିରଣ କୁମାର, ପୂର୍ବତନ ସରପଂଚ ଧର୍ମାନନ୍ଦ ନାୟକ, ସରପଞ୍ଚ ରଞ୍ଜୁ ଭତ୍ରା, ଦୀବା ମାଝୀ, ଯୁଧିଷ୍ଠିର ପୂଜାରୀ, କାଞ୍ଚନ ହରିହର, ପିତମ୍ ମାଝୀ, ଦେବସିଂ, କବିରାଜ ମାଝୀ, ଗିରି ପୂଜାରୀ, କଣି କଲାର, କମଲୁ ଗୌଡ଼, ଭାଗୀରଥି ମାଝି ପ୍ରମୁଖ ଏହି ଧାର୍ମିକ ଯାତ୍ରା ରେ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲ୍ଲାରେ ବଢୁଛି ଶୀତ ର ପ୍ରକୋପ

ନବରଙ୍ଗପୁର ୧୭/୧୨ (ନି.ପ୍ର):ଡାବୁଗାଁ ଅଞ୍ଚଳରେ ତିନି ଦିନ ହେଲା ବଢିଛି ଶୀତର ପ୍ରକୋପ ପାରଦ ହଠାତ ତଳ ମୁହାଁ ହେବା ଆରମ୍ଭ କରିଛି। ଆଗାମୀ ଦିନରେ ଶୀତ ଆହୁରି ବଢ଼ିବା ସୂଚନା ଦେଉଛି। ଶୀତ ବଢିବା ଯୋଗୁଁ ଲୋକ ମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗାଇ ପାଖରେ ବସିବା ଦୃଶ୍ୟ ଦେଖିବାକୁ ମିଳୁଛି। ଅନେକ ଲୋକ ଘରୁ ପଦାକୁ ବାହାରୁ ନାହାଁନ୍ତି । କିଛି ଲୋକ ଶୀତକୁ ଉପଭୋଗ କରୁଛନ୍ତି, ମୁଖ୍ୟତଃ ଅଧିକାଂଶ ଯୁବ ପିଢ଼ିଙ୍କ ମଧ୍ୟରେ ସକାଳୁ ସକାଳୁ ବ୍ୟାୟାମ କରୁଥିବା ଦେଖିବାକୁ ମିଳୁଛି ପଡିଆ ଓ ଖୋଲା ସ୍ଥାନ ମାନଙ୍କରେ ନିଜକୁ ଫିଟ୍ ଆଉ ଗରମ ରଖିବାକୁ ବିଭିନ୍ନ ବ୍ୟାୟାମ କରୁଛନ୍ତି। ନବରଙ୍ଗପୁର ଜିଲ୍ଲାକୁ ସାଧାରଣତଃ ନଭେମ୍ବର ମାସରୁ ଶୀତ ଆରମ୍ଭ ହୋଇ ଥାଏ। ପ୍ରାୟତ ପ୍ରତି ବର୍ଷ ଏହି ଅଂଚଳରେ ଡିସେମ୍ବର ୧୫ ଠାରୁ ଜାନୁୟାରୀ ୧୫ ବା ଶେଷ ଯାଏ ପ୍ରବଳ ଶୀତ ଅନୁଭୂତ ହୋଇଥାଏ। ବର୍ତ୍ତମାନ ଶୀତ ଆରମ୍ଭ ହୋଇଛି ଆଗକୁ ଆହୁରି ତାପମାତ୍ରା କମିବା ସହ ଆହୁରି ଅଧିକ ଶୀତ ହେବା ଆଶଙ୍କା ରହିଛି ।



# ଆଧୁନିକ ଇଞ୍ଜିନିୟରିଙ୍ଗର ଚମତ୍କାର: ଭାରତୀୟ ରେଳର ନୂତନ ପାମ୍ବନ ବ୍ରିଜ୍

ଭୁବନେଶ୍ୱର : ବିକାଶ ପଥରେ ଗତି କରୁଥିବା ଭାରତୀୟ ରେଳପଥ ପାମ୍ବନ ବ୍ରିଜ ଆକାରରେ ଇଞ୍ଜିନିୟରିଂର ଆଉ ଏକ ଚମତ୍କାର ଉପସ୍ଥାପନ କରିବାକୁ ଯାଉଛି । ତାମିଲନାଡୁରେ ଅବସ୍ଥିତ ନୂତନ ଭାବେ ନିର୍ମିତ ପାମ୍ବନ ବ୍ରିଜ୍ ହେଉଛି ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ରେଳ ସମୁଦ୍ର ବ୍ରିଜ୍, ଯାହା କେବଳ ଚମତ୍କାର ସଫଳତା ନୁହେଁ ବରଂ ଭାରତୀୟ ଭିତ୍ତିଭୂମି ବିକାଶର ପ୍ରତୀକ ଅଟେ । ରାମେଶ୍ୱରମ ଦ୍ୱୀପକୁ ସମୁଦ୍ର ମଧ୍ୟ ଦେଇ ପ୍ରଦେଶକୁ ସଂଯୋଗ କରି ଏହି ୨.୦୭ କିଲୋମିଟର ଲମ୍ବା ବ୍ରିଜ୍ ପାକ୍ ସ୍ଟ୍ରେଟର ନୀଳ ଜଳ ଅତିକ୍ରମ କରେ । ଏହି ସେତୁ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଏକ ପ୍ରମୁଖ ତୀର୍ଥସ୍ଥାନ ରମେଶ୍ୱରାମର ପବିତ୍ର ସହର ସହିତ ସମୁଦ୍ର ପଥ ମଧ୍ୟଦେଇ ଭାରତକୁ ସଂଯୋଗ କରେ । ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଭାରତର ପ୍ରଥମ ସମୁଦ୍ର ସେତୁ ଥିବା ପୁରୁଣା ପାମ୍ବନ ବ୍ରିଜ୍ ନୂତନତା ଏବଂ ଦୃଢ଼ତାର ଉଦାହରଣ ଭାବରେ ଦଣ୍ଡାୟମାନ ହୋଇଥିଲା ।ନୂତନ ପାମ୍ବନ ବ୍ରିଜ୍ ପାଇଁ ଆବଶ୍ୟକ ।ଏକବିଂଶ ଶତାବ୍ଦୀର ଆରମ୍ଭରେ ପୁରୁଣା ପମ୍ବାନ୍ ବ୍ରିଜ୍ ଆଧୁନିକ ପରିବହନର ଚାହିଦା ପୂରଣ କରିବାରେ ଅସମର୍ଥ ହେଲା । ରେଳ ଯାତାୟାତର ବୃଦ୍ଧି ଏବଂ ଦ୍ରୁତ ଏବଂ ନିରାପଦ ସଂଯୋଗର ଆବଶ୍ୟକତା ସରକାରଙ୍କୁ ଏକ ନୂତନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରବର୍ତ୍ତାଇଛି ଯାହା ବୈଷୟିକ ଦୃଷ୍ଟିରୁ ଉନ୍ନତ, ସ୍ଥାୟୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ।୨୦୧୯ ମସିହାରେ ଭାରତ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ନୂତନ ଉଦ୍ଦେଶ୍ୟ ଅନୁଯାୟୀ, ଏହି ସେତୁ ପୁରୁଣା ସେତୁର ସୀମାକୁ ଦୂର କରି ଆଞ୍ଚଳିକ ସଂଯୋଗ ଏବଂ ଅର୍ଥନୈତିକ ବିକାଶ ପାଇଁ ଏକ ନୂତନ ରାସ୍ତା ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ପ୍ରକଳ୍ପକୁ ପ୍ରାଥମିକତା ଦିଆଯାଇଥିଲା ଏବଂ ଏକ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭାବରେ ମାନ୍ୟତା ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ପ୍ରକଳ୍ପ ଏକ ଜାତୀୟ ପ୍ରାଥମିକତା ପାଲଟିଥିଲା ଏବଂ ଏକ ପ୍ରମୁଖ ସୁଯୋଗ ପ୍ରକଳ୍ପ ଭାବରେ ମାନ୍ୟତା ପାଇଲା ଯାହା ଆଞ୍ଚଳିକ ସଂଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ନୂତନ ଉଚ୍ଚତାକୁ ନେଇଯିବ ।ଇଞ୍ଜିନିୟରିଂର ଅନନ୍ୟ ଚମତ୍କାର ।ଇଞ୍ଜିନିୟରିଂର ଏକ ନିଆରା ଉଦାହରଣ ପାମ୍ବନ ବ୍ରିଜ୍, ଗଠନ ଏବଂ ଆକର୍ଷଣର ଏକ ଚମତ୍କାର ମିଶ୍ରଣ । ଏହାର ଡିଜାଇନ୍ ଏବଂ ନିର୍ମାଣର ମୁଖ୍ୟ ବୈଶିଷ୍ଟ୍ୟ ଏହାକୁ ଦୁନିଆର ସବୁଠାରୁ ଉନ୍ନତ ସେତୁରେ ପରିଣତ କରେ ।ନିର୍ମାଣ ସଫଳତା । ଭିତ୍ତିଭୂମି କାର୍ଯ୍ୟ ସେତୁର ମୂଳଦୁଆ ଯାହା ପିଲ୍ ଫାଉଣ୍ଡେସନ୍ ଏବଂ ପିଲ୍ କ୍ୟାପ୍ କୁ ନେଇ ଗଠିତ । କାର୍ଯ୍ୟସୂଚୀ ପୂର୍ବରୁ ସମାପ୍ତ ହୋଇଛି । ନିର୍ମାଣର ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଷ୍ଟ୍ରିଙ୍ଗ୍ ପ୍ରୋଟୋକଲ୍ ଏବଂ ବୈଷୟିକ ମାନକ ଅନୁସରଣ କରାଯାଇଥିଲା, ସେତୁର ସୁପରଷ୍ଟ୍ରକଚର ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରୁଛି ।ସଠିକ୍ ଲିଫ୍ଟ ସ୍ପାନ୍ ।ସେତୁର ନିର୍ମାଣ ପ୍ରକ୍ରିୟା ଅନ୍ତର୍ଗତ ଏକକ ଲାଇନ୍ ପାଇଁ ୯୯ ସ୍ପାନ୍ ପ୍ରସ୍ତୁତ କରାଯାଇଛି । ଏହାର ସଠିକ୍ ଆଲାଇନମେଣ୍ଟ ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଲିପ୍ ସ୍ପାନ୍, ଅଫ୍ ସାଇଟ୍ ତିଆରି କରାଯାଇଥିଲା ।କାର୍ଯ୍ୟକ୍ଷମ ପରୀକ୍ଷଣ ।ସେତୁର ଗଠନମୂଳକ ଶକ୍ତି ଯାଞ୍ଚ କରିବାବେଳେ, ୧.୫ କିଲୋମିଟର ଦୈର୍ଘ୍ୟ ବ୍ରିଜରେ ମଂଡପମ ପାର୍ଶ୍ୱରୁ ଏକ ପଣ୍ୟବାହୀ ଟ୍ରେନ୍ ସଫଳତାର ସହ ପରୀକ୍ଷଣ କରାଯାଇଥିଲା । ଯାହା ସେତୁର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପ୍ରମାଣିତ କରିଛି ଏବଂ ଏହା ଏକ ନିରାପଦ ଏବଂ ନିର୍ଭରଯୋଗ୍ୟ ମାର୍ଗ ବୋଲି ପ୍ରମାଣିତ କରିଛି ।ଯାନ୍ତ୍ରିକ ଉତ୍କର୍ଷ: ଡିଜାଇନ୍ ଏବଂ ନିର୍ଭରଯୋଗ୍ୟତା ।ଶକ୍ତିଶାଳୀ ବୈଷୟିକ ଗଠନ ।ସେତୁରେ ଯାନ୍ତ୍ରିକ ଉତ୍କର୍ଷ ଏବଂ ଡିଜାଇନ୍ ନିର୍ଭରଯୋଗ୍ୟତାକୁ ପ୍ରାଥମିକତା ଦିଆଯାଇଛି । ଯାହାର ଡିଜାଇନ୍ ଇଣ୍ଟରନ୍ୟାସନାଲ କନସଲଟାଣ୍ଟ ଝଣଚଝଇ ଦ୍ୱାରା ପ୍ରସ୍ତୁତ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଇଆଇଟି ଚେନ୍ନାଇ ଏବଂ ମୁମ୍ବାଇ ଦ୍ୱାରା ପ୍ରମାଣିତ ହୋଇଥିଲା । ଏହି ଡବଲ୍ ଯାଞ୍ଚ ପ୍ରକ୍ରିୟା ସେତୁର ଗଠନମୂଳକ ଶକ୍ତି ଏବଂ ବୈଷୟିକ ଉତ୍କର୍ଷକୁ ସୂଚିତ କରେ ।ଭର୍ଟିକାଲ୍ ଲିଫ୍ଟ ସ୍ପାନ ।ସେତୁର ରାବାରୋ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଇରାକଓ ଭର୍ଟିକାଲ୍ ଲିଫ୍ଟ ସ୍ପାନ୍ । ଭାରତରେ ପ୍ରଥମ ପ୍ରକାରର ଏହି ପ୍ରାଙ୍ଗଣଟି ୧୨୫ ମିଟର ଚଉଡା । ଯାହା ସାମୁଦ୍ରିକ ଯାତାୟାତର ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ ହୋଇଛି ।ବିଦ୍ୟମାନ ସେତୁଠାରୁ ତିନି ମିଟର ଉଚ୍ଚ ।ଏହି ସେତୁଟି ୨.୦୮ କିଲୋମିଟର (୨,୦୭୮ ମିଟର) ଲମ୍ବ ଏବଂ ସମୁଦାୟ ୯୯ ଟି ସ୍ୱଚ୍ଛ ବ୍ୟବଧାନ (ପ୍ରତ୍ୟେକ ୧୮.୩ ମିଟର) କୁ ନେଇ ଗଠିତ । ଅଧିକନ୍ତୁ, ଏହାର ୭୨.୫ ମିଟରର ଏକ ଭୂଲମ୍ବ ଲିଫ୍ଟ ସ୍ପାନ୍ ଅଛି । ଯାହା ସମୁଦ୍ର ଯାତାୟାତ ପାଇଁ ସୁବିଧାଜନକ ଅଟେ । ଏହି ସେତୁ ଏହାର ପୂର୍ବ ଅପେକ୍ଷା ୩ ମିଟର ଉଚ୍ଚ ଅଟେ । ନୂତନ ସେତୁରେ ଉଚ୍ଚ ଛୋଟ ଜାହାଜ ଓ ବୋଟ ଗୁଡ଼ିକ ତଳେ ଯିବାକୁ ଅନୁମତି ଦେବା ପାଇଁ ଉଚ୍ଚ କ୍ଲିୟରାନ୍ସ ରହିବ, ଯାହା ସମୁଦ୍ରର ସଂଯୋଗକୁ ଉନ୍ନତ କରିବ ଏବଂ ଏହି ଅଞ୍ଚଳରେ ସହଜ ପରିବହନକୁ ସୁଗମ କରିବ ।ଶକ୍ତିଶାଳୀ ଭିତ୍ତିଭୂମି ଏବଂ ଉନ୍ନତ ଗଠନ ।ସେତୁର ମୂଳଦୁଆ କୁ ସୁଦୃଢ଼ କରିବା ପାଇଁ ପାଇଁ ୩୩୩ ପାଇଲ୍ସ ଏବଂ ୧୦୧ ପାଇଲ୍ସ କ୍ୟାପ୍ ବ୍ୟବହାର କରାଯାଇଛି । ଯାହା କେବଳ ବର୍ତ୍ତମାନର ଟ୍ରାଫିକ୍ ଆବଶ୍ୟକତାକୁ ନିୟନ୍ତ୍ରଣ କରିବାରେ ନୁହେଁ ବରଂ ଉଚ୍ଚ କ୍ଷମତା ସମ୍ପନ୍ନ କରିବାକୁ ସକ୍ଷମ କରିଥାଏ । ସେତୁର ସୁପରଷ୍ଟ୍ରକ୍ଚର୍ ସଂପୂର୍ଣ୍ଣ ଭାବେ ଓ୍ୱେଲଡେଡ୍ ବକ୍ସ ବିଭାଗରେ ନିର୍ମିତ, ଯାହା ସ୍ଲାଇସ୍ ଗଣ୍ଠିର ଆବଶ୍ୟକତାକୁ ଦୂର କରିଥାଏ ।



# ଘରୋଇ ଯାତ୍ରୀବାହୀ ବସ ସହ ପିକଅପର ମୁହାଁମୁହିଁ ଧକ୍କା: ୨୦ ଆହତ :୩ ଗୁରୁତର

କନ୍ଧମାଳ ୧୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବରପଦା ଶର୍ଙ୍ଗିକଟା ଶାଳ ବଣ ବୁଲାଣି ନିକଟରେ ଘରୋଇ ଯାତ୍ରୀବାହୀ ବସ୍ ସହିତ ଏକ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣ ଗୁରୁତର ଅଛନ୍ତି। ଗୁରୁତର ହୋଇଥିବା ୩ ଜଣ ବସ୍‌ର ହେଲପର୍ ସିବିର ପ୍ରଧାନ, ବିଗ୍ନେ ବେହେରା ଓ ପ୍ରତିମା ନାୟକ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଏସ୍‌କଟ ନାମକ ଘରୋଇ ଯାତ୍ରୀବାହୀ ବସ୍ ଦାରିଙ୍ଗବାଡିରୁ ଭାୟା ବାଲିଗୁଡା ଦେଇ ଫୁଲବାଣୀ ଆସୁଥିଲା । ଆସିବା ବାଟରେ ସଦର ଥାନା ଅନ୍ତର୍ଗତ ବରପଦା ଶର୍ଙ୍ଗିକଟା ଶାଳ ବଣ ବୁଲାଣି ନିକଟରେ ଫୁଲବାଣୀରୁ ଫିରିଙ୍ଗିଆ ଆଡକୁ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଥିଲା। ବସ୍‌ର ହେଲପର୍ ସିବିର ପ୍ରଧାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଛି ପୁଲିସ। ଅନ୍ୟ ଦୁଇ ଗୁରୁତର ବିଗ୍ନେ ବେହେରା ଓ ପ୍ରତିମା ନାୟକ ଙ୍କ ସମେତ ଆହତ ମନେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

# ମୂଖିଗୁଡା ରାଣୀବାହାଲ ରେ ଲକ୍ଷ୍ମୀ ପୂଜା ପାଳିତ

ଜୟପାଟଣା ୧୭/୧୨ (ନି.ପ୍ର): ବ୍ଲକ ମଙ୍ଗଳପୁର ଗ୍ରାମପଞ୍ଚାୟତ ର ରାଣିବାହାଲ ଗ୍ରାମରେ ମାଣବସା ଗୁରୁବାର ଅବସର ରେ ଲକ୍ଷ୍ମୀ ପୂଜା ମହା ସମାରୋହ ରେ ପାଳିତ ହେଉଛି। ଏହି ଗ୍ରାମରେ ହେଉଥିବା ପୂଜା ପାରମ୍ପାରିକ ଭାବରେ ବେଶ ଆଡମ୍ବର ସହକାରେ ପାଳନ କରାଯାଉଛି। ଏଥିପାଇଁ ଗାଁ ତଥା ଅଞ୍ଚଳ ଚଳ ଚଞ୍ଚଳ ହୋଇ ପଡ଼ିଛି। ରାତ୍ରୀ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଓ ଅଞ୍ଚଳ ର ବିଭିନ୍ନ ଏହି ପୂଜା ଅବସର ରେ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ସାମିଲ ରହି ପୁର୍ଣ୍ଣ କଳସ ମଣ୍ଡପ ରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା କମିଟି ର ସଭାପତି ଚୈତନ୍ୟ ନାଏକ ଭାବରେ ରହିଥିବା ବେଳେ ସମ୍ପାଦକ ଭବାନୀ ରାଉତ ଭାବରେ ଓ କୋଷାଧ୍ୟକ୍ଷ ନେପୁର ରାଉତ ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର, ଶ୍ରୀମନ୍ତ କୁମାର ତ୍ରିପାଠୀ,ସୁକୁମାର ତ୍ରିଲୋଚନ ଶବର, ଅହଲ୍ୟା ରାଉତ, ସୀତାରାମ ଶବର, ପ୍ରମୋଦିନୀ ଶବର, ଜଗଦିଶ ରାଉତ, ଯଶୋଦା ରାଉତ, ହରିହର ରାଉତ, ସମୀର ରାଉତ, ସହଦେବ ମାଝୀ, ଥବିର ନାଏକ, ତପନ କୁମାର ଶବର, ଦୁଷ୍ମନ୍ତ ମିଶ୍ର, ତ୍ରିନାଥ ମିଶ୍ର, ଗଗନେ ମାଝୀ, ରବିନ୍ଦ୍ର ମାଝୀ କମିଟିରେ ସମେତ ଅନେକ ରହି ପୂଜା ହୋଇ ଥୀଲା !

## ଲାଞ୍ଜିଗଡ- ବ୍ରହ୍ମପୁର ଭାୟା ଫୁଲବାଣୀ ରେଳପଥ ପାଇଁ ଘୋଷଣା, ସାଂସଦଙ୍କୁ ଧନ୍ୟବାଦ ଜଣାଇଲେ ବିଜେପି କର୍ମୀ

କନ୍ଧମାଳ ୧୭/୧୨ (ନି.ପ୍ର): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରଚେଷ୍ଟା କ୍ରମେ ଲାଞ୍ଜିଗଡ-ବ୍ରହ୍ମପୁର ଭାୟା ଫୁଲବାଣୀ ରେଳ ଲାଇନ ମଞ୍ଜୁର ହୋଇଛି। ଏହା ଦ୍ୱାରା ଫୁଲବାଣୀ ରେଳ ମ୍ୟାପରେ ସ୍ଥାନ ପାଇବା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଏଥିପାଇଁ ବିଜେପି ନେତା ଓ କର୍ମୀ ସାଂସଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ସ୍ଥାନୀୟ ଡିଆରଡିଏ ଛକଠାରେ ଏକତ୍ର ହୋଇ ବିଜେପି କର୍ମୀ ସାଂସଦଙ୍କୁ ସାଧୁବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ସାଂସଦ ଶ୍ରୀ ପାଣିଗ୍ରାହୀ ଏହି ପ୍ରସଙ୍ଗ ବାରମ୍ବାର: : : ପାର୍ଲିଆମେଣ୍ଟରେ ଉଠାଇବା ପରେ ଶେଷରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରସ୍ତାବ ପାରିତ କରାଇ ଏହାର ସର୍ଭେ ପାଇଁ ଓରିଡିଏଲ ଜରିଆରେ ଟେଣ୍ଡର ଆହ୍ୱାନ କରାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଯୁବମୋର୍ଚ୍ଚାର ସଭାପତି ମୁକ୍ତିକାନ୍ତ ମହାନ୍ତି, ସାଂସଦ ପ୍ରତିନିଧି ଜଗନ୍ନାଥ ସାହୁ, ଚନ୍ଦ୍ର ପଣ୍ଡା, ଭିକି ପ୍ରଧାନ ,ଅମରେନ୍ଦ୍ର ବେହେରା, ରତନ ଚୌଧୁରୀ, ପ୍ରଶାନ୍ତ ପଟ୍ଟନାୟକ, ଅରବିନ୍ଦ ମହାପାତ୍ର, ଗଙ୍ଗଧର ପାତ୍ର, ପ୍ରିୟରଞ୍ଜନ ଜେନା, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି, ମୂଖିଗୁଡା -ବିଶାଖାପାଟଣା ବସ୍ ସେବା

# କୁମ୍ଭକର୍ଣ୍ଣ ନିଦ୍ରାରେ ନିଗମ ପରିଚାଳକ





ଜୟପାଟଣା ୧୭/୧୨ (ନି.ପ୍ର): ଜନସାଧାରଣଙ୍କ ଗମନାଗମନ ର ସୁବିଧା ଦୃଷ୍ଟିରୁ ରାଜ୍ୟସରକାର ପ୍ରତ୍ୟେକ ସହର ଠାରୁ ମଫସଲ ଯାଏଁ ସରକାରୀ, ଘରୋଇ ବେସରକାରୀ ବସ୍ ମାନଙ୍କର ପରିବହନର ବ୍ୟବସ୍ଥା କରିଆସୁଛନ୍ତି। ଯଦ୍ୱାରା ଜନସାଧାରଣ ନିର୍ବିଘ୍ନ ରେ ବିଭିନ୍ନ, ସରକାରୀ, ବେସରକାରୀ କାର୍ଯ୍ୟ କରିବା ପାଇଁ ପରିବହନ ସଂସ୍ଥା ମାନଙ୍କ ଉପରେ ଭରସା କରିଥାନ୍ତି। ଏହି ପରି ଭାବେ ଇନ୍ଦ୍ରାବତୀ ଜଳ ଓ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରିତା ପୂର୍ବରୁ ରାଜ୍ୟର କୋଣ ଅନୁକୋଣ ମାନଙ୍କରୁ ଲୋକେ ପରିବହନ ସୁବିଧା ଉପଲବ୍ଧ କରି ଆସୁଥିବାବେଳେ, ଓଡିଶା ରାଜ୍ୟ ପରିବହନ ନିଗମ, ଭୁବନେଶ୍ୱର ଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଥିବା ମୂଖିଗୁଡା -ଜୟପାଟଣା ଠାରୁ, ବିଶାଖାପାଟଣା ପର୍ଯ୍ୟନ୍ତ ଯିବା ଆସିବା ବସ୍ ସେବା ଅତ୍ୟନ୍ତ ହୀନମାନର ହୋଇପଡିଛି। ନିଗମ ଦ୍ୱାରା ପରିଚାଳିତ ଏହି ବସ୍ ସେବା ଜନସାଧାରଣଙ୍କ ମୁଖ୍ୟତ, ସ୍ୱାସ୍ଥ୍ୟ ବସ୍ଥା, କାରଣରୁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଅଧକ୍ଷ, ତଥା ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ପରିବହନ ନିଗମଙ୍କ, ଜାଣି ଅଜଣା ନୀତି, ବର୍ତମାନ ଜନ ଅସନ୍ତୋଷ କୁ ବୃଦ୍ଧି କରିବାରେ ଲାଗିଛି। ଭଙ୍ଗା, ଦଦରା, ବସ୍ ଗୁଡିକୁ, ମୂଖିଗୁଡା -ବିଶାଖାପାଟଣା ରାସ୍ତାରେ ଦେଇ ଜନସାଧାରଣତଥା ଯାତ୍ରୀ ମାନଂକୁ ହଇରାଣ ହରକତ କରେଇବା, ନିଗମ ପରିଚାଳକଙ୍କ ନୀତି ଦିନିଆ ଅଭ୍ୟାସ ହୋଇ ଯାଇଛି ବୋଲି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ପ୍ରାୟ ୩୫୦କିମି ରାସ୍ତା ଯାତ୍ରା ପାଇଁ କୌଣସି ଦୃଷ୍ଟିରୁ ଏହି ବସ୍ ସେବା ଯୋଗ୍ୟତା ରଖୁ ନାହିଁ। ପରିବହନ ବ୍ୟବସ୍ଥା ନାମରେ,ଗରିବ ଜନସାଧାରଣ, ସ୍ୱାସ୍ଥ୍ୟବସ୍ଥା ପ୍ରତିକୂଳ ରୋଗୀ, ଜରୁରୀକାଳୀନ କାର୍ଯ୍ୟକୁ ନେଇ ଆର୍ଥିକ ଶୋଷଣ ର ଶିକାର କରାଯାଉଛି ବୋଲି ଜୋର ଚର୍ଚ୍ଚା ଧରିଛି ।ଏହି ସବୁ ଅବ୍ୟବସ୍ଥା କୁ ବିରୋଧ କରି ନିକଟରେ ଜୟପାଟଣା ଅଂଚଳର, ବୁଦ୍ଧିଜୀବୀ, ସମାଜସେବୀ, ବିଶାଖାପାଟଣା ଯାଉଥିବା ବସ୍ କୁ ଅଟକ ରଖି ନିଗମର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ, ବିଭାଗୀୟ ଅଧିକାରୀଙ୍କ ଦୁରଦୃଷ୍ଟିର ଅଭାବ ଯୋଗୁଁ ସେହି ଦଦରା ବସ୍ ଦୁଇଟି, ଯଥା ପୂର୍ବମ ତଥା ପରଂ ହୋଇ ରହି ଯାଇଛି। ଏଥି ପୂର୍ବରୁ ଜୟପାଟଣା ବଣିକ ସଙ୍ଘ ଦ୍ୱାରା ଏକ ଲିଖିତ ଅଭିଯୋଗ ଜିଲ୍ଲା ପରିବହନ ଅଧିକାରୀ ଙ୍କୁ ପ୍ରଦାନ କରିଥିଲେ ହେଁ, କୌଣସି ସୁଫଳ ମିଳିପାରିନାହିଁ। ଉଲ୍ଲେଖ ନିୟ ବିଷୟ ଏହି ଯେ ଦଦରା ବସ୍ ସେବା ର ଦହନୀ ୟ ପରିସ୍ଥିତି କୁ ପରଖି, ଲାଞ୍ଜିଗଡ ବିଧାୟକ, ରାଜ୍ୟ ପରିବହନ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ହେଁ ନିଗମ ପରିଚାଳକଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଏ ଯାବତ ଭାଙ୍ଗି ନାହିଁ। ଏଣୁ ସର୍ବସାଧାରଣଙ୍କ ସେବାରେ ଓଡିଶା ସରକାର, ମୂଖିଗୁଡା -ଜୟପାଟଣା ଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ସେବା ଯୋଗାଇ ଆସୁଥିବା ୩୫୦କିମି ରାସ୍ତାରେ ଦିନ ପ୍ରତିଦିନ ସେବା ଯୋଗାଇ ଆସୁଥିବାଦଦରା ବସ୍ ପରିବର୍ତ୍ତେ ଦୁଇଗୋଟି ଭଲଭୋ (ଝଙ୍କକ୍ଷଙ୍କ)ବସ୍ ଚଲେଇବା ପଦକ୍ଷେପ ଗ୍ରହଣ କରିବାସହ, ଏହାର ସମୟ ପରିବର୍ତନ କରି ଉପଯୁକ୍ତ ନିର୍ଦ୍ଧାରିତ ସମୟରେ ବସ୍ ଚଳାଚଳ ର ସୁବ୍ୟବସ୍ଥା କରାଯିବାପାଇଁ ଦାବୀ ଉଠିଛି। ଆଗାମୀ ୧୫ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ, ଆନ୍ଦୋଳନା ତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି, ଜୟପାଟଣା ପଂଚାୟତ ସମିତି ସଭ୍ୟା ରଶ୍ମି ତା ଦୁରିଆ ଙ୍କ ସମେତ ସର୍ବ ସାଧାରଣ ଦୃଢ ଦାବୀ କରନ୍ତି।

## ସିଦ୍ଧ ବିନାୟକ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା

ପାଟଣା ୧୭/୧୨ (ନି.ପ୍ର): ପାଟଣା ବ୍ଲକ ଚିନାମାଳି ପଶି ପଞ୍ଚାୟତ କେଚାଙ୍ଗ ଗ୍ରାମ ସ୍ଥିତ ସିଦ୍ଧ ବିନାୟକ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ କ୍ରୀଡ଼ା ସମାରୋହ ଡିସେମ୍ବର ୧୩ ଓ ୧୪ ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି ।ବିଦ୍ୟା ମନ୍ଦିର ସମ୍ପାଦକ ଶୁକଦେ୍ୱ ମହାନ୍ତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ପ୍ରତିଯୋଗୀତାକୁ ଉଦଘାଟନ କରିଥିଲେ ।ସମ୍ମାନୀତ ଅତିଥି ଭାବେ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ପ୍ରଧାନ, ସାମାଜିକ କର୍ମୀ ଦୟାନିଧି ନାଏକ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରଧାନ ଆଚାର୍ଯ୍ୟ ମଙ୍ଗଳୁ ଚରଣ ମୁଣ୍ଡା ଓ ଅନ୍ୟ ଗୁରୁଜୀ ଗୁରୁମା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଦୌଡ଼ କୁଦ, ସର୍ଟପୁଟ,ଡିସ୍କସ ଥ୍ରୋ,ପୁଚି,ମ୍ୟୁଜିକ ଚେୟାର, ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ।ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସନାତନ ସର୍ଦ୍ଦାର ଓ ସମ୍ମାନୀତ ଅତିଥି ଭାବେ ମୁକ୍ତାପୁର ସମିତି ସଭ୍ୟା ତିଳୋତ୍ତମା ମହାନ୍ତ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

## ବିଦ୍ୟାବାଟିକା ରେ ବିଜ୍ଞାନ ମେଳା



ପାଟଣା ୧୭/୧୨ (ନି.ପ୍ର): ଶନିବାର ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଶ୍ରୀ ବିଦ୍ୟା ବାଟିକା ଠାରେ କୁନି କୁନି ପିଲାମାନଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୫ ଜଣ ଛାତ୍ର ଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଅନୁଷ୍ଠିତ ବିଜ୍ଞାନ ମେଳା ରେ ମୂଲ୍ୟାୟନ କରିବା ପାଇଁ ଗଦାଧରପୁର ସ୍ଥିତ ଗୁରୁକୁଳ ବି.ଇ.ଡି କଲେଜ ର ଉପାଧ୍ୟକ୍ଷ ରାଜେଶ କୁମାର ରାଉତ ଓ ଗୁରୁକୁଳ +୨ ବିଜ୍ଞାନ ର ଅଧ୍ୟାପକ ଆଲୋକ କୁମାର ମଣ୍ଡଳ, ଘଟଗାଁ ସ୍ଥିତ ଶ୍ରୀ ଫାଉଣ୍ଡେସନ ର ଚେୟାରମ୍ୟାନ ଦିଲ୍ଲୀପ କୁମାର ସାହୁ , ସମ୍ଭବ ଫାଉଣ୍ଡେସନ ଓ ଶ୍ରୀ ବିଦ୍ୟା ବାଟିକା ର ଚେୟାରମ୍ୟାନ ଲକ୍ଷ୍ମଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗଦାଧରପୁର ସ୍ଥିତ ଶ୍ରୀ ଗୁରୁକୁଳ ମଡ଼େଲ ସ୍କୁଲ ର ପ୍ରଧାନ ଶିକ୍ଷକ ଅଖିଳ ପ୍ରଧାନ ଯୋଗ ଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଶ୍ରୀ ବିଦ୍ୟା ବାଟିକା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କଙ୍କ ଦ୍ୱାର ସୁଚାରରୂପେ ଅନୁଷ୍ଠିତ ହୋଇଥିଲା ।ବିଦ୍ୟାଳୟର ଅଧକ୍ଷା ମିସ ଗୁପ୍ତାଞ୍ଜଳି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କପୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ମେଳା

ପାଟଣା ୧୭/୧୨ (ନି.ପ୍ର): ଚଳିତ ଶିକ୍ଷା ବର୍ଷ ୨୦୨୪/୨୫ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ କପୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ସେଠୀ ଙ୍କ ସଭାପତିତ୍ୱରେ ଓ ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଘନଶ୍ୟାମ ସାହୁ ଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ପଢୁଥିବା ୫୧ଜଣ ବାଳକ ଓ ୬୭ ଜଣ ବାଳିକା ମୋଟ ୧୧୮ ଜଣ ଛାତ୍ରଛାତ୍ରୀ ଙ୍କୁ ପୋଷାକ ବିତରଣ କରାଯାଇଛି ।କାର୍ଯ୍ୟକ୍ରମ କୁ ସହକାରୀ ଶିକ୍ଷକ ଲୁପ୍ତ ପ୍ରସାଦ ନାୟକ ,ସହକାରୀ ଶିକ୍ଷୟତ୍ରୀ ଚମ୍ପାବତୀ ନାଏକ,ସ୍ୱାଗତିକା ସଂଖୁଆ ,ରୁମିତା ମହାନ୍ତି ଙ୍କ ସମେତ ପରିଚାଳନା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ଜଗନ୍ନାଥ ଭାଗବତ ଟୁଙ୍ଗି ଖୁଣ୍ଟପଡା ରେ ଗୀତା ଜୟନ୍ତୀ

ପାଟଣା ୧୭/୧୨ (ନି.ପ୍ର): ଘଟଗାଁ ବ୍ଲକ ଖୁଣ୍ଟାପଡ଼ା ଗ୍ରାମର ଜଗନ୍ନାଥ ଭାଗବତ ଟୁଙ୍ଗି, ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟା, ଗ୍ରାମର ତଥା ନିକଟବର୍ତ୍ତୀ ଗ୍ରାମର ଅନେକ ଶ୍ରଦ୍ଧାଳୁ ନରନାରୀଙ୍କ ଗହଣରେ ପବିତ୍ର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଯଥାବିଧି ପୂଜନ ଏବଂ ସାନ୍ଧ୍ୟନୀତି ପରେ ପବିତ୍ର ଗୀତା ଗ୍ରନ୍ଥ ପୂଜନ,ସାମୁହିକ ପଠନ ଏବଂ ଘୃତାହୁତି ସହିତ ପଞ୍ଚଦଶ ଅଧ୍ୟାୟ ପାରାୟଣ କରାଯାଇଥିଲା। ଏଥିରେ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଏବଂ ତାଙ୍କ ସହଧର୍ମିଣୀ ପ୍ରତିମା ମିଶ୍ର କର୍ତ୍ତା ଏଂ ଅଭିଜିତ ପଣ୍ଡା ବେଦ ପାଠ ପୂର୍ବକ ପୁରୋଧା ଦାୟିତ୍ୱ ତୁଲାଇଥିଲେ। ଗୀତା ର ସୃଷ୍ଟି ଏଂ ଆମ ଜୀବନରେ ତାର ଉତ୍ତମ ପ୍ରଭାବ ବିଷୟରେ ଭାଗବତ ଟୁଙ୍ଗିର ତତ୍ତ୍ୱାବଧାରକ ଜୟଦେବ ପଣ୍ଡା କହି ସମସ୍ତଙ୍କୁ ବିଶେଷକରି ଯୁବସମାଜକୁ ନିୟମିତ ଗୀତାପାଠ କରିବାକୁ ଏବଂ ପ୍ରତି ଗୁରୁବାର ଭାଗବତଟୁଙ୍ଗିର ଗୀତାପାଠ କାର୍ଯ୍ୟକ୍ରମରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ ।ସର୍ବଶ୍ରୀ ଭଗବତ ନାୟକ, ଭୋଳାନାଥ ମହାନ୍ତ,ଟଙ୍କଧର ମହାନ୍ତ, ଜଗଦୀଶ ବାରିକ, ଶରତ ସିଂହ,ଅଭିମନ୍ୟୁ ମହାନ୍ତ,ପଦ୍ମନାଭ ନାଏକ, ଦଶରଥ ମହାନ୍ତ, ଚକ୍ରଧର ମହାନ୍ତ, ସର୍ବଶ୍ରୀମତି କୁଶୁଲା ନାୟକ,ଭାଗ୍ୟବତୀ ନାୟକ, ବାସନ୍ତୀ ନାୟକ,ସୁକାନ୍ତି ନାୟକ, ସବିତା ମହାନ୍ତ,ଲିଲି ମହାନ୍ତ, ରଞ୍ଜିତା ନାୟକ,ରଞ୍ଜିତା ମହାନ୍ତ,ମଞ୍ଜୁଲତା ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରେଂଗାଲିପାଲିରେ ବ୍ଲକ ବାରିକ ସମାଜର ବୈଠକ

ଅତାବିରା ୧୭/୧୨ (ନି.ପ୍ର):ଅତାବିରା ବ୍ଲକ ବାରିକ ସମାଜର ବୈଠକ ରେଙ୍ଗାଲି ପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବାରିକ ସମାଜର ସଭାପତି ରଘୁନାଥ ବାରିକ ଙ୍କ ସଭାପତିତ୍ୱରେ । ଏହି ବୈଠକରେ ବଙ୍ଗଳା ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରୁଥିବା ଘଟଣାକୁ ନିନ୍ଦା କରାଯାଇ ଥିଲା । ଅଂଚଳ ରେ ସମାଜ ର ସବୁ ବର୍ଗ ର ସୁବିଧା ଅସୁବିଧା ରେ ମିଳି ମିଶି କାମ କରିବା ପାଇଁ ଆଲୋଚନା ହୋଇ ଥିଲା ସଭାପତି ଙ୍କ ମହାନତା ପାଇଁ ତାଙ୍କୁ ଧନ୍ୟବାଦ ଦିଆ ଯାଇ ଥିଲା ଡିସେମ୍ବର କୋଡିଏ ତାରିଖ ରେ ହେବାକୁ ଥିବା ଜଡ଼ା ମଠ ବାର୍ଷିକ ଉତ୍ସବ ପାଇଁ ସମସ୍ତ ରାଜ୍ୟ ସ୍ତରୀୟ କର୍ମ କର୍ତ୍ତା ମାନଙ୍କୁ ଧନ୍ୟବାଦ ଦିଆ ଯାଇ ଥିଲା ।ଏହି ବୈଠକରେ ବାରିକ ସମାଜର ସମ୍ପାଦକ କାର୍ତ୍ତିକ ପଶାୟତ,ସଂଘର ସଭ୍ୟ ଦେବାର୍ଚ୍ଚନ ବାରିକ,ସରୋଜ ବାରିକ,ସତ୍ୟ ପଶାୟତ,ମନ ପଶାୟତ,ଜୀବର୍ଦ୍ଧନ ପଶାୟତ,ଦେବାନନ୍ଦ ବେହେରା,ଶଂକର ଭାନୁ ପଶାୟତ ପ୍ରମୁଖ ଯୋଗଦେଇଥିଲେ ।

## ରାନୀ ଙ୍କୁ କଂସ୍ୟ ପଦକ ହ୍ୟାଟ୍ରିକ ମାରିଲା ନିଗମାନନ୍ଦ ମହିଳା ମହାବିଦ୍ୟାଳୟ

ନିମାପଡା ୧୭/୧୨ (ନି.ପ୍ର):ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଜୁଣ୍ଡୁପୁର ଗ୍ରାମର ପ୍ରମୋଦ ପ୍ରଧାନ ଙ୍କ ଝିଅ ରାନୀ ପ୍ରଧାନ କଟକ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୂହ ଦୌଡ କୁଦ ପ୍ରତିଯୋଗିତା ରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର କ୍ରୀଡା ଶିକ୍ଷୟିତ୍ରୀ ଶ୍ରୀମତୀ ପାର୍ବତୀ ପରିଡା ଓ ଟ୍ରାକ ଆଣ୍ଡ ଫିଏଲଡ଼ କ୍ରୀଡା ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ ଙ୍କ ନେତୃତ୍ୱ ରେ ୧୯ ବର୍ଷ ରୁ କମ ବାଳିକା ବିଭାଗରେ ୪୦୦ମ ବାଧା ଦୌଡ ରେ କଂସ୍ୟ ପଦକ ଜିତିଛନ୍ତି। ଚଳିତ ବର୍ଷ ରାନୀ ପ୍ରଧାନ ଦୁଇ ଦୁଇ ଟିରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ କୁଦ ପ୍ରତି ଯୋଗିତାରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ପ୍ରତିନିଧିତ୍ୱ କରି ୨ଟି ରୋପ୍ୟ ଏବଂ ୧ଟି କାଂସ୍ୟ ପଦକ ଜିତି ପଦକ ଜିତିବାରେ ହ୍ୟାଟ୍ରିକ ବନେଇଛନ୍ତି। ସେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ପ୍ରଥମ ଛାତ୍ରୀ ଭାବରେ ଏହିସବୁ କୃତିତ୍ୱ ଲାଭ କରିଛନ୍ତି।

## ଭୁଲ ଇଞ୍ଜେକ୍ସନ ରୁ ଛାତ୍ର ମୃତ୍ୟୁ ଘଟଣା ,ଔଷଧ ଦୋକାନୀ ଫେରାର

ପାଟଣା ୧୭/୧୨ (ନି.ପ୍ର): ଗତ ୧୨ ତାରିଖ ସାହାରପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଦଶମ ଶ୍ରେଣୀର ଛାତ୍ର ତଥା ଘଟଗାଁ ବ୍ଲକ ପଣ୍ଡାପଡା ଥାନା ଧରାପଡା ଗ୍ରାମର ବିଜୟ କୁମାର ମୁଣ୍ଡା ଙ୍କ ପୁଅ ଶୁକଦେବ ମୁଣ୍ଡା(୧୫)ଙ୍କୁ ଭୁଲ ଇଞ୍ଜେକ୍ସନ ଦେଇଥିବା ସାହାରପଡା ସର୍ବେଶ୍ୱର ଔଷଧ ଦୋକାନ ର ମନୋଜ ମହାନ୍ତ ୧୨ ତାରିଖ ଅପରାହ୍ନ ରୁ ଫେରାର ହୋଇଥିବା ଜଣାପଡିଛି ।ଶୁକଦେବ ଙ୍କ ମୃତ୍ୟୁ ଭୁଲ ଇଞ୍ଜେକ୍ସନ ଯୋଗୁଁ ଘଟିଥିବା ଆଜି ୨ ଜଣ ଡାକ୍ତର ତଦନ୍ତ ରୁ ଜାଣିବା ପରେ ପୁଲିସ ମନୋଜ ଙ୍କୁ ଖୋଜୁଛି ।ମୃତ ଛାତ୍ର ଙ୍କ ପିତା ଶ୍ରୀ ମୁଣ୍ଡା ଙ୍କ ଅଭିଯୋଗ କ୍ରମେ ପାଟଣା ଥାନା ରେ ୩୫୧/୨୦୨୪ ମାମଲା ମୂଳେ ସାହାରପଡା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି ଘଟଣା ର ତଦନ୍ତ କରୁଛନ୍ତି ।ଔଷଧ ଦୋକାନୀ ଫେରାର ଥିବାରୁ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇନଥିବା ସେ କହିଛନ୍ତି।

## ବ୍ଲକସ୍ତରୀୟ ଚଇତିଚନ୍ଦ୍ରପୁରରେ ଆଦିବାସୀ ନୃତ୍ୟରେ ଦୁଲିକିଲା ମଞ୍ଚ





ମୁନିଗୁଡ଼ା ୧୭/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧୁଷିତ ଚନ୍ଦ୍ରପୁର ବ୍ଲକ ପରିସରରେ ପାଳିତ ହୋଇଛି ଚନ୍ଦ୍ରପୁର ବ୍ଲକ ସ୍ତରିୟ ଚଇତି ମହୋତ୍ସବ । ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗଲ ଓ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କ ମିଳିତ ସଂଯୋଜନାରେ ଫଳଫୋଳିଆ ନଦୀରୁ କୋଳସରେ ଜଳ ଆଣି ଗ୍ରାମଦେ୍ୱୀ ମନ୍ଦିରରେ କଳସକୁ ପୂଜାର୍ଚ୍ଚନା କରି, ମଶାଲରେ ଅଗ୍ନି ସଂଯୋଗ କରି ଏକ ବିଶାଳ ସଭାଯାତ୍ରାରେମନ୍ଦିର ପରିସରରୁ କଳସ ଓ ମଶାଲ ଧରି ବ୍ଲକ ସ୍ଥିତ ଚଇତି ମଣ୍ଡପକୁ ଅଣା ଯାଇଥିଲା । ଚଇତି କମିଟି ଅଧକ୍ଷ ତଥା ବିଡ଼ିଓ ସମ୍ୟକାନ୍ତ ବଙ୍ଗଲ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକସତ୍ୟଜିତ୍ ଗୋମାଙ୍ଗ, ବ୍ଲକ ଅଧକ୍ଷ କୋଇନ କିମ୍ବାକା , ରାମନାଗୁଡା ବ୍ଲକ ଅଧକ୍ଷ ରବି ଗୋମାଙ୍ଗ,ଗୁଣପୁର ଏନ ଏସି ଉପାଧକ୍ୟ ଶିବ ପ୍ରସାଦ ଗୌଡ଼, ବ୍ଲକ ଉପାଧକ୍ଷ ମାଳତୀ ମାଳ ବିସଇ,ଜିଲ୍ଲାପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ଏମପି ପ୍ରତିନିଧି ଭୀମ ଗୋଗେରେଙ୍ଗା, ସରପଞ୍ଚ ରଞ୍ଜିତା ବ୍ରେକବେଡା, ନୀଳମାଇ ଦିବାକା, ଅନିତା ଶବର, ସୁନିତା ମୂଣ୍ଡିକା, ଫୁଲମାଇ କ୍ରାଡିକା,ଜେର୍ମେନି ପାଡଗଣ୍ଡା, ଭୀମ ଗୋଗେରେଂଗା, ଫକିର ମହୋନ ଗୁମିଟାଙ୍ଗା , ବ୍ଲକର ସମସ୍ତ ସମିତ ସଭ୍ୟ ସଭ୍ୟା, ରାମନାଗୁଡା, ଗୁଡ଼ାରୀ , ପଦମପୁର ମଧୁବନ ସରପଞ୍ଚ, ଏମ ପି ପ୍ରତିନିଧି ମାନଙ୍କ ସହ ତହସିଲଦାର ଆଶିଷ କୁମାର ପ୍ରଧାନ, ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଅଭିଷେକ ନାୟକ , ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ଗଣେଶ ଶବର, ସିଡିପିଓ ଗୀତାରାଣୀ ସାହୁ,ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଉମାକାନ୍ତ ମିଶାଲ ,ବିଜେପି ବ୍ଲକ ସଭାପତି ପ୍ରିୟରଞ୍ଜନ ସାହୁକାର, କଂଗ୍ରେସର ଜର୍ଜ କ୍ରାଇସିକାଙ୍କ ,ଉପସ୍ଥିତରହି ଚଇତି ମହୋତ୍ସବକୁ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପ୍ରଦିପ ପ୍ରଜ୍ୱଳନ କରି ପୁଷ୍ପ ମାଳା ଦେଇ ଉଦ୍ଘାଟନ କରିଥିଲେ । ଲୋକ ମହୋତ୍ସବ ଚଇତି ସାଂସ୍କୃତିକ କାର୍ଯକ୍ରମ ଜଗୁ ବ୍ଲକର ବହୁ ଆଦିବାସୀ ପୁରାତନ ଲୁକ୍କାୟିତ ଲୋକକଳା ଉଦ୍ଭିବିତ ହେଇଥିବାନେଇ ଅତିଥି ମାନେ ମତ ପ୍ରକାଶ କରି ଖୁସି ଅନୁଭବ କରିଥିଲେ । ଚଇତିରେ ଅନୁଷ୍ଠିତ ହେଇଥିବା ମାରାଥନ ଓ ବିଭିନ୍ନ ସଂସ୍କୃତିକ ଦଳକୁ ଚଇତି ମଣ୍ଡପରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ବ୍ଲକର ବିଭିନ୍ନ ବିଭାଗ , ଏସ ଏସ ଜି ଗ୍ରୁପ୍, ଏନ ଜି ଓ ତରଫରୁ ଷ୍ଟଲ କରାଯାଇ, ଲୋକଙ୍କୁ ଯୋଜନା ଗୁଡ଼ିକଉପରେ ପ୍ରାଞ୍ଜଳ ଭାବେ ବୁଝାଇ ସଚେତନା କରଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଉମାକାନ୍ତ ମିଶାଲ, ଶ୍ରବଣ ସିଂ । ବ୍ଲକ କୃଷି ଅଧିକାରୀ ଅର୍ପିତା ବେହେରା ମାଝୀ, ଫିସେରିର ଶ୍ରୀମତି ପଣ୍ଡା, ତେଯୋସ୍ୱିନି ଦୋରା, ତପସ୍ୱିନି ଭାଟ ଅତିଥିଙ୍କୁ ସ୍ୱାଗତ କରିଥିଲେ ।ଶାନ୍ତି ଶୃଂଖଳା ନିମନ୍ତେ ଥାନା ଅଧିକାରୀ ଧରଣୀଧର ପ୍ରଧାନ, ଏସ ଆଇ ବିରେନ୍ଦ୍ର ରୟେଙ୍କ,ତରଫରୁ ପୋଲିସ ବିଭାଗ, ଅଗ୍ନି ସମ ବିଭାଗ, ମେଡ଼ିକାଲ ବିଭାଗ ମୁତୟନ କରଯାଇଥିଲା । ପରିଚାଳନାରେ ଜି ପି ଓ ରାଜେନ୍ଦ୍ର ପାଳ,ସାମାଜିକ ସୁରକ୍ଷା ଅଧିକାରୀ ରହିତ କୁମାର ପଣ୍ଡା, ସମ୍ପ୍ରସାରଣ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା, ଯନ୍ତ୍ରୀ ଦୁଷ୍ମନ୍ତ କିସାନ, ବିକାଶ ମହାପାତ୍ର,ଦେବାଶିଷ ଗୌଡ଼, ଅରୁଣ ସାହୁ, ସିପି ଗୋପୀନାଥ ମହାକୁଡ଼, ବିପିଏମ ଶ୍ରବଣ ସିଂ, ଓ ବ୍ଲକର ସମସ୍ତ କର୍ମଚାରି ସମସ୍ତ କାର୍ଯ୍ୟରେ ସହୋଯୋଗ କରିଥଲେ।

## ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ୨୭ ତମ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ

ବେଲଗୁଣ୍ଠା ୧୭/୧୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ୨୭ ତମ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ ହୋଇଯାଇଛି ଓ ଅନୁଷ୍ଠାନ ପରିଚାଳନା କମିଟି ସମ୍ପାଦକ ସୀମାଞ୍ଚଳ ପୃଷ୍ଟିଙ୍କ ଅଧକ୍ଷତା ତଥା ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ୪୮ ନମ୍ବର୍ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ସୁଧୀର କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ବନପାଳ ମିତା ପଲାଇ, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ,ସମିତି ସଭ୍ୟ ପ୍ରତିନିଧି ଅର୍ଜୁନ ବିଷୋୟୀ,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସନ୍ତୋଷ କୁମାର ବିଷୋୟୀ,ଦିବାକର ବିଷୋୟୀ,ନିତ୍ୟାନନ୍ଦ ବିଷୋୟୀ,କ୍ରୀଡ଼ା ଶିକ୍ଷକ ଆଶୁତୋଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ସ୍ଥାନୀୟ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ସୁଧୀର କୁମାର ଜେନା ଏବଂ ସମ୍ମାନିତ ଅତିଥି ଅର୍ଜୁନ ବିଷୋୟୀ କ୍ରୀଡ଼ା ପତାକା ଦେଖାଇ ମଶାଲ ଶୋଭାଯାତ୍ରାକୁ ଉଦ୍ଘାଟିତ କରିଥିଲେ ଓ ଆଜି ଦଶରୁ ଉର୍ଦ୍ଧ୍ୱ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ତିନି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଦେବାଶିଷ ବିଷୋୟୀ,ସାଂସ୍କୃତିକ ପରିଷଦ ମୁଖ୍ୟ ମିଥୁନ୍ ନାୟକ,ବରିଷ୍ଠ ଗୁରୁଜୀ ଗଣେଶ ସାହୁ, ପବିତ୍ର ମୋହନ ବିଷୋୟୀ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଗୁରୁମା ପ୍ରତିମା ବିଷୋୟୀ,ରିନା ସାହୁ,ରୋଜୀମା,ଅର୍କିତା,ସୁଜ୍ଞାନୀ,ମନିଷା, ରାଜ୍ କୁମାରୀ ସେଠୀ,ଆଶା,ଝାନସୀ ଭୂୟାଁ,ଜ୍ୟୋସ୍ନା ରାଣୀ ପ୍ରଧାନ,ସନ୍ତୋଷିନୀ ଗୌଡ,ତେଜକୁମାରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଡଃ ଦାମୋଦର ସାହୁଙ୍କ ମାତୃ ବିୟୋଗ

ବେଲଗୁଣ୍ଠା ୧୭/୧୨ (ନି.ପ୍ର): ବେଲଗୁଣ୍ଠା ଗୋପିନାଥ ସାହିର ମୂଳ ବାସିନ୍ଦା, ପ୍ରବାସୀ ଭାରତୀୟ ,ମୁଳିଆ ସ୍ମାରକୀ ବୃତ୍ତି ଓ ଡାଟା ସେଫ୍ ଗାର୍ଡ କମ୍ପାନୀର ସହ ପ୍ରତିଷ୍ଠାତା ଡଃ ଦାମୋଦର ସାହୁଙ୍କ ମାତା ଗୁରୁବାରୀ ସାହୁଙ୍କ ବିୟୋଗ ଘଟିଛି ।ମୃତ୍ୟୁ ବେଳକୁ ଗୁରୁବାରୀଙ୍କୁ ୮୨ ବର୍ଷ ବୟସ ହୋଇଥିଲା ।ସେ ଜଣେ ଅତ୍ୟନ୍ତ ଧର୍ମପରାୟଣ, ପରୋପକାରୀ,ମିଷ୍ଟଭାଷୀ ଅମାୟୀକ ମହିଳା ଥିଲେ ।ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ଥିଲେ ।ମାଆଙ୍କ ମୃତ୍ୟୁ ଖବର ପାଇ ୟୁ.ଏସ୍.ଏର ମିଚିଗାନ୍ ରୁ ଦାମୋଦର ଆସି ବେଲଗୁଣ୍ଠା ରେ ପହଞ୍ଚିଥିଲେ ।ମୃତ୍ୟୁ ଶଯ୍ୟା ନିକଟରେ ଦାମୋଦରଙ୍କ ବଡ଼ ଭାଇ ସୁବାସ ଓ ଅନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ ।ମୃତ୍ୟ ଖବର ପାଇ ବେଲଗୁଣ୍ଠା ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦାମୋଦରଙ୍କ ବାସ ଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ ।ବେଲଗୁଣ୍ଠା ତହସିଲ ଅଫିସ ରୋଡ଼ ସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।ଆଜି ତାଙ୍କର ଦ୍ୱାଦଶାହ ପୁଣ୍ୟ ତିଥି ଅବସରରେ ବେଲଗୁଣ୍ଠା ଗୋପିନାଥ ସାହି ସ୍ଥିତ ଗୋପିନାଥ ସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ବହୁ ବିଶିଷ୍ଟ ବ୍ୟକ୍ତି ଗୁରୁବାରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ଅମରାତ୍ମାଙ୍କ ସଦ୍ଗତି ପ୍ରାର୍ଥନା କରିଥିଲେ ।ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ତଥା ମୁଳିଆ ସ୍ମାରକୀ କୋର୍ କମିଟି ସଦସ୍ୟ ଅଶ୍ୱିନୀ କୁମାର ମହାନ୍ତି, କୋର୍ କମିଟି ଅନ୍ୟତମ ଉପଦେଷ୍ଟା ଚନ୍ଦ୍ରଭାନୁ ପାଢ଼ୀ,ବରିଷ୍ଠ ଅଧ୍ୟାପକ ଡକ୍ଟର ପ୍ରଦ୍ୟୁମ୍ନ କୁମାର ସାହୁ, ଯୁବ ସଙ୍ଗଠକ ଜୟଦେବ ସାହୁ, ପ୍ରେସ୍ କ୍ଲବ ଉପସଭାପତି ପ୍ରଭାତ କୁମାର ସାହୁ,ଟି.ପି.ଏସ୍.ଓ ?.ଡିଏଲ୍ ଏସ୍.ଡି.ଓ ଆଦିତ୍ୟ ଦାସ, ଗଣମାଧ୍ୟମ ପ୍ରତିନିଧି ଶିବରାମ ଚୌଧୁରୀ,ଶିବ ପ୍ରସାଦ ମହାପାତ୍ର ଡଃ ଦାମୋଦର ସହପାଠୀ ବୃନ୍ଦ ଯୋଗ ଦେଇ ସଦ୍ଗତି ପ୍ରାର୍ଥନା କରିଥିଲେ । ପ୍ରକାଶ ଥାଉ କି, ଡଃ ଦାମୋଦର ଗତ ପାଞ୍ଚ ବର୍ଷ ହେଲା ନିଜ ପୈତୃକ ସହର ବେଲଗୁଣ୍ଠାରେ ଶିକ୍ଷାର ବିକାଶ ପାଇଁ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ନିଜ ପିତା ମୁଳିଆ ସାହୁଙ୍କ ନାମରେ ମୁଳିଆ ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି ।ଯାହା କି ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ସହାୟକ ହେଉଛି ।

## ଭୀମଭୋଇ ଆଦର୍ଶ ଶିକ୍ଷା କେନ୍ଦ୍ରରେ ପରିଚାଳନା କମିଟି ବୈଠକ



ପାଟଣା ୧୭/୧୨ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଯମୁନାପଶି ଗ୍ରାମ ପଞ୍ଚାୟତର ମଧୁବନ ସାହିଠାରେ ଥିବା ଭୀମଭୋଇ ଆଦର୍ଶ ଶିକ୍ଷାକେନ୍ଦ୍ରରେ ପରିଚାଳନା କମିଟି ଏବଂ ଅଭିଭାବକ ଅଭିଭାବିକା ମାନଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ପ୍ରେମାନନ୍ଦ ମହାନ୍ତ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଶିକ୍ଷା କେନ୍ଦ୍ରରେ ଦିଆଯାଉଥିବା ଶିକ୍ଷା, ଶିକ୍ଷା କେନ୍ଦ୍ର ଏବଂ ଅଭିଭାବକ ଅଭିଭାବିକା ମଧ୍ୟରେ ସୁସମ୍ପର୍କ, ଶିକ୍ଷାକେନ୍ଦ୍ରର ନୂତନ ଗୃହ ନିର୍ମାଣ ତଥା ବଣଭୋଜି ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା ।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଉପଦେଷ୍ଟା ବାବା ଯଶୋବନ୍ତ ଦାସ, ସମାଜସେବୀ ଖଗେଶ୍ୱର ମହାନ୍ତ, ବରିଷ୍ଠ ଗୁରୁଜୀ ଗୋକୁଳ ଚନ୍ଦ୍ର ପାତ୍ର,ଗୁରୁମା ଲକ୍ଷ୍ମୀ ପାତ୍ର,ପିଙ୍କି ସିଂ, ଅଭିଭାବକ ଏବଂ ଅଭିଭାବିକା ମଧ୍ୟରେ ସୀତା ମହାପାତ୍ର, ସୁଷମା ରାଣୀ ନାୟକ, ସୀମା ମୁଣ୍ଡା, ଇତିଶ୍ରୀ ମହାପାତ୍ର,ସୂରଜ ରାୟ, ଉତ୍ତମ କୁମାର ନାଏକ, ଲମ୍ବୋଦର ନାଏକ, ଜ୍ୟୋସ୍ନା ରାଣୀ ମହାନ୍ତ, ମମତା ନାଏକ,ଫୁଲମଣୀ ନାଏକ, ପବିତ୍ର ମହାରଣା, ଚକ୍ରଧର ନାଏକ ଏବଂ ଗାୟତ୍ରୀ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ।

## ଟ୍ରେନ ଯାତ୍ରୀଙ୍କ ଆଟାଚିରୁ ୫୦ ଲକ୍ଷର ଅଳଙ୍କାର ଲୁଟ

ବ୍ରହ୍ମପୁର ୧୭/୧୨ (ନି.ପ୍ର): ଏକ ଚଳନ୍ତା ଟ୍ରେନରୁ ଯାତ୍ରୀଙ୍କ ଆଟାଚି ରୁ ୫୦ ଲକ୍ଷର ସୁନା ଓ ହୀରା ଅଳଙ୍କାର ଲୁଟ ହୋଇଥିଲା ।ବ୍ରହ୍ମପୁର ରେଳବାଇ ଥାନା ପୁଲିସ(ଜିଆରପି) କବ୍ଜାରେ ୩ଜଣିଆ ଲୁଟେରା ଗ୍ୟାଙ୍ଗ। ସେମାନେ ହେଲେ ହରିୟାଣା ରାଜ୍ୟ ରୋହତକ ଜିଲାର ସନ୍ଦୀପ(୩୨), ନରେଶ(୪୩) ଓ ସଞ୍ଜୟ(୪୩) ।ସେମାନଙ୍କ ନିକଟରୁ ପୁଲିସ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ କରିଛି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୩୨.୭ ଗ୍ରାମ ସୁନା ଅଳଙ୍କାର, ୨୯.୮ ଗ୍ରାମ ରୂପା ଅଳଙ୍କାର, ନଗଦ ୫ ହଜାର ୬୪ ଟଙ୍କା, ୨ଟି ମୋବାଇଲ ଜବତ କରିଛି। ଶନିବାର ସନ୍ଧ୍ୟାରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପଲେଇ କହିଛନ୍ତି । ଘଟଣାରୁ ପ୍ରକାଶ ଯେ , ଗତମାସ ୧୬ ତାରିଖରେ ବରଗଡର ଜନୈକ ବ୍ୟବସାୟୀ ସୁରେଶ କୁମାର ଅଗ୍ରୱାଲ, ତାଙ୍କ ପରିବାର ଲୋକେ ଓ ଜଣେ ବନ୍ଧୁଙ୍କ ପରିବାର ମିଶି ଗୋପାଳପୁର ସ୍ଥିତ ମେ-ଫେୟାର ହୋଟେଲରେ ଥିବା ଏକ ଭୋଜିରେ ଯୋଗଦେବାକୁ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ବ୍ରହ୍ମପୁର ଆସିଥିଲେ । ସେମାନେ ରାଜ୍ୟରାଣୀ ଏକ୍ସପ୍ରେସର ୨-ଟାୟାର ଏସି ବଗିରେ ଏକାଧିକ ଲଗେଜ୍ ବ୍ୟାଗ ଧରି ବ୍ରହ୍ମପୁରକୁ ଆସୁଥିଲେ। ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ସେମାନେ ଗୋପାଳପୁର ମେ-ଫେୟାରକୁ ଯାଇ ଭୋଜିରେ ଯୋଗଦେବାକୁ ସଜବାଜ ହେବା ବେଳକୁ ଆଟାଚି(ଲଗେଜ୍ ବ୍ୟାଗ)ରେ ଉପରୋକ୍ତ ୨ ପରିବାର ରଖିଥିବା ନିଜର ସମସ୍ତ ସୁନା ଓ ହୀରା ଅଳଙ୍କାର ଗାଏବ ଥିବା ଜାଣିବାକୁ ପାଇଥିଲେ। ଏପରିକି ସେମାନଙ୍କ ଲଗେଜ ବ୍ୟାଗ୍ କାଟି ଦିଆଯାଇଥିବା ଦେଖିବା ସହ ଟ୍ରେନ ଭିତରେ ନତୁବା ଷ୍ଟେସନରେ କୌଣସି ଦୁର୍ବୃତ୍ତ ଲଗେଜ୍ କାଟି ସେମାନଙ୍କର ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଯାଇଥିବା ଜିଆରପି ଥାନାରେ ଅଭିଯୋଗ କରିଥିଲେ । ଉଭୟଙ୍କ ପରିବାରର ଅଭିଯୋଗକୁ ଭିତ୍ତି କରି ଜିଆରପି ଥାନାରେ ୨ଟି ପୃଥକ ମାମଲା(କେସ ନଂ ୧୩୭/୨୪ ଓ ୧୩୮/୨୪) ରୁଜୁ ହୋଇଥିଲା ।ବ୍ରହ୍ମପୁର ଜିଆରପି ଥାନା ଓ ବ୍ରହ୍ମପୁର ଆରପିଏଫ ଥାନା ସମେତ ଆରପିଏଫର ସିଆଇବି ଓ ଏସଟିଏଫକୁ ନେଇ ଏକ ୧୪ ଜଣିଆ ଟିମ ଗଠନ କରାଯାଇ ଏହି ବଡ ଧରଣର ଲୁଟ ଘଟଣାର ତଦନ୍ତ କରାଯାଇଥିଲା ।ତଦନ୍ତ ବେଳେ ଉକ୍ତ ଦିନ ସେହି ଟ୍ରେନରେ ଯାତ୍ରା କରିଥିବା ଯାତ୍ରୀ ଓ ବ୍ରହ୍ମପୁର ସମେତ ଏକାଧିକ ଷ୍ଟେସନରେ ଲାଗିଥିବା ସିସିଟିଭି ଆଦିକୁ ଯାଞ୍ଚ କରାଯାଇଥିଲା । ଉପରୋକ୍ତ ଅଭିଯୁକ୍ତଙ୍କ ସଂପୃକ୍ତି ସ୍ପଷ୍ଟ ହେବା ପରେ ପୋଲିସ ଜଣ ପରେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ । ଏହି ଆନ୍ତରାଜ୍ୟ ଲୁଟେରା ଦଳ ଏସି ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରି ଲୁଟ କରିବା ପରେ ସମସ୍ତ ସୁନା ଅଳଙ୍କାରଙ୍କୁ ନିଜ ଭିତରେ ବାଣ୍ଟି ନେଉଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି ।

# ଆଦର୍ଶ ଓ ପରିଚୟ ସଂକଟରେ ବିଜେଡି

**ଭୁବନେଶ୍ୱର, ୧୭/୧୨:** ୨୪ ବର୍ଷର ନିରଙ୍କୁଶ ଶାସନ ପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି କ୍ଷମତାଚ୍ୟୁତ ହୋଇ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ଉଭୟ ନବୀନ ଓ ବିଜେଡିକୁ ଏପରି ଏକ ଆଦର୍ଶଗତ ସଙ୍କଟରେ ପହଞ୍ଚାଇ ଦେଇଛି ଯେଉଁଠାରୁ ଆଗକୁ ଗତି ସ୍ଥିର କରିବା ଉଭୟଙ୍କ ପାଇଁ ଆହ୍ୱାନଭରା ହୋଇଯାଇଛି। ଯଦିଓ ଗତ ନିର୍ବାଚନରେ ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି ତଥାପି ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ବିରୋଧି ଦଳ ଭାବରେ ବିଜେଡି ୫୧ ଆସନ ପାଇବା ସହିତ ଶତକଡ଼ା ୪୦ ଭାଗରୁ ଅଧିକ ଭୋଟ୍ ପାଇଛି। ଏଥିରୁ ରାଜ୍ୟରେ ବିଜେଡି ଶକ୍ତିହୀନ ବୋଲି କୌଣସି ଭାବରେ କୁହାଯାଇପାରିବ ନାହିଁ। ତୃତୀୟ ପର୍ଯ୍ୟାୟ ଗଣତାନ୍ତ୍ରିକ ଅନୁଷ୍ଠାନ କୁହାଯାଉଥିବା ରାଜ୍ୟର ୩୦ଟି ଯାକ ଜିଲ୍ଲା ପରିଷଦ ଓ ଅଧିକାଂଶ ପୌର ପରିଷଦ ବିଜେଡି ହାତରେ ରହିଛି। ଏପରି ଭାବରେ ସ୍ଥିତି ଓଡ଼ିଶାରେ କେବେ ବି ଅତୀତରେ ହୋଇନଥିଲା। ସରକାରରେ ଥିବା ବିଜେପି ଶାସନର ୬ ମାସ ଭିତରେ ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ଧାନ ଖର୍ଦ୍ଦିରେ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କା ଦେବା କାର୍ଯ୍ୟ କରିଥିଲେ ମଧ୍ୟ ସରକାରଙ୍କର ନିଜସ୍ୱ ଭାବମୂର୍ତ୍ତି ବା ଲୋକପ୍ରିୟତା ବଢ଼ିଛି ବୋଲି ଦାବି କରାଯାଇ ପାରିବନାହିଁ। ଶାସନରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ବର୍ଗର ଓ ଶାସନ କାର୍ଯ୍ୟରେ ସମ୍ପୂର୍ଣ୍ଣ ନୂଆ। ମନ୍ତ୍ରୀମଣ୍ଡଳରେ ଥିବା ସଦସ୍ୟମାନଙ୍କ ଭିତରୁ କେବଳ କନକ ବର୍ଦ୍ଧନ ସିଂହଦେଓଙ୍କୁ ଛାଡ଼ିଦେଲେ ଅନ୍ୟ ମନ୍ତ୍ରୀମାନେ ପ୍ରଥମ ଥର ପାଇଁ ମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଶାସନର ଏହି ଦୁର୍ବଳତା ହେତୁ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ବା ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରହିଥିବା ତାଙ୍କ ସମର୍ଥକମାନେ ଭାବିବା ସ୍ୱାଭାବିକ। କିନ୍ତୁ ବିଜେଡିର ଅସଲ ଦୁର୍ବଳତା ହେଉଛି ଯେ, ଗତ ଦଶ ବର୍ଷ ହେଲା ଏହି ଦଳ କୌଣସି ରାଜନୈତିକ ଆଦର୍ଶ ପ୍ରଚାର ନକରି କେବଳ ନବୀନଙ୍କ ଲୋକପ୍ରିୟତା ଓ ବିକାଶ ସ୍ଲୋଗାନ ଉପରେ ନିଜକୁ ପର୍ଯ୍ୟବସିତ କରିଥିଲା। ବିଜେଡି ଏକ ଆଞ୍ଚଳିକ ଦଳ ଭାବରେ ୧୯୯୭ରେ ଗଠିତ ହେବା ସମୟରେ ଏହାର ଥିବା ଆଦର୍ଶଗତ ସ୍ଲୋଗାନ ଓ ଚିନ୍ତାଧାରାକୁ ଦଳ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇ କେବଳ କ୍ଷମତା ଜରିଆରେ ଦଳକୁ ସୁଦୃଢ଼ ରଖାଯାଇପାରିବ ବୋଲି ଧରି ନେଇଥିଲା। ସେହି ଉଦ୍ୟମରେ ୨୦୧୪ ଓ ୨୦୧୯ରେ ଦଳ ବିପୁଳ ବିଜୟ ହାସଲ କରିବାରେ କିଛି ଅସୁବିଧା ହୋଇନଥିଲା। କିନ୍ତୁ ଦିଲ୍ଲୀରେ ନରେନ୍ଦ୍ର ମୋଦୀଙ୍କ ସରକାରର ଶକ୍ତି ଓ ସାମର୍ଥ୍ୟ ସହିତ କାର୍ଯ୍ୟ କରିବାର ଢଙ୍ଗକୁ ଦେଖି ବିଜୁ ଜନତାଦଳ ରାଜ୍ୟରେ କ୍ଷମତାକୁ ବଜାୟ ରଖିବା ପାଇଁ ଜାତୀୟ ସ୍ତରରେ ଓ ପାର୍ଲାମେଣ୍ଟରେ ମୋଦି ସରକାରଙ୍କୁ ଏପରି ଭାବେ ଆଖିବୁଜା ସମର୍ଥନ କରିଚାଲିଲା ସେଥିରେ ଏକ ଆଞ୍ଚଳିକ ଦଳ ଭାବରେ ବିଜେଡି କେଉଁ ଭାବରେ ବିଜେପି ଠାରୁ ଭିନ୍ନ ତାହା ବୁଝିବା ଅସମ୍ଭବ ହୋଇପଡ଼ିଲା। ଯଦିଓ ରାଜ୍ୟରେ ଜନତା ଦଳକୁ ଭାଙ୍ଗି ବିଜେଡି ଗଢ଼ାଯିବା ସମୟରେ ବିଜେପିକୁ ଏହାର ମେଣ୍ଟସାଥୀ ଭାବରେ ଗ୍ରହଣ କରିଥିଲା। କିନ୍ତୁ ୨୦୦୯ ନିର୍ବାଚନ ପୂର୍ବରୁ ବିଜେପି ସହିତ ସମ୍ପର୍କ ତୁଟାଇ ବିଜେଡି ଧର୍ମନିରପେକ୍ଷ ଦଳ ଭାବରେ ପରିଚୟ ପ୍ରତିଷ୍ଠାକରି ସଫଳତା ପାଇବା ପରେ ସେହି କ୍ରମରେ ୨୦୧୪ ନିର୍ବାଚନ ଅତିକ୍ରାନ୍ତ କରିଥିଲା। କିନ୍ତୁ ମୁଖ୍ୟ ବିରୋଧି ଦଳ ଭାବରେ ୨୦୧୯ରୁ ବିଜେପି ରାଜ୍ୟରେ ଆବିର୍ଭାବ ହୋଇ ସରକାରଙ୍କୁ ପ୍ରତି କ୍ଷେତ୍ରରେ ବିରୋଧ କରୁଥିଲା, ତଥାପି ବିଜେଡି ଜାତୀୟ ସ୍ତରରେ ମୋଦି ସରକାରଙ୍କ ପ୍ରତି ସମର୍ଥନ ପ୍ରଦାନରେ ଆଦୌ ଊଣା କରିନଥିଲା। ଏହି କାର୍ଯ୍ୟ ଦ୍ୱାରା ଓଡ଼ିଶାରେ ବିଜେଡି ଶାସନ ପ୍ରତି ବିପଦ ହେବନାହିଁ ବୋଲି ନବୀନ ପଟ୍ଟନାୟକ ଧରିନେଇଥିଲେ। ଓଡ଼ିଶାର ବିପୁଳ ଖଣିଜ ସମ୍ପଦ ଦୃଷ୍ଟିରୁ ରାଜ୍ୟରେ ବଡ଼ ବଡ଼ କମ୍ପାନିଗୁଡ଼ିକ ଖଣି ଲିଜ୍ ସହିତ




ଯେଉଁସବୁ ଶିଳ୍ପ ବିନିଯୋଗର ସୁଯୋଗ ସୃଷ୍ଟିକଲେ ସେହିମାନେ ଜାତୀୟ ସ୍ତରରେ ମୋଦି ଶାସନର ନିକଟବର୍ତ୍ତୀ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ଜରିଆରେ ୨୦୨୪ ନିର୍ବାଚନରେ ରାଜ୍ୟରେ ବିଜେଡିର ବିଜୟ ପାଇଁ ବିଜେପି କେନ୍ଦ୍ର ନେତୃତ୍ୱ ସାହାଯ୍ୟ କରିବେ ବୋଲି ଧରି ନିଆଯାଇଥିଲା। ଏଣୁ ଦଳ ପକ୍ଷରୁ ଆଦର୍ଶଗତ ଭିତ୍ତିରେ କୌଣସି କାର୍ଯ୍ୟକ୍ରମ କରାନଯାଇ କେବଳ ବିକାଶ ନାମରେ କ୍ଷମତାର ଲୋଭ ଦେଖାଇ ଦଳକୁ ସମ୍ପ୍ରସାରିତ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କର ବୟସ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସୃଷ୍ଟି ହୋଇଥିବା ଅସୁବିଧାର ପୂରା ଫାଇଦା ଉଠାଇ ତାଙ୍କର ବ୍ୟକ୍ତିଗତ ସଚିବ ଆଇଏସ୍ ଭିକେ ପାଣ୍ଡିଆନ୍ ବସ୍ତୁତଃ ବିଜେଡିର ପ୍ରକୃତ ନାୟକ ହୋଇଯାଇଥିଲେ। ସେହି କମ୍ପାନୀମାନଙ୍କ ସହାୟତାରେ ବିଜେପିର ଦ୍ୱିତୀୟ କ୍ଷମତାଶାଳୀ ଅମିତ୍ ଶାହଙ୍କ ସହିତ ତାଙ୍କର ସମ୍ପର୍କ ବି ହୋଇଯାଇଥିଲା। ନବୀନଙ୍କର ତାଙ୍କ ଉପରେ ସରକାରୀ କଳ ବ୍ୟତୀତ ରାଜନୈତିକ କାର୍ଯ୍ୟରେ ପୂର୍ଣ୍ଣବିଶ୍ୱାସ ଯୋଗୁ କମ୍ପାନୀମାନଙ୍କ ଜରିଆରେ ଦିଲ୍ଲୀ ନେତୃତ୍ୱ ସହିତ ତାଙ୍କର ଯେଉଁ ସମ୍ପର୍କ ସ୍ଥାପନ ହେଲା ତାହାକୁ ଏକ ବଡ଼ ରାଜନୈତିକ ସଫଳତା ଭାବରେ ନବୀନ ଧରିନେଲେ। ଏହିକ୍ରମରେ ଗତ ନିର୍ବାଚନ ପୂର୍ବରୁ ବିଜେପି ସହିତ ବିଜେଡିର ମେଣ୍ଟ କଥାବାର୍ତ୍ତା ଓ ସେଥିରେ ଆହୁରି ବିଶ୍ୱାସ ସୃଷ୍ଟି କରିବା ପାଇଁ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦ୍ୱିତୀୟ ଥର ପାଇଁ ବିଜେଡି ସମର୍ଥନ କରି ରାଜ୍ୟସଭାକୁ ପଠାଇଥିଲା। ଏହି ଘଟଣା ପ୍ରଭାବରେ ଭିକେ ପାଣ୍ଡିଆନଙ୍କ ସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ରୁଦ୍ଧଦ୍ୱାର ସାକ୍ଷାତ ଆଲୋଚନା ଓ କିଛିଦିନ ପରେ ପାଣ୍ଡିଆନ୍ ସରକାରୀ ଚାକିରି ଛାଡ଼ି ବିଜେଡିରେ ଯୋଗଦେଇ ନିର୍ବାଚନ ପ୍ରଚାର ଅଭିଯାନରେ ବାହାରିବା ଅନେକ ବିସ୍ମୟ ସୃଷ୍ଟି କରିଥିଲା। ଭିକେ ପାଣ୍ଡିଆନ ବାସ୍ତବରେ ଅମିତ୍ ଶାହଙ୍କ ସହିତ କ'ଣ ଆଲୋଚନା କରିଥିଲେ ଓ ସେମାନଙ୍କ ଭିତରେ କି ପ୍ରକାର ବୁଝାମଣା ହୋଇଥିଲା ତାହା କାହାକୁ ଜଣାନଥିଲା। ବିଜେଡିର ନେତାମାନେ ଏ ସମ୍ପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲେ। ଏହି ବୁଝାମଣାର ବିସ୍ତୃତ ତଥ୍ୟ ଓ ସତ କଥା ହୁଏତ ନବୀନଙ୍କୁ ସେ କହିଥିଲେ କି ନାହିଁ ତାହା ଜଣାନାହିଁ। କିନ୍ତୁ ନବୀନ ମଧ୍ୟ ଧରି ନେଇଥିଲେ ଯେ, ବିଜେପି ସହିତ ଏକ ନିର୍ବାଚନ ମେଣ୍ଟ ହୋଇଯିବ। ସେଥିରେ ଲୋକସଭାରେ ବିଜେପି ସମ୍ପୂର୍ଣ୍ଣ ପ୍ରାଧାନ୍ୟ ପାଇବା ସହିତ ବିଧାନସଭାରେ ସେହି ଧରଣର ପ୍ରାଧାନ୍ୟ ବିଜେଡିକୁ ମିଳିବ। ସେହି ଲକ୍ଷ୍ୟରେ ନବୀନ ପଟ୍ଟନାୟକ ନିର୍ବାଚନ ଘୋଷଣାର ମାତ୍ର କିଛିଦିନ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ବିଜେପି ପକ୍ଷରୁ ଚଣ୍ଡିଖୋଲ ନିକଟରେ ହୋଇଥିବା ସଭା ଓ ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଯୋଗ ଦେଇଥିଲେ। ମୋଦିଙ୍କ ପାଖରୁ ଯେଉଁ ଇଙ୍ଗିତ ମିଳିଥିଲା ସେଥିରେ ମେଣ୍ଟ କଥାବାର୍ତ୍ତା ସଫଳ ହେବ ବୋଲି ଧରି ନିଆଯାଇଥିଲା। ନିର୍ବାଚନର ପ୍ରଚାର ଜନିତ ଶାରୀରିକ କଷ୍ଟ ବୋଧହୁଏ ନବୀନ ନେବାକୁ ପ୍ରସ୍ତୁତ ନଥିଲେ। ତେବେ ଶେଷରେ ମେଣ୍ଟ କଥାବାର୍ତ୍ତା ଭାଙ୍ଗିଗଲା। ଆଶ୍ଚର୍ଯ୍ୟର କଥା ମେଣ୍ଟ ଭାଙ୍ଗିଯିବା ପରେ ମଧ୍ୟ ବିଜେଡିର ସମସ୍ତ ରଣକୌଶଳ ଓ ପ୍ରାର୍ଥୀ ମନୋନୟନ ଦାୟିତ୍ୱ ଭିକେ ପାଣ୍ଡିଆନ ଅତି ଚତୁରତାର ସହିତ ହାତକୁ ନେଇଗଲେ। ଏହି ପ୍ରାର୍ଥୀ ମନୋନୟନ କାର୍ଯ୍ୟରେ ପାଣ୍ଡିଆନଙ୍କୁ ଦଳୀୟ ନେତାମାନଙ୍କ ଅପେକ୍ଷା ଦୁଇଜଣ ଆଇପିଏସ୍ ଅଧିକାରୀ ଡିଏସ୍ କୁଟେ ଓ ଆଶିଷ ସିଂହ ପ୍ରମୁଖ ଭାବରେ ସହଯୋଗ କରୁଥିଲେ। ବାସ୍ତବରେ ବିଜୁ ଜନତା ଦଳ ନିର୍ବାଚନ ପରିଚାଳନା ଓ ପ୍ରାର୍ଥୀ ମନୋନୟନ ଏହି ତ୍ରିମୂର୍ତ୍ତିଙ୍କ ହାତକୁ ଚାଲିଯାଇଥିଲା। ପାଣ୍ଡିଆନ୍ ଚାକିରୀରୁ ଇସ୍ତଫା ଦେଇ ନିର୍ବାଚନ ପ୍ରଚାରରେ ଅନ୍ୟ ନେତାମାନଙ୍କୁ ପଛରେ ପକାଇ ନବୀନଙ୍କ ଉତ୍ତରାଧିକାରୀ ଭାବରେ କାମ କରୁଥିବାର ଏକ ଧାରଣା ସୃଷ୍ଟି କରିଦେଲେ। କୁଟେ ଓ ଆଶିଷ ସିଂହ ସରକାରୀ ଅଧିକାରୀ ଭାବରେ ରହିଥିବାରୁ ବିଜେପି ନିର୍ବାଚନ ପ୍ରଚାରରେ ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ପ୍ରମୁଖ ବିଷୟ ଭାବରେ ଉପସ୍ଥାପିତ କଲା। ଶେଷରେ ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ପୂର୍ବରୁ କୁଟେ ଓ ଆଶିଷ ସିଂହଙ୍କ ବିରୋଧରେ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲେ। ଏହା ଭୋଟରମାନଙ୍କୁ ବେଶ୍ ପ୍ରଭାବିତ କଲା। ହେଲେ ପାଣ୍ଡିଆନଙ୍କ ନେତୃତ୍ୱାଧୀନ ଏହି ଅଣଓଡ଼ିଆ ଅଫିସରମାନେ ଅମିତ୍ ଶାହଙ୍କୁ ଦେଇଥିବା ବୁଝାମଣା ଅନୁସାରେ ବିଜେଡି ଲୋକସଭା ଉପରେ ଆଦୌ ଗୁରୁତ୍ୱ ନଦେଇ କେବଳ ବିଧାନସଭା ଉପରେ ନିଜକୁ ପର୍ଯ୍ୟବେସିତ କଲେ।

## ଜଙ୍ଗଲ ବିଭାଗର ମହାଦୁର୍ନୀତି: ୪୩.୭୫ କୋଟି ହେରଫେର

**ଭୁବନେଶ୍ୱର,୧୭/୧୨(ନିପ୍ର):** ଯାଜପୁର ଜିଲ୍ଲାର ପଶ୍ଚିମଭାଗରେ ଥିବା ସୁକିନ୍ଦା ଖଣିଖାଦାନ ଅଞ୍ଚଳରୁ ବ୍ୟାପକ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଅଥଚ କାଗଜପତ୍ରରେ ପ୍ରତିବର୍ଷ ଜଙ୍ଗଲ ବିଭାଗ ହଜାର ହଜାର ଗଛ ଲଗାଯାଉଥିବା ଦର୍ଶାଇ ବିଭିନ୍ନ ବିଭାଗରୁ କୋଟିକୋଟି ଟଙ୍କା ବିଲ୍ କରିବାରେ ଲାଗିଛି। ଏପରିକି ପାର୍କ ଉନ୍ନତୀକରଣ ନାମରେ କୋଟିକୋଟି ଟଙ୍କା ମିଥ୍ୟା ବିଲ୍ ହୋଇଛି। ସୁକିନ୍ଦା ବ୍ଲକର ନିମପଲ୍ଲୀ ଅର୍ବାନ୍ ପାର୍କରେ ଗୋଟିଏ ଗଛ ପୋତାଯାଇ ନାହିଁ। ଏଠାରେ ୨ବର୍ଷ ତଳେ ୮କୋଟି ୯୭ ଲକ୍ଷ ଟଙ୍କା ଡିଏମ୍ଏଫ୍‌ରୁ ବ୍ୟୟ ହୋଇଛି। ନିମପଲ୍ଲୀ ପାର୍କ ଭଳି ସୁକିନ୍ଦା ରେଞ୍ଜରେ ପାର୍କ ଉନ୍ନତୀକରଣ ନାମରେ କେବଳ ୨୦୨୧-୨୨ ଆର୍ଥିକ ବର୍ଷରେ ୪୩.୭୫ କୋଟି ଟଙ୍କାର ମହାଦୁର୍ନୀତି ଘଟଣା ସାମନାକୁ ଆସିଛି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶଥାଉକି, କଟକ ଜଙ୍ଗଲ ଡିଭିଜନ ଅଧୀନ ସୁକିନ୍ଦା ରେଞ୍ଜ ନିମପଲ୍ଲୀଠାରେ ଅର୍ବାନ୍ ପାର୍କ ଉନ୍ନତୀକରଣ ନାମରେ ଡିଏମ୍ଏଫ୍ ଅନୁଦାନରୁ ୮କୋଟି ୯୭ ଲକ୍ଷ ଟଙ୍କା ବିଲ୍ କରାଯାଇଛି। ଏଠାରେ ଗୋଟିଏ ଗଛ ଲାଗିନାହିଁ। ଲୋକଙ୍କ ଆମୋଦପ୍ରମୋଦ ପାଇଁ କେ?ଣସି ବ୍ୟବସ୍ଥା କରାଯାଇ ନାହିଁ। ୧୦ ଏକର ପରିମିତ ଜମିରେ ମାତ୍ର ୧ଏକର ପରିମିତ ଜମିରେ ୨ଟି ପୋଖରୀ ଖୋଳା ଯାଇଥିଲାବେଳେ କିଛି ରାସ୍ତା କରାଯାଇଛି। ବିଦ୍ୟୁତ୍? ଟ୍ରାନ୍ସଫର୍ମର ଲାଗିଛି, ଯେଉଁ ଆଲୋକ ବ୍ୟବସ୍ଥା କରାଯାଇଥିଲା, ତାହା ଆଉ ନାହିଁ। ମାତ୍ର ଦୁଇବର୍ଷ ତଳେ ୨୦୨୧-୨୨ ଆର୍ଥିକ ବର୍ଷରେ ନିମପଲ୍ଲୀ ଅର୍ବାନ ପାର୍କ ଭଳି ସୁକିନ୍ଦା ବ୍ଲକ୍ ଅଞ୍ଚଳରେ ଡିଏମ୍ଏଫ୍ ଅନୁଦାନକୁ ହଡ଼ପ କରାଯାଇଛି। ନିମପଲ୍ଲୀ ପାର୍କ ବାବଦରେ ୮.୯୭କୋଟି ଟଙ୍କା ହରିଲୁଟ୍ କରିବା ଭଳି ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣିରେ ବିଜୁ ପଟ୍ଟନାୟକ ଔଷଧୀୟ ବଗିଚା ଉନ୍ନତୀକରଣ ନାମରେ ୮.୫୨ କୋଟି ଟଙ୍କା, ସରାଂଶଠାରେ ଅର୍ବାନ୍ ପାର୍କ ନାମରେ ୯.୯୯କୋଟି, ଚମ୍ପାଝରର ଟମକାଠାରେ ପ୍ରାଣୀ ଓ ଉଦ୍ଭିଦ ପାର୍କ ନାମରେ ୭.୯୩ କୋଟି ଓ ଅଶୋକଝରଠାରେ ଇକୋ ରିଟ୍ରିଟ୍ ସେଣ୍ଟର ନାମରେ ୮.୩୪ କୋଟି ଟଙ୍କା ମହାଦୁର୍ନୀତି କରାଯାଇଛି।

## କୁଆଡ଼େ ଗଲା ବିଏମ୍‌ସି ଟଙ୍କା ସରକାର ମାଗିଲେ ହିସାବ

**ଭୁବନେଶ୍ୱର,୧୭/୧୨(ନିପ୍ର):** ବିଏମ୍‌ସି କପର୍ଦ୍ଦକ ଶୂନ୍ୟ। ନିଜ ପାଣ୍ଠିରୁ ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ ସବୁ ଖର୍ଚ୍ଚ କରିଦେଇଛି। ଏଣୁ ଏବେ ଆଉ ଜନହିତକର ପ୍ରକଳ୍ପ ପାଇଁ ଅର୍ଥ ନାହିଁ। ଯେତିକି ପୁରୁଣା ଥିଲା ସେ ସବୁ ପ୍ରକଳ୍ପ ପ୍ରଭାବିତ ହୋଇଛି ଏବଂ ନୂଆ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଆଯାଇ ପାରୁନି। ଖର୍ଚ୍ଚ ହୋଇଥିବା ଅର୍ଥ ପ୍ରଦାନ କରିବାକୁ ବିଏମ୍‌ସି ସରକାରଙ୍କୁ ଚିଠି ଲେଖି ବସିଯାଇଛି।



କେବଳ ଚିଠି ହଲେଖି ବସିଯାଇନି ବରଂ ବିଭିନ୍ନ ସମୟରେ ସରକାର ଅର୍ଥ ଦେଉ ନାହାନ୍ତି ବୋଲି ନେତା ଗଣମାଧ୍ୟମରେ କହୁଛନ୍ତି। ଏମିତି ପ୍ରତୀୟମାନ ହେଉଛି କି ସରକାର ଅର୍ଥ ଦେଉନଥିବାରୁ ଭୁବନେଶ୍ୱରରେ ଜନହିତକର କାର୍ଯ୍ୟ ହୋଇ ପାରୁନି। ଏଥିପାଇଁ ସରକାର ଦୋଷୀ। କିନ୍ତୁ ଅସଲ କଥା ଭିନ୍ନ। କେଉଁ ପ୍ରକଳ୍ପରେ କଣ ଖର୍ଚ୍ଚ କରିଛ ତାହାର ହିସାବ ମାଗିଛନ୍ତି ରାଜ୍ୟ ସରକାର। ତା ସହିତ ଖର୍ଚ୍ଚ କରିବା ପୂର୍ବରୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ନେଇଥିବା ସ୍ୱୀକୃତିପତ୍ର ଓ ପ୍ରକଳ୍ପ ସବୁର ସମାପ୍ତି ପ୍ରମାଣପତ୍ର ତଲବ କରିଛନ୍ତି। ଏ ସବୁକୁ ତର୍ଜମା କରିବା ପରେ ସରକାର ଅର୍ଥ ପୈଠ କରିବେ ବୋଲି କହିଛନ୍ତି। ଏହି ଚିଠି ପାଇବା ପରେ ବିଏମ୍‌ସିର ଅକଲ ଗୁଡୁମ୍ ହୋଇଛି। ଉତ୍ତର ଦେଇ ପାରୁନି। ବାସ୍ତବରେ ସରକାରଙ୍କ ବିନା ସ୍ୱୀକୃତିରେ କୋଟି କୋଟି ଟଙ୍କା ବରବାଦ କରିଦିଆଯାଇଛି। ଏହି ବରବାଦ ପଛର ମୁଖ୍ୟ ନାୟକ ସିଟି ଇଞ୍ଜିନିୟର ବୋଲି ଦର୍ଶାଇ ତାଙ୍କୁ ବିଏମ୍‌ସିରୁ ବିଦା କରିବା ପାଇଁ କର୍ପୋରେଟର ମାନେ ଗତ କର୍ପୋରେସନ ବୈଠକରେ ହୋ ହଲ୍ଲା କରିଥିଲେ। ଏବେ ସରକାରଙ୍କ ଚିଠି ବିଏମ୍‌ସିରେ ପହଞ୍ଚିବା ଓ ବିଏମ୍‌ସି ଉତ୍ତର ଦେଇ ନପାରିବା ଘଟଣା କର୍ପୋରେଟରଙ୍କ ଅଭିଯୋଗକୁ ପ୍ରମାଣିତ କରିଛି। ଜାଗା ମିସନରେ ବିଏମ୍‌ସି ୭୪୨ ପ୍ରକଳ୍ପ ପ୍ରସ୍ତୁତ କରିଥିବା ଦର୍ଶାଇ ସରକାରଙ୍କୁ ଗତ ୪ ତାରିଖରେ ଚିଠି ଲେଖିଥିଲା। ପ୍ରକଳ୍ପରେ ହୋଇଥିବା ଖର୍ଚ୍ଚ ପ୍ରଦାନ କରିବାକୁ ମୁଖ୍ୟ ବିତ୍ତ ଅଧିକାରୀ(ସିଏଫ୍‌ଓ) ଜାଗା ମିସନ ନିର୍ଦ୍ଦେଶକଙ୍କୁ ଲେଖିଥିଲେ। ଏହି ପ୍ରକଳ୍ପରେ ଜାଗା ମିସନ ଅଧିନରେ ଭୂମି ଅଧିକାର ପ୍ରମାଣପତ୍ର(ଏଲ୍ଆରସି) ବଣ୍ଟାଯିବା ସହ ବସ୍ତିରେ ଡ୍ରୋନ୍ ସର୍ଭେ, ଘରଘର ବୁଲି ସର୍ଭେ, ଉଷା ସର୍ଭେ ଭଳି କାର୍ଯ୍ୟ ରହିଥିଲା। ତା' ସହିତ ଏଲ୍ଆରସି ବାଣ୍ଟିବା ପାଇଁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ମଧ୍ୟ ରହିଥିଲା। କିନ୍ତୁ ପ୍ରକଳ୍ପ ସମାପ୍ତି ପ୍ରମାଣପତ୍ର ନଥିଲା କିମ୍ବା ପ୍ରକଳ୍ପ ପ୍ରସ୍ତୁତ କରିବା ପୂର୍ବରୁ ଖର୍ଚ୍ଚର ସ୍ୱୀକୃତିପତ୍ର ନଥିଲା।

## ବିଜେଡିରୁ ଚାଲିଛି ଇସ୍ତଫାର ସୁଅ

### ବିଜେପିରେ ମିଶିଲେ ଜୟପୁର ବ୍ଲକ ଅଧକ୍ଷା

**ଭୁବନେଶ୍ୱର, ୧୭/୧୨:** ବିଜେଡିରୁ ଚାଲିଛି ଇସ୍ତଫାର ସୁଅ। ସାଧାରଣ ନିର୍ବାଚନ ବିପର୍ଯ୍ୟୟ ପରେ ଦଳରେ ନେତୃତ୍ୱର ଅପାରଗତା ଓ ଅନିଶ୍ଚିତତାକୁ ଦେଖି ଦଳୀୟ ନିର୍ବାଚିତ ପ୍ରତିନିଧିମାନେ ଦଳରୁ ଇସ୍ତଫା ଦେବାରେ ଲାଗିଛି। ଏହି କ୍ରମରେ କୋରାପୁଟ ଜିଲ୍ଲା ଜୟପୁର ପଂଚାୟତ ସମିତି ଅଧକ୍ଷା ତିଳୋତ୍ତମା ମୁଦୁଲି ଆଜି ନିଜର ସମର୍ଥକମାନଙ୍କ ସହ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ସେହିପରି ବିଜେଡିର ଗଡ଼ ଥିବା ଯାଜପୁର ଓ କଟକ ଜିଲ୍ଲାରୁ ମଧ୍ୟ ଦଳୀୟ କର୍ମୀ ଓ ନେତାମାନେ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ଆୟୋଜିତ ଏକ ମିଶ୍ରଣ ପର୍ବରେ କୋରାପୁଟ, କଟକ ଓ ଯାଜପୁର ଜିଲ୍ଲାର ତୃଣମୂଳସ୍ତର ନେତାମାନେ ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ଦଳର ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ଜୟପୁର ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲିଙ୍କ ନେତୃତ୍ୱରେ ସରପଂଚ ଆନନ୍ଦ ହାଲୁଆ, ଟଙ୍କଧର ହାଲୁଆଙ୍କ ସମେତ ୧୩ ସରପଂଚ, ୧୪ଜଣ ସମିତି ସଭ୍ୟ ଓ ୧୧ ଜଣ ଏସଡିସି (ସ୍ପେଶାଲ ଡେଭଲପମେଂଟ୍ କାଉନସିଲ) ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି କଟକ ଜିଲା ବିଜେଡି ଉପସଭାପତି ତଥା ଆମ୍ବା କମିଟି ଅଧକ୍ଷ ଆଦିତ୍ୟ



ପାଣିଙ୍କ ନେତୃତ୍ୱରେ ସରପଂଚ ପ୍ରତିମା ମଲ୍ଲିକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ରୀନା ସ୍ୱାଇଁ ସମେତ ୫୦ରୁ ଊର୍ଦ୍ଧ୍ୱ ଆଗଧାଡ଼ିର ବିଜେଡି କର୍ମୀ ବିଜେପିରେ ଯୋଗଦେଇଛନ୍ତି । ବିଜେଡି ନେତା ପ୍ରଣବପ୍ରକାଶ ଦାସଙ୍କ ଯାଜପୁର ଜିଲାର ଚିଟାଳୋ ପଂଚାୟତର ପୂର୍ବତନ ସରପଂଚ ଦିଲୀପ ମହାନ୍ତି, ପୂର୍ବତନ ପଂଚାୟତ ସମିତି ସଭ୍ୟ ନିରୁପମା ସେଠୀଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ଫଳରେ ରାଜ୍ୟରେ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହ ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର ଓ ବିଜେପିର ନୂଆ ସରକାରକୁ ନେଇ ଓଡିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି ବୋଲି କହିଛନ୍ତି । ସୂଚନାଯୋଗ୍ୟ ଗତ ସପ୍ତାହରେ ନବୀନଙ୍କ ନିଜ ଜିଲ୍ଲା ଗଞ୍ଜାମର ସୋରଡ଼ା ପଂଚାୟତ ସମିତି ଅଧକ୍ଷା ପ୍ରମିଳା କୁମାରୀ ପ୍ରଧାନ ନିଜର ସମର୍ଥକମାନଙ୍କ ସହ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ । ତା'ପୂର୍ବ ସପ୍ତାହରେ ବଡ଼ମ୍ବା ପଂଚାୟତ ସମିତି ଅଧକ୍ଷ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ।

## ଓଡ଼ିଶା ଭିଜନ୍-୨୦୩୬ ଓ ୨୦୪୭

**ଭୁବନେଶ୍ୱର,୧୭/୧୨(ନିପ୍ର):** ୨୦୩୬ ବେଳକୁ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ଶହେ ବର୍ଷ ପୂରଣ ହେବ । ୨୦୪୭ ବେଳକୁ ଭାରତ ସ୍ୱାଧୀନ ହେବାକୁ ଶହେ ବର୍ଷ ହେବ । ଏହି ଅବସରରେ 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଗଠନ ପାଇଁ ରାଜ୍ୟ ସରକାର ଜନସାଧାରଣଙ୍କ ମତାମତ ଲୋଡିଥିଲେ । 'ଓଡ଼ିଶା ଭିଜନ୍-୨୦୩୬ ଓ ୨୦୪୭' ପାଇଁ ଇମେଲ୍ ଓ ହ୍ୱାଟସଆପ୍‌ରେ ମତ ଦେବାକୁ ଅନୁରୋଧ କରିଥିଲେ । ସରକାରଙ୍କ ଏହି ପ୍ରୟାସକୁ ମିଳିଛି ଐତିହାସିକ ସଫଳତା । ଏଥିରେ ସାମିଲ ହୋଇଛନ୍ତି ୩ ଲକ୍ଷରୁ ଅଧିକ ନାଗରିକ । ବିଭିନ୍ନ ପରାମର୍ଶ ଦେଇଛନ୍ତି ।



ସେଥିମଧ୍ୟରୁ ଅଧିକାଂଶ ନାଗରିକ ଜଳବାୟୁ ସହିତ ଖାପ ଖୁଆଇ ସ୍ମାର୍ଟ ଚାଷ ନେଇ ପରାମର୍ଶ ଦେଇଛନ୍ତି । ଅଧିକାଂଶ ନାଗରିକ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ସହ ପର୍ଯ୍ୟଟନ ଓ ଐତିହ୍ୟକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଏଥିରେ ଭାଗ ନେଇଥିବା ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ ଓଡ଼ିଶାର ଭବିଷ୍ୟତକୁ ସୁନ୍ଦର ରୂପ ଦେବାକୁ ବହୁମୂଲ୍ୟ ପରାମର୍ଶମାନ ଦେଇଛନ୍ତି । ତେଣୁ 'ଓଡ଼ିଶା ଭିଜନ୍ ୨୦୩୬ ଓ ୨୦୪୭'ରେ ଭାଗ ନେଇଥିବା ସମସ୍ତ ନାଗରିକଙ୍କୁ ଧନ୍ୟବାଦ । ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା କୃତ୍ରିମ ବୁଦ୍ଧିମତା (ଏଆଇ) ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କ ମତାମତର ସମୀକ୍ଷା କରିଛି । ଶ୍ରେଷ୍ଠ ମତଗୁଡ଼ିକୁ ସଂଗ୍ରହ କରି ରାଜ୍ୟ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଛି । ଏହି ଅଭିନବ ପଦକ୍ଷେପ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ନାଗରିକଙ୍କର ଉନ୍ନତି ନେଇ ଓଡ଼ିଶା ସରକାରଙ୍କର ପଦକ୍ଷେପକୁ ସ୍ପଷ୍ଟ କରିଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ବିକଶିତ ଓଡ଼ିଶାର ଭିଜନ୍ ପ୍ରସ୍ତୁତ ପାଇଁ ଲୋକଙ୍କ ଆଗ୍ରହ ଓ ମିଳିତ ପ୍ରୟାସର ପ୍ରଶଂସା କରିଛନ୍ତି । ଏହି ମତାମତ ଦେବାରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ, ଘରୋଇ ଓ ସରକାରୀ ଅନୁଷ୍ଠାନ କର୍ମଚାରୀ, ବିଭିନ୍ନ ସଙ୍ଗଠନ ଓ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ଅଛନ୍ତି । ୧୭ଟି ପ୍ରମୁଖ ବିଷୟକୁ ନେଇ ଲୋକେ ପରାମର୍ଶ ଦେଇଛନ୍ତି । କୃଷି ଓ ଗ୍ରାମୀଣ ଉନ୍ନତିକୁ ଗୁରୁତ୍ୱ ଦେବାକୁ ବହୁ ଲୋକ କହିଛନ୍ତି । ଜଳସମ୍ପଦ ବୃଦ୍ଧି କରି ସ୍ମାର୍ଟ କୃଷି ଦ୍ୱାରା ଉତ୍ପାଦନ ବଢ଼ାଇବା, ଉତ୍ପାଦନ ସାମଗ୍ରୀର ବିକ୍ରି ପାଇଁ ବଜାର ସୃଷ୍ଟି କରିବା, ନିରନ୍ତର ବିକାଶ ପାଇଁ ଖଣି ଯୋଜନା କରିବା, ପରିବେଶ ଉପଯୋଗୀ ନୀତି ପ୍ରସ୍ତୁତ କରିବା, ଅତ୍ୟାଧୁନିକ ସ୍ମାର୍ଟସିଟି ପ୍ରକଳ୍ପକୁ ଗୁରୁତ୍ୱ ଦେବା ବାବଦରେ ବହୁ ପରାମର୍ଶ ଆସିଛି । ଅଧିକରୁ ଅଧିକ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ମଧ୍ୟ କିଛି ବୁଦ୍ଧିଜୀବୀ କହିଥିବା ସୂଚନା ମିଳିଛି

## ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁମୁଆଁ ଭୋଗ



**ଆରଡି,୧୭/୧୨(ନିପ୍ର):** ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ବାବା ଆଖଣ୍ଡଳମଣିଙ୍କୁ ଲାଗି ହୋଇଛି ଧନୁମୁଆଁ ଭୋଗ। ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ପୌଷମାସର ପ୍ରଥମଦିନ ହୋଇଥିବାରୁ ମଣିବାବାଙ୍କୁ ଏକମାସ ଧରି ପହିଲି ଅନ୍ନନୀତି ଭୋଗ ଲାଗି କରାଯିବ। ଏଥିପାଇଁ ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି ସମ୍ପନ୍ନ ହେବା ପରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସେବାୟତ ଓ ଭକ୍ତଙ୍କ ପକ୍ଷରୁ ଧନୁମୁଆଁ ଭୋଗ ଲାଗି କରାଯାଇଥିଲା। ପରେ ପହିଲି ଅନ୍ନନୀତି ଭୋଗ ଲାଗି ହେବା ପରେ ସାହଣମେଲାରେ ଭକ୍ତମାନେ ଧାଡି ଦର୍ଶନ କରିଥିଲେ। ଅପରାହ୍ଣ ସୁଦ୍ଧା ସମସ୍ତ ସକାଳ ନୀତିକାନ୍ତି ସରିବା ପରେ ମଣିବାବାଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ପରେ ସନ୍ଧ୍ୟାରେ ଧନୁ ନୀତି ଭୋଗ ଲାଗି ହେବା ସହ ବଡ ଆଳତୀ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କର ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ ଆରଡି ଫାଣ୍ଡି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ୮୦ ଲିଟରର ମଦ ଜବତ, ୬ ଗିରଫ

**ବାସୁଦେବପୁର:** ବାସୁଦେବପୁର ଅଞ୍ଚଳରେ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮୦ ଲିଟର ମଦ ଜବତ କରାଯାଇଛି। ଏଥିସହ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ବାସୁଦେବପୁର ଥାନା ଓ ନାୟକାଣିଡିହି ଥାନା ଅଧିନ ଅଞ୍ଚଳରେ ଏହି ଚଢାଉ କରାଯାଇଛି।

## ଯୁବ କଂଗ୍ରେସ ଘେରିଲା ବିଷ୍ଣୁପଦ ସେଠୀଙ୍କ ବାସଭବନ




**ଭୁବନେଶ୍ୱର,୧୭/୧୨(ନିପ୍ର):** ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ସୋମବାର ଘେରଉ କରାଯାଇଥିଲା। ଶ୍ରୀ ସେଠୀ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ବୋଲି ଅଭିଯୋଗ ଉଠାଇବା ସହ ତାଙ୍କ ଗିରଫ ଦାବିରେ ଯୁବ ବିକ୍ଷୋଭ ପ୍ରଦର୍ଶନ କଂଗ୍ରେସ କର୍ମୀ କରିଥିଲେ । ଶ୍ରୀ ସେଠୀଙ୍କ ସରକାରୀ ବାସଭବନ ଆଡକୁ ଯିବାବେଳେ ପୁଲିସ ପକ୍ଷରୁ ପଥରୋଧ କରାଯାଇଥିଲା । ଫଳରେ ପୁଲିସ ସହିତ ଯୁବ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି ହୋଇଥିଲା। ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଥିଲେ ଯେ, ବ୍ରିଜ ଆଣ୍ଡ ରୁଫ୍ କର୍ପୋରେସନ ଦୁର୍ନୀତି ମାମଲାରେ ପ୍ରମୁଖ ସଚିବ ବିଷ୍ଣୁପଦଙ୍କ ସମ୍ପୃକ୍ତି ରହିଛି । ତାଙ୍କୁ ଗିରଫ କରାଯିବା ଦରକାର । ଏଥିସହିତ ଯେଉଁ ରାଜନେ ନେତା ଏବଂ କର୍ମଚାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା। ଛାତ୍ର କଂଗ୍ରେସ ପୂର୍ବ ପୂର୍ବତନ ରାଜ୍ୟ ସଭାପତି ସୟଦ ୟାସିର ନୱାଜ କହିଥିଲେ ଶ୍ରୀ ସେଠୀଙ୍କୁ ଦୁର୍ନୀତିଗ୍ରସ୍ତ ଅଧିକାରୀ ବୋଲି ଅଭିଯୋଗ କରିବା ସହ ଏହି ଘଟଣାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀଙ୍କୁ ତଦନ୍ତ ପରିସରକୁ ଆଣିବାକୁ ଯୁବ କଂଗ୍ରେସ ନେତା ମନୋଜ ବିଶ୍ୱାଳ, ଉଦିତ ପ୍ରଧାନ, ସୁଦୀପ ସାମଲ, ନିହାର ବେହେରା ପ୍ରମୁଖ ଦାବି କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ